

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

Vol.5 | Issue- 31 | January 10 to 16, 2022, | Jagatsinghpur | Page-8 | Rs. 5/-

ବର୍ଷ-୫ | ସଂଖ୍ୟା- ୩୧ | ଜାନୁଆରୀ ୧୦ ରୁ ୧୬, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ଆମେ ନବୀନଙ୍କୁ ଭୋଟ ଦେବୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁପରି ଭାବରେ ବିଭିନ୍ନ ସରକାରୀ/ବେସରକାରୀ ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦିଗୁଡିକଙ୍କୁ ଯେଉଁପରି ଭାବରେ ସାହାଯ୍ୟ ଓ ସହଯୋଗର ହାତ ବଢାଇଛନ୍ତି ଆମେ କେବେ ସେସବୁକୁ ଭୁଲି ପାରିବୁ ନାହିଁ ବୋଲି କୁହାଯାଇ ଆମେ ନବୀନଙ୍କୁ ଭୋଟ ଦେବୁ ବୋଲି କହୁଥିବା ଶୁଣିବାକୁ ମିଳୁଛି। ଛକ ହେଉ ବା ବଜାର, ସହର ହେଉ କି ଗ୍ରାମାଞ୍ଚଳ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ହୁଅନ୍ତୁ ସବୁ ମୁହଁରେ ଗୋଟିଏ କଥା ଆମେ ନବୀନଙ୍କୁ ଭୋଟ ଦେବୁ। ବିରୋଧୀ ଦଳର ଛତରଖିଆ ନେତାଙ୍କୁ ଭୋଟ ଦେବୁ ନାହିଁ ବୋଲି କହୁଛନ୍ତି। ରାଜ୍ୟରେ ଯେଉଁପରି ଭାବରେ ମନ୍ତ୍ରୀ ଓ ବିଧାୟକଙ୍କୁ ଅଣ୍ଡାମାଡ କରିବା, ତଥ୍ୟ ଭିତ୍ତିକ ଅଭିଯୋଗ ନ ଥାଇ କୋପାଗଣ୍ଡା କରିବା, ଜନଜୀବନ ଯାତ୍ରାରେ ଅସୁବିଧା ସୃଷ୍ଟି କରିବା, ମାସ ମାସ ଧରି ଧର୍ମଘଟ, ଆନ୍ଦୋଳନ, ଧାରଣା, କଳାପତାକା ଦେଖାଇବା ଆଦି ଘଟଣା ଭିତ୍ତିହୀନ ହୋଇଥିବାକୁ ଇସ୍ୟୁ କରି ବାରମ୍ବାର ରାଜ୍ୟରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିଆସୁଥିବା ଏହି ଛତରଖିଆ ବିରୋଧୀ ବା ନେତାଙ୍କୁ ଆଉ ଭୋଟ ଦେବୁ ନାହିଁ ବୋଲି ରୋକ୍‌ଠୋକ୍ କହୁଥିବା ଶୁଣାଯାଉଛି। ନିକଟରେ ଶିକ୍ଷକମାନଙ୍କୁ ନିଯୁକ୍ତି, ଦରମା ବୃଦ୍ଧି,




ସ୍ଥାୟୀ ନିଯୁକ୍ତି, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଦିଙ୍କୁ ଯେଉଁପରି ଭାବରେ ଅନୁକମ୍ପାମୂଳକ ସହାୟତା, ସାହାଯ୍ୟ ଓ ଅର୍ଥର ବ୍ୟବସ୍ଥା କଲେ ସେସବୁକୁ ଆମେ କେବେ ଭୁଲିବୁ ନାହିଁ ବୋଲି କହୁଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ, କାଳିଆ ଯୋଜନା, ଅଭାବ ଅନଟନ ବେଳେ ଆହାର ଯୋଜନା, ଚାଷୀଙ୍କୁ ସ୍ୱାସ୍ଥ୍ୟ ବୀମା, ସାମ୍ବାଦିକ ଓ ହକରଙ୍କୁ ସ୍ୱାସ୍ଥ୍ୟ ବୀମା ଆଦି ପ୍ରତ୍ୟେକ କ୍ଷେତ୍ରରେ ନବୀନ ସରକାର ଯେଉଁପରି ଭାବରେ ସହାୟତାର ହାତ ବଢାଇଛନ୍ତି ସେସବୁକୁ କେବେ ହେଲେ ଆମେ ବେଇମାନୀ କରିବୁ ନାହିଁ, ନବୀନଙ୍କୁ ଭୋଟ ଦେବା କଥା ହିଁ ଦବୁ ବୋଲି କହୁଥିବା ଶୁଣାଯାଉଛି।

ମିଶନ ଶକ୍ତିକୁ ପ୍ୟାକେଜ୍ ଘୋଷଣା- ପଞ୍ଚାୟତ ସ୍ତରରେ କାମ କରୁଥିବା ମିଶନ ଶକ୍ତିର ୫୦ହଜାର ମା’ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବେ ରାଜ୍ୟ ସରକାର ବୋଲି ନିଷ୍ପତ୍ତି ନେଇଛନ୍ତି। ୟୁନିଫର୍ମ ପାଇଁ ଭତ୍ତା, ସ୍ମାର୍ଟଫୋନ୍ ଓ ଗ୍ରସ୍ତ ଖର୍ଚ୍ଚ ପାଇଁ ସରକାର ଦେବେ ଆର୍ଥିକ ସହାୟତା। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଚଳିତ ବର୍ଷ ମିଶନ ଶକ୍ତି ମା’ମାନଙ୍କୁ ୬ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି। ଏହା ସହ ସୁଧ ରିହାତି ବାବଦକୁ ୨ଶହ କୋଟି ଟଙ୍କା ସେମାନଙ୍କ ଖାତାରେ ଜମା କରାଯାଇଛି। (ପୃଷ୍ଠା-୨)

# କଟକ ଜିଲ୍ଲାରେ ବିଜେଡି ସହିତ ଲଢିବାକୁ ଷଣ୍ଢ ନାହାଁନ୍ତି !

**ବାଦାମବାଡ଼ି(ସଂପର୍କବାର୍ତ୍ତା):-** ରାଜ୍ୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହିଆସିଛି କଟକ। ଜିଲ୍ଲାରେ ରହିଛି ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ, ୩ଟି ଲୋକସଭା ନିର୍ବାଚନ ମଣ୍ଡଳୀର ଅଞ୍ଚଳ, ୪୬ଟି ଜିଲ୍ଲା ପରିଷଦ ଜୋନ୍, ୧୪ଟି ପଞ୍ଚାୟତ ସମିତି, ଗୋଟିଏ ମହାନଗର ନିଗମ, ଗୋଟିଏ ପୌରପରିଷଦ, ୨ଟି ଏନ୍ଏସି। ୧୪ଟି ପଞ୍ଚାୟତ ସମିତି ଧୀନରେ ରହିଛି ୩୭୩ଟି ପଞ୍ଚାୟତ ଓ ୫୭୦୩ଟି ୱାର୍ଡ।

ଏବେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ସବୁ ରାଜନୈତିକ ଦଳ ମଧ୍ୟରେ ପ୍ରାର୍ଥୀ ଚୟନକୁ ନେଇ ଆରମ୍ଭ ହୋଇଯାଇଛି କସରତ। ଅନ୍ୟପଟେ ନିର୍ବାଚନ ଘୋଷଣା ପରେ ବିଜେଡିର ୨ଜଣ ଜିଲ୍ଲାପରିଷଦ ସଦସ୍ୟ ବିଜେଡିରେ ସାମିଲ୍ ଘଟଣା ଜିଲ୍ଲା ରାଜନୀତିରେ ଉଷ୍ମତା ଆଣିଛି। କଟକ ଜିଲ୍ଲାପରିଷଦ ପାଇଁ ପୂର୍ବରୁ ୫ଥର ନିର୍ବାଚନ ହୋଇଥିବା ବେଳେ ପ୍ରଥମ ପାଳି କଂଗ୍ରେସ ହାତରେ ଥିଲା। କିନ୍ତୁ ତା ପରଠାରୁ ୪ଥର ବିଜେଡି ଦଖଲରେ ରହି ଆସିଛି ଜିଲ୍ଲାପରିଷଦ।

୨୦୨୨ ନିର୍ବାଚନରେ ଜିଲ୍ଲାରେ ବିଜେଡି ତା’ର ଅଖଣ୍ଡ ପ୍ରଭାବ ବଜାୟ ରଖି ପାରିବ କି ନାହିଁ, ବିଜେପି ଓ କଂଗ୍ରେସ କେଉଁଠି କେଉଁ ସ୍ଥିତିରେ ରହିବେ, ତାହାକୁ ନେଇ ଆରମ୍ଭ ହୋଇଯାଇଛି ଆକଳନ।

୨୦୧୭ ନିର୍ବାଚନର କଟକ ଜିଲ୍ଲାରେ କଂଗ୍ରେସ ଖାତା ଖୋଲି ପାରିନଥିଲା। ବିଜେଡି ୩୭, ବିଜେପି ୮ ଓ ସାଧୀନ ପ୍ରାର୍ଥୀଙ୍କ ହାତରେ ଗୋଟିଏ ଜିଲ୍ଲା ପରିହଦ ଜୋନ୍ ରହିଥିଲା। ବିଜେପି ନିଜର ପ୍ରଭାବ ବଡମ୍ବା, ମାହାଙ୍ଗା, ସଦର ଅଞ୍ଚଳରେ ଜାହିର କରିଥିଲା। କିନ୍ତୁ ଇତିମଧ୍ୟରେ ସାଧୀନ ଓ ଦୁଇଜଣ ବିଜେପି ଜିଲ୍ଲାପରିଷଦ ସଦସ୍ୟ ବିଜେଡିରେ ସାମିଲ୍ ହୋଇସାରିଛନ୍ତି। ବିଜେପି ବଡମ୍ବା ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୬ଟି, ମାହାଙ୍ଗା ଓ କଟକ ସଦସର ନିର୍ବାଚନ ମଣ୍ଡଳୀରୁ ଗୋଟିଏ ଲେଖାଏଁ ଆସନ ଜିତିଥିଲା। କିନ୍ତୁ **ମାହାଙ୍ଗା ଓ କଟକ** ସଦରର ୨୬ ଓ ୨୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ସେଖ୍ ଜାହିର ମହମ୍ମଦ ଓ ଜ୍ଞାନସେନ୍ ଶ୍ରୀଚନ୍ଦନ ନାୟକ ବିଜେଡିରେ ସାମିଲ୍ ହୋଇଛନ୍ତି। ଏପରିକି ସଦରର ସାଧୀନ ପ୍ରାର୍ଥୀ ଥିବା ଜୀବନ ସାମନ୍ତରାୟ ମଧ୍ୟ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ମିଶି ସାରିଥିବା ବେଳେ **ବଡମ୍ବ**ରା ଜୋନ୍-୩୧ରେ ବିଜେପି ଜିଲ୍ଲା ପରିଷଦ ସଦସ୍ୟ ଲିଙ୍ଗରାଜ ସେନାପତିଙ୍କ ମୃତ୍ୟୁ ହୋଇଛି। ଗତ ନିର୍ବାଚନରେ ବଡମ୍ବା ନିର୍ବାଚନ ମଣ୍ଡଳୀରେ ୭ଟି ଜୋନ୍‌ରୁ ୬ଟି ଆସନ ବିଜେପି ଜିତି ବିଜେଡିର ପ୍ରଭାବଶାଳୀ ନେତା ଦେବୀ ପ୍ରସାଦ ମିଶ୍ରଙ୍କୁ ଅଡୁଆରେ ପକାଇଥିଲା। ଏଥର ସେ ଜାଗାରେ ବିଜେପି ନିଜ ଗଡ ରଖିବା ପାଇଁ କେତେ ସଫଳ ହେବ, ତାହା ହେଉଛି ବଡ ପ୍ରସଙ୍ଗ। ବଡମ୍ବରା ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିବା ବିଜୟ ଦଳ ବେହେରା ଯଦିଓ ଅଞ୍ଚଳରେ କିଛିଟା ସ୍ଥିତି ରଖିଛନ୍ତି, କଂଗ୍ରେସର ସେଠାରେ ପ୍ରାର୍ଥୀ ହୋଇଥିବା ବବି ମହାନ୍ତି ସାଂଗଠନିକ କାର୍ଯ୍ୟରେ ଆଦୌ ସଂପୃକ୍ତ ନାହାଁନ୍ତି। **ଆଠଗଡ**ରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁଙ୍କ ଅଖଣ୍ଡ ପ୍ରଭାବ ରହିଥିଲେ ବି କଂଗ୍ରେସର ଦୁଇ ଅନୁଭବି ନେତା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଓ ବିଜେପିକୁ କିଛି ଦିନ ପାଇଁ ଯାଇଥିବା ପରେ ପୁଣି କଂଗ୍ରେସକୁ ଫେରିଆସିଥିବା ବରିଷ୍ଠ ନେତା ବିଭୁତି ଭୂଷଣ ମିଶ୍ର ପଞ୍ଚାୟତ ନିର୍ବାଚନରେ ତାଙ୍କୁ କଡା ଟକ୍କର ଦେବାକୁ ଉଦ୍ୟମ କରୁଛନ୍ତି। **ବାଙ୍କି** ନିର୍ବାଚନ ମଣ୍ଡଳୀରେ ବାପ-ପୁଅ ଅର୍ଥାତ୍ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ପୂର୍ବତନ ବିଧାୟକ ଡ. ଦେବାଶୀଷ ପଟ୍ଟନାୟକ, ବିଜେପିର ସୁଭ୍ରାଂଶୁ ମୋହନ ପାଢୀ ଟକ୍କର ଦେବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେହିଭଳି **ସାଲେପୁର** ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରସାନ୍ତ ବେହେରାଙ୍କୁ କିନ୍ତୁ ଦୁଇପଟୁ ଚ୍ୟାଲେଞ୍ଜ ମିଳିବ। ସେଠାରେ ପୂର୍ବତନ ବିଧାୟକ ତଥା (ପୃଷ୍ଠା-୨)

# କଂଗ୍ରେସ ଭବନରେ ବୋମାମାଡ଼

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କିଛିଦିନ ତଳେ ଓଡ଼ିଶା କଂଗ୍ରେସ ଭବନ ଭିତରେ ପଶି ନେତା ଓ କର୍ମୀଙ୍କୁ ପୋଲିସ୍ ଗଡେଇ ଗୋଡେଇ ପିଟିଥିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଗତ ଶନିବାର ଦିନ କଂଗ୍ରେସ ଭବନରେ ବୋମାମାଡ ହେବା ଘଟଣା ବିଭିନ୍ନ ରାଜନୈତିକ ଦଳ, ରାଜନୈତିକ ବିଶେଷଜ୍ଞ ଓ ବୁଦ୍ଧିଜୀବୀ ମହଲରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିବା ଲକ୍ଷ୍ୟ କରାଯାଉଛି। ପ୍ରକାଶିତ ଖବରରୁ ଜଣାଯାଏ ଗୋଷ୍ଠୀକନ୍ଦଳକୁ (ପୃଷ୍ଠା-୨)




# ଟଙ୍କା ନ ଦେଇ ପାରିବାରୁ ମହିଳାଙ୍କୁ ୧୦ଦିନ ଦୁଷ୍କର୍ମ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଲୋନ୍ କିସ୍ତି ଟଙ୍କା ଦେଇ ନ ପାରିବାରୁ ମହିଳାଙ୍କୁ ପ୍ରଥମେ ଅପହରଣ ପରେ ଦୁଷ୍କର୍ମ। ଅଭିଯୁକ୍ତଜଣଙ୍କ ମହିଳାଙ୍କ ଅଶ୍ଳୀଳ ଭିଡିଓ କରି ଏହାକୁ ଭାଇରାଲ୍ କରିବାର ଧମକ ଦେଇ ୧୦ଦିନ ପର୍ଯ୍ୟନ୍ତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ରାଜଧାନୀରେ ଘଟିଥିବାର ଖବର ପ୍ରକାଶ ପାଇଛି। ସୂଚନା ଅନୁସାରେ, ଚୁରୁର ରାଜଲ୍ ଦେଶର ଥାନା ଅଞ୍ଚଳରେ ଏକ ଗାଁରେ ୨୫ ବର୍ଷିୟା ବିବାହିତା ମହିଳା ଲୋନ୍ ସୁଝି ନ ପାରିବାରୁ ତାଙ୍କୁ ଅପହରଣ କରାଯାଇ ୧୦ଦିନ ପର୍ଯ୍ୟନ୍ତ ଦୁଷ୍କର୍ମ କରାଯାଇଥିବା ପ୍ରକାଶିତ ଖବରରୁ ଜଣାପଡିଛି।



# ‘ଓମିକ୍ରନ୍’ ଏକ ଖୁସି ଖବର

- ଆଗାମୀ କିଛି ସପ୍ତାହ ଭିତରେ ସମସ୍ତେ ଓମିକ୍ରନ୍ ଭାଇରସ୍ ସଂପର୍ଶରେ ଆସିବେ
- ଅଧିକାଂଶଙ୍କୁ ଅଳ୍ପପରିମାଣର ଥଣ୍ଡା ହେବ, ଖୁବ୍ କମ୍ ଲୋକ ହସ୍ପିଟାଲ୍ ଯିବେ, ଖୁବ୍ କମ୍ ଲୋକଙ୍କୁ ଅମ୍ଳଜାନର ଆବଶ୍ୟକତା ପଡିବ।
- ଡେଲ୍‌ଟା ଭୂତାଣୁର ସ୍ଥାନ ନେଇଯିବ ଓମିକ୍ରନ୍
- ଓମିକ୍ରନ୍ ପ୍ରାକୃତିକ ଭାକ୍ସିନ୍ ଭାବରେ କାମ କରିବ ଏବଂ ଲୋକମାନଙ୍କ ମଧ୍ୟରେ ହାର୍ଡ ଇମ୍ୟୁନିଟି ତିଆରି କରିବ।
- ଏହି ମହମାରୀର ଅନ୍ତ ହେବ।

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓମିକ୍ରନ୍ ଭୁତାଣୁ ହେବ ପ୍ରାକୃତିକ ଟିକା। ଯେଉଁ ଓମିକ୍ରନ୍ ସାରା ବିଶ୍ୱରେ ଚିନ୍ତା ବଢାଇ ଦେଇଛି, ତାକୁ ନେଇ ଆମେରିକାର ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହି ଦାବି କରିଛନ୍ତି। କହିଛନ୍ତି, ଆସନ୍ତା କିଛି ସପ୍ତାହରେ ପ୍ରାୟ ସମସ୍ତେ ଓମିକ୍ରନ୍ ଭୂତାଣୁରେ ସଂକ୍ରମିତ ହେବେ। କିନ୍ତୁ ଅଧିକାଂଶ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବ ନାହିଁ। କ୍ରମେ ଡେଲ୍‌ଟାର ସ୍ଥାନ ଓମିକ୍ରନ୍ ନେଇଯିବ ଓ ଏହି ମହାମାରିର ଅନ୍ତ ଘଟିବ। ଆମେରିକା କାଲିଫର୍ଣ୍ଣିଆର ଲସ୍‌ଆଞ୍ଜେଲ୍‌ସ୍ କାଡିଓଲୋଜି ହସ୍ପିଟାଲ୍‌ର ଜଣେ ବିଶିଷ୍ଟ କାଡିଓଲୋଜିଷ୍ଟ ହେଉଛନ୍ତି ଆଫସିନ୍ ଇମ୍‌ରାନୀ। ହାର୍ଟ ସ୍ପେସାଲିଷ୍ଟ (ପୃଷ୍ଠା-୨)

# କଟକ ସଦର ବ୍ଲକ୍‌ରେ ୭ ଲକ୍ଷ ଟଙ୍କା ଆତ୍ମସାତ୍ !

## ପରମହଂସ ପଞ୍ଚାୟତ ମହୁରା ପୋଖରୀ କେଳେଙ୍କାରୀ

**କଟକ(ସଂପର୍କବର୍ତ୍ତା):-** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ମହୁରାଠାରେ ଥିବା ୭ ଏକର ୧୪ ଡିସିମିଲ ପୋଖରୀ କେଳେଙ୍କାରୀର ତଦନ୍ତ ବାଟବଣା ହୋଇଯାଇଛି। ୨ ମାସ ହେବ ତଦନ୍ତ ଚାଲିଛି ଯେ, ଫାଇଲ ଭିତରୁ ବାହାରକୁ ଆସିପାରୁ ନାହିଁ। ପୂର୍ବରୁ ଏହି ପୋଖରୀ ନିଲାମ ହେଉଥିବାବେଳେ ବିବାହ ହେବାରୁ ପଞ୍ଚାୟତିରାଜ ବିଭାଗର ଉପଶାସନ ସଚିବ (ପତ୍ର ସଂଖ୍ୟା ୨୧୦୬୯ ତା ୨୮-୧୦-୨୦୦୦) ଏଡି ପୋଖରୀକୁ ନିଲାମ ନ କରି ଗ୍ରାମ ପଞ୍ଚାୟତ ଅଧୀନରେ ରଖିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଫଳରେ ପୋଖରୀର ରକ୍ଷଣାବେକ୍ଷଣ ଗ୍ରାମ ପଞ୍ଚାୟତ କରୁଥିଲା। କିନ୍ତୁ ବିବାଦ ସୃଷ୍ଟି ହୋଇଥିଲା ଯେତେବେଳେ ବର୍ତ୍ତମାନର ସରପଞ୍ଚ ମିନତୀ ବେହୋନି ସେଭ୍ୟ ଥିବା ଉତ୍କଳମଣି ଏସ୍ ଏଚ୍ ଜି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୦୧୯ ଜୁଲାଇ ୧ ତାରିଖ ଠାରୁ ୨୦୨୨ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ୨୦ ହଜାର ୫୦୦ ଟଙ୍କାରେ ପୋଖରୀକୁ ନିଲାମ ଦିଆଯାଇଥିଲା। କିନ୍ତୁ ପୋଖରୀ ଦଳପୂର୍ଣ୍ଣ ଥିବାରୁ ଏବଂ ସେହି ସମୟରେ ଉନ୍ନୟନ କାର୍ଯ୍ୟ ଚାଲୁ ଥିବାରୁ ଏସ ଏଚ୍ ଜି କୌଣସି ଆୟ କରିପାରିନଥିଲେ। ଏଭଳି ସ୍ଥିତିରେ ପୋଖରୀକୁ ଉକ୍ତ ଏସ୍ ଏଚ୍ ଜି ଗ୍ରୁପ୍‌କୁ ୨ ବର୍ଷ ନିଲାମ ଅବଧି ବୃଦ୍ଧି କରାଯାଇଥିଲା। ପୋଖରୀରେ ଖର୍ଚ୍ଚ ବିବରଣୀ ଅନୁଯାୟୀ ତା ୧୬-୪-୨୧ରେ ୫ ଲକ୍ଷ ଟଙ୍କା ଓ ତା ୩-୫-୨୧ରେ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଟଙ୍କାରେ ପୋଖରୀ ହୁଡ଼ଶ କଂକ୍ରିଟ ସହିତ ସୌନ୍ଦର୍ଯ୍ୟକରଣ ହେବ। କିନ୍ତୁ ପୋଖରୀରେ କୌଣସି କାର୍ଯ୍ୟ ନ କରି ସରପଞ୍ଚଙ୍କ ସ୍ୱାମୀ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରି ପରମହଂସ ରଘୁନାଥ ପୁର, କୁସିଙ୍ଗା ଗ୍ରାମବାସୀ, ୫ ଓ ୬ ନଂ ୱାର୍ଡ଼ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସଂପାଦିକା ଓ (ପୃଷ୍ଠା-୨)

# ଭୁବନେଶ୍ୱର ସତ୍ୟନଗର କୋଚିଂ ସେଣ୍ଟର ବନ୍ଦ ବେଳେ ହଙ୍ଗାମା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଭୁବନେଶ୍ୱର ସତ୍ୟନଗର କୋଚିଂ ସେଣ୍ଟରରେ ସିଲ୍ ବେଳେ ଉତ୍ତେଜନା। ବିଏମ୍‌ସି ପକ୍ଷରୁ ସିଲ୍ ବେଳେ ଉତ୍ତେଜନା ଦେଖିବାକୁ ମିଳିଛି। ବିଏମ୍‌ସିର ସ୍କ୍ୱାର୍ଡ ଓ ପୋଲିସ୍ ପକ୍ଷରୁ ମିଳିତ ଚଢାଉ ବେଳେ କୋଚିଂ ସେଣ୍ଟରର କର୍ମଚାରୀମାନେ ବିରୋଧ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଯେତେବେଳେ ବିଏମ୍‌ସି ସ୍କ୍ୱାର୍ଡ କୋଚିଂ ସେଣ୍ଟରରେ ପହଞ୍ଚିଥିଲେ ସେଠାରେ ସେମାନଙ୍କ ସହ କର୍ମଚାରୀ ଯୁକ୍ତିତର୍କ କରିବା ସହ ହଙ୍ଗାମା କରିଥିଲେ।




ଏହାପରେ ପୋଲିସ୍ ଓ ବିଏମ୍‌ସି ଟିମ୍ ଫେରିଯାଇଥିଲେ। କେବଳ ବନ୍ଦ ପାଇଁ କାନ୍ଥରେ ନୋଟିସ୍ ଲଗାଇ ଚାଲିଯାଇଥିଲେ।

# ବଣଭୋଜି କରି ଗଣିଲେ ଜୋରିମାନା

**ଅନୁଗୁଳ(ସଂପର୍କବାର୍ତ୍ତା):-** ରାଜ୍ୟ ତଥା ଅନୁଗୁଳ ଜିଲ୍ଲାରେ ପୁଣି କୋଭିଡ୍ ପଜିଟିଭ୍ ସଂଖ୍ୟା ବଢୁଥିବା ବେଳେ ସରକାର ଓ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ଏହି କଟକଣାରେ କୌଣସି ସ୍ଥାନରେ ଭୋଜି କରିବାକୁ ବାରଣ କରାଯାଇଛି। ତେବେ ଏହି କୋଭିଡ୍ ନିୟମ ଉଲ୍ଲଙ୍ଘନ କରି ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକ୍‌ର ଦ୍ୱିତୀୟ ଚିଲ୍କିକା କୁହାଯାଉଥିବା ଅଞ୍ଚଳରେ ଭୋଜି କରିବା ମହଙ୍ଗା ପଡିଛି। କିଛି ଗୋଷ୍ଠି ସେଠାରେ ଭୋଜି କରୁଥିବା ବେଳେ ପାଲଲହଡା ତହସିଲ୍‌ଦାର ଲମ୍ବୋଧର ମାରାଣ୍ଡିଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲ୍‌ଦାର ଦାମୋଦର ପ୍ରଧାନ ଏବଂ ପୋଲିସ୍ ପ୍ରଶାସନ ଏକ ମିଳିତ ଦଳ ଶ୍ରୀରାମପୁର ଠାରେ ଦ୍ୱିତୀୟ ଚିଲ୍କାରେ ଚଢାଉ କରିଥିଲେ। ଚଢାଉ ବେଳେ ସେଠାରେ ୩ଟି ଦଳ ଭୋଜି କରୁଥିବା ଦେଖିବାକୁ ପାଇଥିଲେ। କୋଭିଡ୍ ନିୟମ ଉଲ୍ଲଙ୍ଘନ କରି ଭୋଜି କରୁଥିବା ଯୋଗୁଁ ଏହି ୩ ଦଳଙ୍କୁ ୧୭ଶହ ଟଙ୍କା ଜୋରିମାନା ଆଦାୟ କରାଯିବା ସହ ରନ୍ଧାରନ୍ଧି କାର୍ଯ୍ୟ ବୋହି ନେଇଥିବା କୁହାଯାଉଛି।


# ଜଗତସିଂହପୁର ସାମ୍ବାଦିକଙ୍କ ନାଁରେ ପୋଲିସ୍‌ରେ ଅଭିଯୋଗ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ପୋଲିସ୍ ସାମ୍ବାଦିକମାନଙ୍କ ପ୍ରତି ଅନୁକମ୍ପା ଦେଖାଇବା ଦ୍ୱାରା ସାଧାରଣରେ ପୋଲିସ୍‌କୁ ଚର୍ଚ୍ଚା କରାଯାଉଛି। ଚାକିରୀ ଭୟରେ କିଛି ସାମ୍ବାଦିକଙ୍କ ଅନିୟମିତା କାର୍ଯ୍ୟକୁ ଆଖିବୁଜିଦେବା ପୋଲିସ୍‌ର ଦୁର୍ବଳ ମନୋଭାବ ଥିବା କୁହାଯାଉଛି। ଆଇନ୍ ସମସ୍ତଙ୍କ ପାଇଁ ସମାନ, ଆଇନ୍‌ରୁ ସାମ୍ବାଦିକମାନେ କ’ଣ ଉର୍ଦ୍ଧ୍ୱରେ କି ? ପୋଲିସ୍‌କୁ ସାଧାରଣରେ ଆକ୍ଷେପ କରାଯାଇ ବିଭିନ୍ନ ପ୍ରଶ୍ନ କରାଯାଉଛି। କିଛି ନିର୍ଦ୍ଦିଷ୍ଟ ସାମ୍ବାଦିକ ବାରମ୍ବାର ସାମ୍ବାଦିକ ବୃତ୍ତିରେ କଳଙ୍କ ଅଧ୍ୟାୟ ସୃଷ୍ଟି କରିଆସୁଥିବା ବେଳେ ସମଗ୍ର ସାମ୍ବାଦିକ ସମାଜ ପ୍ରତି ସାଧାରଣରେ ଘୃଣାଭାବ ସୃଷ୍ଟି କରୁଥିବା କୁହାଯାଉଛି। କ’ଣ ପାଇଁ ସାମ୍ବାଦିକଙ୍କ ବିରୁଦ୍ଧରେ ଅଭିଯୋଗ ହେଲେ ତଦନ୍ତ



To The S.P. Jagatsinghpur

କରାଯାଉନାହିଁ କି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ଏଥିନେଇ ମଧ୍ୟ ପ୍ରଶ୍ନ କରାଯାଉଛି। ନିକଟରେ ଜଗତସିଂହପୁର ଥାନା ଅନ୍ତର୍ଗତ ଯୋତ କୋକିପଡିଆ ସ୍ୱର୍ଗତ ଅପର୍ତ୍ତି ପୃଷ୍ଟିଙ୍କ ପୁଅ ପ୍ରତାପଙ୍କ ଠାରୁ ଟାଉଟରୀ କରି ଜନୈକ ସାମ୍ବାଦିକ ୪ହଜାର ୫୦୦ ଟଙ୍କା ନେଇ ଆସିଥିବା ନେଇ ଥାନାରେ ଓ ଏସ୍‌ପି ଜଗତସିଂହପୁରଙ୍କ ନିକଟରେ ଅଭିଯୋଗ କରିଥିବାର ଏକ ଅଭିଯୋଗ ପତ୍ର “ସଂପର୍କବାର୍ତ୍ତା” କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡିଛି। ଜଣେ ଗରୀବ ବ୍ୟକ୍ତି ପ୍ରତାପଙ୍କ ଠାରୁ ୪ହଜାର ୫୦୦ଟଙ୍କା ଆଣିଥିବା ସଂପୃକ୍ତ ସାମ୍ବାଦିକଙ୍କ ପ୍ରତି ପୋଲିସ୍ କାହିଁକି କୋହଳ ମନୋଭାବ ପୋଷଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଆସୁଛି। ସଂପୃକ୍ତ ସାମ୍ବାଦିକ କିଛିମାସ ପୂର୍ବେ ଜଣେ ହରିଜନ



NOTICE U/s 160 Cr PC

Ref: Balikuda Police Station Case number 149 dated 20.04.2021 u/s 452/427/379/354(A)(i)/354(B)/323/294/435/506/34 IPC

To

Sri Somanath Parida (35)
S/o Subash Parida
Vill. Olasha
PO- Baramunduli
PS- Balikuda
Dist- Jagatsinghpur

ମହାଶୟ,

ଆପଣଙ୍କୁ ଉକ୍ତ ନୋଟିସ ମାଧ୍ୟମରେ ଜଣା ଯାଉ ଅଛି ଯେ ବବିତା ପଣ୍ଡା (୪୫) ସ୍ୱ- ବାବାଜୀ ପଣ୍ଡା ଗ୍ରାମ- ବ୍ରାହ୍ମଣହିଡି ପୋ- ଅନନ୍ତପୁର ଥାନା- ବାଲିକୁଦା ଜିଲ୍ଲା- ଜଗତସିଂପୁରର ଙ୍କ ଲିଖିତ ଅଭିଯୋଗ କ୍ରମେ Balikuda Police Station Case number 149 dated 20.04.2021 u/s 452/427/379/354(A)(i)/354(B)/323/294/435/506/34 IPC ପଞ୍ଜୀକୃତ ହୋଇଛି। ଉକ୍ତ କେସ ରେ ଆପଣ ସମ୍ପୃକ୍ତ ଥିବାର ତଥ୍ୟ ପ୍ରମାଣ ସଙ୍ଗ୍ରିହୃତ ହୋଇ ଅଛି। ଉକ୍ତ କେସ ତଦନ୍ତ ନିମନ୍ତେ ଆପଣଙ୍କ ସହଯୋଗ ଗୁରୁତ୍ୱପୂର୍ଣ ଅଟେ। ଏଣୁ ଏହି ନୋଟିସ ପାଇବାର ୦୩ (ତିନି ) ଦିନ ମଧ୍ୟରେ ଆପଣ ଅନନ୍ତପୁର ଫାଣ୍ଡି ରେ ଆସି ହାଜିର ହେବା ସହ ନିମ୍ନ ସ୍ୱାକ୍ଷରଙ୍କ ପାଖରେ ନିଜର ପକ୍ଷ ରଖିବାକୁ ଆଦେଶ ଦିଆ ଯାଉଅଛି। ଯଦି ଆପଣ ଉକ୍ତ ନୋଟିସ ପାଇବାର ୦୩ ଦିନ ମଧ୍ୟରେ ନିମ୍ନ ଅନନ୍ତପୁର ଫାଣ୍ଡି ରେ ଆସି ହାଜିର ନ ହେବେ ତେବେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

Date : 04.01.2022

(S.I Anirudha Nayak)
Officer In Charge
Ananatapurpur OP
S.I. of Police
Anantapur O. P.

ଗୋଷ୍ଠୀ ତଥା ମହାସଂଘ ବୋଲାଉଥିବା ସାମ୍ବାଦିକଙ୍କର ଏକ ବୈଠକ ଅନୁଷ୍ଠିତ ମହିଳାଙ୍କ ଘରେ ରାତି ଅଧରେ କବାଟ ଭାଙ୍ଗି ପଶିବା ଓ ଅସଦାଚରଣ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ସେସବୁ ଅଭିଯୋଗକୁ ଜଗତସିଂହପୁର ପୋଲିସ୍ ଚାପିଦେଇଥିବାରୁ ପୁନଶ୍ଚ ସଂପୃକ୍ତ ସାମ୍ବାଦିକ ଜଣକ ପ୍ରତାପଙ୍କ ଠାରୁ ୪ହଜାର ୫୦୦ ଆଣିବାକୁ ସାହାସିକତା ପଣିଆ ଦେଖାଇଥିବା କୁହାଯାଉଛି।

ଅନ୍ୟପକ୍ଷରେ, କିଛି ଦିନ ତଳେ ଜଗତସିଂହପୁର ସହରର ସାରଦା ମଣ୍ଡପରେ ଏକ ସାମ୍ବାଦିକ ଗୋଷ୍ଠୀ ତଥା ମହାସଂଘ ବୋଲାଉଥିବା ସାମ୍ବାଦିକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦିକଙ୍କ ମଧ୍ୟରେ ହାତ ଉଠାଉଠି ପର୍ଯ୍ୟନ୍ତ ଘଟଣା ଘଟିଥିବା ଆଲୋଚନା ହେଉଛି। ଜଣେ ସାମ୍ବାଦିକ ବାହାରୁ ଆସିଥିବାବେଳେ ଜଗତସିଂହପୁରର ଜନୈକ ମହିଳା ସାମ୍ବାଦିକଙ୍କୁ ହାତ ଉଠାଇ ମାଡ ମାରିବାକୁ ଉଦ୍ୟମ କରୁଥିବାକୁ ସଂପୃକ୍ତ ମହିଳା ସାମ୍ବାଦିକ ତାଙ୍କୁ ବିରୋଧ କରି ବଚନରେ ସାବାଡ୍ କରିଥିବା ଏବଂ ସଂପୃକ୍ତ ସାମ୍ବାଦିକଙ୍କୁ ପିଟିବେ ବୋଲି କହିବାରୁ ଘଟଣାଟି ସେଇଠାରେ ନରମି ଥିବା କୁହାଯାଉଛି। ଜଗତସିଂହପୁରର ସାମ୍ବାଦିକ ଜଣେ ବାହାର ଲୋକର ସାମ୍ବାଦିକଙ୍କୁ ସମର୍ଥନ କରି ସଭାପତି କରିବା ବା ନେତୃତ୍ୱର ଆଗଧାଡିରେ ସ୍ଥାନ ଦେଇ ପୂର୍ବତନ ଜିଲ୍ଲାପାଳଙ୍କ ନିକଟରେ ଯେଉଁପରି ଭାବରେ ଜଗତସିଂହପୁର ସାମ୍ବାଦିକ ଅପଦସ୍ତ ହେଲେ ସେସବୁକୁ (ପୃଷ୍ଠା-୨)

## ସାମ୍ବାଦିକକୁ ବାନ୍ଧିଲା ପୋଲିସ୍

**ଭୁବନେଶ୍ୱର:-** ନକଲି ସାମ୍ବାଦିକ ଗିରଫ। ସାମ୍ବାଦିକ ଏବଂ ନର୍ସର ପରିଚୟ ଦେଇ ମୋବାଇଲ୍ ଦୋକାନରୁ ଚୋରି ଅଭିଯୋଗ। ଭୁବନେଶ୍ୱରର ବାପୁଜି ନଗରର ସେଲ୍‌ନେଟ୍ ନାମକ ଏକ ମୋବାଇଲ୍ ଦୋକାନୀରୁ ଚୋରି କରୁଥିବା ବେଳେ ଏହି ଠକ ଦୁଇଜଣ ଧରାପଡିଛନ୍ତି। ପ୍ରଥମେ ମହିଳା ଓ ଯୁବକ ଜଣକ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଦୋକାନୀକୁ ସାମଗ୍ରୀ ଦେଖାଇବା ପାଇଁ କହିଥିଲେ। ପରେ ବ୍ୟାଗ୍‌ରେ କେତେକ ସାମଗ୍ରୀ ଭର୍ତ୍ତି କରିଦେଇଥିଲେ। ତେବେ ଦୋକାନୀ ସେମାନଙ୍କୁ ସନ୍ଦେହ କରି ପରିବାବେଳେ ସେମାନେ ଚୋରିକରିଥିବା ଧରାପଡିଥିଲେ। (ପୃଷ୍ଠା-୨)



## ଆଶ୍ଚର୍ଯ୍ୟ ହେଲେ ମୋଦି, କ'ଣ ?

# ପ୍ରତାପ ନନାଙ୍କ ଅଞ୍ଚଳକୁ ପାସେଞ୍ଜର ଟ୍ରେନ୍ ନାହିଁ ?




**ବାଲେଶ୍ୱର(ସଂପର୍କବାର୍ତ୍ତା):-** ବାଲେଶ୍ୱର ଗସ୍ତକୁ ନେଇ ଯେତେବେଳେ ମୋଦିଜୀଙ୍କୁ ମୁଁ ଭେଟିବାକୁ କହିଲି ଯେ,ମୁଁ ବାଲେଶ୍ୱେର ଯିବାକୁ ଚାହୁଁଛି। ସେଠି ଜିଲ୍ଲାପାଳ ଥିବାବେଳେ ମୁଁ ଲୋକମାନଙ୍କ ସହ ମିଶି ଅନେକ କାମ କରିଛି। ବିଶେଷ କରି ୧୯୯୯ ମସିହା ମହାବାତ୍ୟାକୁ ସଫଳତାର କରିଥିଲୁ। କିନ୍ତୁ, ଏବେ ରେଳସେବାକୁ ନେଇ ରହିଥିବା ସମସ୍ୟରେ ସମାଧାନ ସେଠାରେ କରିବାକୁ ପଡିବ। ଏନେଇ ପ୍ରତାପନନା ଓ ମୁଁ ଆଲୋଚନା କରିଛୁ ଏବଂ ସେଠାକାର ଲୋକଙ୍କ ତରଫରୁ ମଧ ଆମକୁ ଅନେକ ପ୍ରସ୍ତାବ ଆସିଛି। ତେବେ ସବୁଠୁ ଦୁଃଖର ବିଷୟ ହେଉଛି ପ୍ରତାପ ନନାଙ୍କ ନୀଳଗିରିକୁ ଆଜି ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ସୁବିଧା ହୋଇପାରିନି, ଯାହାକୁ ନେଇ ତାଙ୍କର କ୍ଷୋଭ ମଧ ରହିଛି। ଏହା ଶୁଣି ମୋଦିଜୀ ଜାଣିବାକୁ ଚାହିଁଲେ ଯେ, କାହିଁକି ନୀଳଗିରିକୁ ପାସେଞ୍ଜର ଟ୍ରେନ୍ ସୁବିଧା ହୋଇପାରିନି। ମୁଁ ତାଙ୍କୁ କହିଲି ପୂର୍ବରୁ ନୀଳଗିରିକୁ ଯେଉଁ ଟ୍ରାକ୍ ଥିଲା ତାହା ଅପ୍‌ଗ୍ରେଡ୍ ବା ପ୍ରଶସ୍ତୀକରଣ କରାଯାଇନାହିଁ। ପ୍ରଥମେ ତାହା କରିବାକୁ ପଡିବ। ଏହା ଶୁଣି ମୋଦିଜୀ ରାଗିଯାଇ କହିଲେ, ଅତଏକ୍ କୁଁ୍ୟ ନେହିଁ କିୟା ଓ କାମ ଜଲ୍‌ଦି କରୋ ମୋଦିଜୀଙ୍କଠାରୁ ଏହି ନିର୍ଦ୍ଦେଶ ପାଇବା ପରେ ପ୍ରତାପ ନନାଙ୍କୁ ଏ ବାବଦରେ ଜଣାଇବା ସହ ଯେତେଶୀଘ୍ର କାମ ସାରିବା ପାଇଁ କହିଥିଲା ବାଲେଶ୍ୱର ଗସ୍ତରେ ଆସିବା ପୂର୍ବରୁ ଏଠାକାର ପ୍ରମୁଖ ଦାବି ସମ୍ପର୍କରେ ଅବଗତ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିକ୍ରିୟା ଏମିତି ଥିଲା ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାଧାରଣ ସଭାରେ ସୂଚନା ଦେଇଥିଲେ।

# ମୋଦୀ ବଡ ଅହଂକାରୀ-ରାଜ୍ୟପାଳ ସତ୍ୟପାଲ୍



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କୃଷକମାନଙ୍କ ସମସ୍ୟା ବିଷୟ ନେଇ ଅଳ୍ପ ସମୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ମେଘାଳୟର ରାଜ୍ୟପାଳ ସତ୍ୟପାଲ୍ ମଲିକ୍ ପୁଣି ତାଙ୍କୁ ସମାଲୋଚନା କରି କହିଛନ୍ତି ଯେ ବଡ ଅହଙ୍କାରୀ ସୂଚନାଯୋଗ୍ୟ, କୃଷକମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ଲାଗି ରବିବାର ଦିନ ମେଘାଳୟ ରାଜ୍ୟପାଳ ମଲିକ୍ ପୁଣି ତାଙ୍କୁ ସମାଲୋଚନା କରି କହିଛନ୍ତି ଯେ, ସେ ବଡ ଅହଙ୍କାରୀ କିନ୍ତୁତର୍କରେ ଉକ୍ତ ଆଲୋଚନାର ଅବସାନ ଘଟିଥିଲା। ରବିବାର ଦିନ ହରିୟାଣାର ଦାଦ୍ରିରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମଲିକ୍ କହିଲେ, କୃଷକମାନଙ୍କ ସମସ୍ୟା ବିଷୟ ନେଇ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବାକ ଯାଇଥିଲି। କଥାବାର୍ତ୍ତା ମାତ୍ର ୫ ମିନିଟ୍ ଚାଲିବା ପରେ ତାଙ୍କ ସହ ଯୁକ୍ତିତର୍କ ହେଲା ତାଙ୍କ ଖୁବ୍ ଅହଙ୍କାରା ଆମର ୫୦୦ଲୋକ ମଲେ ବୋଲି କହିବାକୁ ସେ କହିଲେ, ତାଙ୍କୁ କ'ଣ ମାରିଦେଲି ? ମୁଁ କହିଲି, ଆପଣ ରାଜା ହୋଇଥିବାରୁ ତାଙ୍କ ମୃତ୍ୟୁ ପାଇଁ ଦାୟୀ ହେବେ। ଏହାପରେ ପ୍ରଧାନମନ୍ତ୍ରୀ ମୋତେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବାକୁ କହିଲେ। କୃଷକମାନଙ୍କ ବିରୋଧରେ ଦାଏର ହୋଇଥିବା ସମସ୍ତ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରିବା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ କରାଯିବା ପ୍ରସ୍ତାବ ନେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିଲେ।

# ନିର୍ବାଚନ ଖର୍ଚ୍ଚ: ସାଂସଦ ୯୫ଲକ୍ଷ, ବିଧାୟକ ୪୦ଲକ୍ଷ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନିର୍ବାଚନରେ ପ୍ରାର୍ଥୀଙ୍କ ଅର୍ଥ ଖର୍ଚ୍ଚ ସୀମାକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ନିର୍ବାଚନ ଆୟୋଗଙ୍କ ସୁପାରିସକ୍ରମେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିଷ୍ପତ୍ତି ଅନୁଯାୟୀ ଜଣେ ଲୋକସଭା ପ୍ରର୍ଥୀ ସର୍ବାଧିକ ୯୫ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ପର୍ବରୁ ଏହି ଖର୍ଚ୍ଚ ସୀମା ୭୦ଲକ୍ଷ ଟଙ୍କା ଥିବା ସେହିପରି ବିଧାନସଭା ଆସନ ପାଇଁ ପ୍ରାର୍ଥ ୪୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ପୂର୍ବରୁ ଏହି ଅର୍ଥ ଖର୍ଚ୍ଚ ସୀମା ୨୮ଲକ୍ଷ ଟଙ୍କା ଥିଲା ଆଗାମୀ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁର ବିଧାନସଭାରେ ଏହି ନୂଆ ଖର୍ଚ୍ଚ ସୀମା ଲାଗୁ ହେବ। ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସୀମା ବୃଦ୍ଧି ଆୟୋଗ ଗଠନ କରିଥିବା କମିଟି ୧୨ରୁ ୪୨%ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦେଇଥିବା ନିର୍ବାଚନମଣ୍ଡଳୀର ଠେଭାଟରଙ୍କୁ ଆଧାର କରି ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ଧାର୍ଯ୍ୟ ହୋଇଛି। ଛୋଟ ରାଜ୍ୟ ଗୁଡିକର ଲୋକସଭା ନିର୍ବଚନମଣ୍ଡଳୀଗୁଡିକ ପାଇଁ ଖର୍ଚ୍ଚ ସୀମା ପୂର୍ବରୁ ୫୪ଲକ୍ଷ ଥିବାବେଳେ ଏହାକୁ ୭୫ଲକ୍ଷକୁ ବୃଦ୍ଧ କରାଯାଇଛି। ଛୋଟ ରାଜ୍ୟ ଗୁଡିକର ବିଧାନସଭାରେ ପ୍ରାର୍ଥୀଙ୍କ ଖର୍ଚ୍ଚସୀମା ପୂର୍ବରୁ ୨୦ଲକ୍ଷ ଥିବାବେଳେ ଏହାକୁ ୨୮ଲକ୍ଷ ଟଙ୍କାକୁ ବୁଦ୍ଧି କରାଯାଇଛି।

# ସରକାର କହିଲେ-କମ୍ ଖାଅ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଉତ୍ତର କୋରିଆ ଏବେ ଉତ୍କଟ ଖାଦ୍ୟାଭାବ ଜନିତ ସମସ୍ୟାର ଶିକାର ହେଉଛି। ଦରଦାମ୍ ସାଘାଂତିକ ସ୍ଥିତିରେ ପହଞ୍ଚିଥିବାରୁ ହାହାକାର ଦେଖାଦେଇଛି। ଏଭଳି ସ୍ଥିତିରେ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନ୍ ଏକ ଆର୍ଶ୍ଚ୍ୟଜନକ ଆଦେଶ ଜାରି କରିଛନ୍ତି। କମ୍ ଖାଦ୍ୟ ଖାଇବା ଲାଗି ସେ ଦେଶର ନାଗରିକଙ୍କୁ ନିର୍ଦ୍ଧେଶ ଦେଇଛନ୍ତି। କୋରିଆନ୍ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି ରିପୋର୍ଟ ଅନୁସାରେ କୋରିଆ ଓାକର୍ସ ପାର୍ଟର ଏକ ସଦ୍ୟ ଅନୁଷ୍ଠିତ ବୈଠକରେ କିମ୍ ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଏବେ କଳକାରଖାନା ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏହା ପରେ ଲୋକଙ୍କ ଜୀବନ ଧାରଣ ମାନରେ ସୁଧାର ଅଣାଯିବ। ଦେଶ ବର୍ତ୍ତମାନ ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଛି। ଦେଶର ବିକାଶ ଉପରେ ଗୁରୁତ୍ୱ ଦେଉଥିବା କିମ୍ ନାଗରିକଙ୍କୁ ସିଧାସଳଖ କମ୍ ଖାଇବାକୁ ନିଜେ ଖାଦ୍ୟ ପରିମାଣ କମାଇ ଦେଇଥିବା ତାଙ୍କର ଏକ ସଦ୍ୟ ଫଟୋରୁ ଦେଖିବାକୁ ମିଳିଛି। ଏହି ଫଟୋରେ ସେ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଛନ୍ତି। ତେବେ ସେ ନିଜ ଖାଦ୍ୟ ପରିମାଣ ସ୍ଥିତି ସୁଧୁରିବା ପର୍ଯ୍ୟନ୍ତ କମ୍ ଖାଦ୍ୟ ଖାଇବାକୁ ସେ ଦେଶବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ଧନ୍ୟବାଦ

# ଡାକଘରେ ରେଳ ଟିକେଟ୍ ବୁକିଂ ସୁବିଧା



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏଣିକି ଡାକଘରେ ପୋଷ୍ଟ ଅଫିସ୍‌ରେ ରେଳଯାତ୍ରୀ ମାନେ ଟିକଟ ବୁକିଂ କରିପାରିବେ। ଭାରତୀୟ ରେଳ ବିଭାଗର ଆଇଆରସିଟିସି ପକ୍ଷରୁ ଏହି ନୂଆ ଯୋଜନା ଆରମ୍ଭ ହେବାକୁ ଯାଉଛି। ରେଳ ଟିକଟ ବୁକିଂ ପାଇଁ ଭାରତୀୟ ରେଳବାଇ ଏଭଳି ନୂତନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି। ଆସନ୍ତାକାଲିଠାରୁ ଏହି ସେବା ସୁବିଧା ଉପଲବ୍ଧ ହେବ। ରେଳଯାତ୍ରା କରିବାକୁ ଚାହୁଁଥିବା ଲୋକମାନେ ନିକଟସ୍ଥ ଡାକଘରୁ ଆଗୁଆ ରେଳ ଟିକେଟ ବୁକିଂ କରିପାରିବେ। ଏଭଳି ସୁବିଧା ମିଳିବା ଫଳରେ ରେଳ ଷ୍ଟେସନର ଟିକଟ କାଉଣ୍ଟରରେ ଭିଡକୁ କମାଯାଇପାରିବେ। କେନ୍ଦ୍ର ରେଳ ଓ ଦୂରସଂଚାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଉତ୍ତରପ୍ରଦେଶର ୯୧୪୭ଟି ଡାକଘରେ ରେଳ ସଂରକ୍ଷଣ (ରେଲୱେ ରିଜରଭେସନ)ଯୋଜନାରୁ ଶୁଭାରମ୍ଭ କରିବେ । ଆସନ୍ତାକାଲିଠାରୁ ସବୁ ରାଜ୍ୟର ସମସ୍ତ ଶାଖା ଡାକଘରେ ଏହି ସୁବିଧା ଉପଲବ୍ଧ ହେବ। ଗ୍ରାମୀଣ ଡାକସେବକ ରେଳ ଯାତ୍ରୀଙ୍କ ପାଇଁ ସଂରକ୍ଷଣ ଟିକେଟ ଜାରି କରିପାରିବେ। ରେଳ ଟିକେଟ ବୁକ୍ କରିବାର ପ୍ରଣାଳୀ ଆଇଆରସିଟିସିର ସହଯୋଗରେ ଲାଗୁ କରାଯିବ। ଆଇଆରସିଟିସିର ଅଧୀକୃତ ଏଜେଣ୍ଟ ଭଳି ଗ୍ରାମୀଣ ଡାକସେବକ ଦୂରଦୂରାନ୍ତ ଗ୍ରାମରେ ଟିକେଟ ପ୍ରସ୍ତୁତ କରିପାରିବେ।

# ଝିଅଙ୍କର ବଢାଅନି, ପୁଅଙ୍କର କମାଅ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଝିଅଙ୍କ ସର୍ବନିମ୍ନ ବୟସ ୨୧କୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିବା ବେଳେ ଏହାର ପୁନର୍ବିଚାର ପାଇଁ ଅନୁରୋଧ କରିଛନ୍ତି ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟେଗ। ଉଭୟ ଝିଅ ଏବଂ ପୁଅଙ୍କ ବିବାହ ବୟସ ୧୮କରିବା ପାଇଁ କେନ୍ଦ୍ର ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ତଥା ଯୁବ-କ୍ରୀଡାର ସଂସଦୀୟ କମିଟି ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି ଆୟେଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ। ଶୀମତୀ ପ୍ରଧାନ କହିଛନ୍ତି ଯେ ବିବାହ ବୟସ ୨୧କୁ ବୃଦ୍ଧି ଫଳରେ ବାଲ୍ୟ ବିବାହ ବନ୍ଦ ହେବ ନାହିଁ ବରଂ ଆଇନ, ପରମ୍ପରା ଏବଂ ଚଳଣି ଅଯଥା ଚାପଗ୍ରସ୍ତ ହେବ। ଦାରିଦ୍ର୍ୟ, ଆବଶ୍ୟକ ସଂଖ୍ୟକ ସ୍କୁଲ ଅଭାବ,ପିତୃକୈନ୍ଦ୍ରିକ ମାନସିକତା ଯୋଗୁଁ ଆଜି ମଧ୍ୟ ୧୮ବର୍ଷ ନହେଉଣୁ ଦେଶରେ ୨୩.୩ପ୍ରତିଶତ ଝିଅ ବାଲ୍ୟ ବିବାହ କରୁଛନ୍ତି। ୨୦୧୮ରେ ଯାହା ୫୦୧ ଏବଂ ୨୦୧୯ରେ ୫୨୩ ଥିଲା ତାହା ୨୦୨୦ରେ ୭୮୫କୁ ବୃଦ୍ଧି ପାଇଛି। ଏହାଦ୍ୱାରା ଆଇନଗତ ଦ୍ୱନ୍ଦ୍ୱ ହେବ। ଏହାପରିବର୍ତ୍ତ ଏଭଳି ସଚେତନ କରାଯାଉ ଯେ ପିଲା ନିଜେ ବାଲ୍ୟ ବିବାହକୁ ନା କହିବେ। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ୧୮ବର୍ଷରୁ ଉର୍ଦ୍ଧ୍ୱ ପୁଅ - ଝିଅଙ୍କ ଶାରୀରିକ ସମ୍ପର୍କ ବୈଧ। ଅର୍ଥାତ ଦୁଇ ଜଣ ୧୮ବର୍ଷରୁ ଶାରୀରିକ ସମ୍ପର୍କ ରଖିବେ କିନ୍ତୁ ବିବାହ କରିବାକୁ ୨୧ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ଏଭିଳ ସ୍ଥିତିରେ ଅନେକ ଅବିବାହିତ ମା' ହେବେ ଏବଂ ପରିତ୍ୟକ୍ତ ଶିଶୁ ସମସ୍ୟା ବଢିବ। ୨୦୦୬ ମସିହାରେ ଏହିଭଳି ଏକ ସ୍ଥିତି ଉପୁଜିଥିଲା ଯେଉଁଥିରେ ଜାତୀୟ ମହିଳା କମିସନ ଦିଲ୍ଲୀ ପକ୍ଷରୁ ଶିଶୁର ସଂଜ୍ଞା ସ୍ପଷ୍ଟ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ପିଟିସନ ଦାୟର କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ୨୦୦୮ମସିହାରେ ଆଇନ କମିସନ ପକ୍ଷରୁ ଉଭୟ ଝିଅ ଏବଂ ପୁଅ ପାଇଁ ବିବାହ ବୟସ ୧୮କରିବାରୁ ସୁପାରିସ କରାଯାଇଥିଲା ବାଲ୍ୟ ବିବାହ ନିରୋଧ ବିଲ୍ ୨୦୦୪ ଲୋକସଭାରେ ଆଗତ ଉଭୟ ଝିଅ ଏବଂ ପୁଅଙ୍କ ବିବାହ ବୟସ ୧୮ କରାଯିବାକୁ ସଂସଦୀୟ କମିଟି ସୁପାରିସ କରିଥିଲେ। ମାତ୍ର ଏହାକୁ ସେତେବେଳେ ଗ୍ରହଣ ନକରି ପୁଅର ବୟସ ୨୧ ଏବଂ ଝିଅର ୧୮ବର୍ଷ ରଖିଥିଲା

## ପ୍ରଥମ ପୃଷ୍ଠାରୁ...

### ଆମେ...

ପ୍ରଥମ ପୃଷ୍ଠାରୁ...

ମିଶନ ଶକ୍ତିର ଆନ୍ଦୋଳନର ଗୁରୁତ୍ୱ ତଥା ଗୋଷ୍ଠୀ ସଦସ୍ୟାଙ୍କ ଅନୁରୋଧକ କ୍ରମେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ସେବା ଯୋଗାଉଥିବା ୫୦ହଜାର ଗୋଷ୍ଠୀ ସହାୟିକାଙ୍କ ପାଇଁ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ଗୋଷ୍ଠୀ ସହାୟିକାଙ୍କୁ ସ୍ମାର୍ଟଫୋନ୍ କିଣିବା ପାଇଁ ଏକ କାଳୀନ ୫ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ବାର୍ଷିକ ୟୁନିଫର୍ମ ପାଇଁ ଭତ୍ତା ବାବଦକୁ ୧ ହଜାର ଟଙ୍କା ସହ ସମସ୍ତଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ। ସବୁ ସିଆର୍‌ପି-ସିଏମ୍‌ମାନଙ୍କୁ ପାରିଶ୍ରମିକ ଭାବେ ୩ହଜାର ଟଙ୍କା ମିଳିବ। ମାସିକ ଟେଲିଫୋନ୍ ଭତ୍ତା ୨୫୦ଟଙ୍କା ଦିଆଯିବ। ଗସ୍ତ ଖର୍ଚ୍ଚ ବାବଦକୁ ୩୫୦ ଟଙ୍କା ମିଳିବ। ଏହି ପ୍ୟାକେଜ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଆବଶ୍ୟକୀୟ ଆର୍ଥିକ ବ୍ୟବସ୍ଥା କରିବାକୁ ଘୋଷଣା କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି କ୍ରମେ ଧାନ ସଂଗ୍ରହଠାରୁ ଆରମ୍ଭ କରି ଡାକ୍ତରଖାନା ରୋଗୀଙ୍କୁ ଖାଦ୍ୟ ଯୋଗାଣ ଆହାର କେନ୍ଦ୍ର ପରିଚାଳନା ମାଛ ଚାଷ ଆଦି ସରକାରୀ କାମରେ ଦାୟିତ୍ୱ ଗୋଷ୍ଠୀ ସହାୟିକାମାନଙ୍କୁ ଦିଆଯାଇଛି। ମିଶନଶକ୍ତି କାର୍ଯ୍ୟକ୍ରମକୁ ଅଧିକ ସଶକ୍ତ କରିବା ସହ ସୁ-ସମନ୍ୱୋୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ମିଶନ ଶକ୍ତି ନାମରେ ଏକ ସତନ୍ତ୍ର ବିଭାବ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ଗୋଟିଏ ପ୍ଲାଟ୍‌ଫର୍ମରେ କାମ କରୁଛନ୍ତି।

### କଟକ...

ବର୍ତ୍ତମାନର ବିଜେପି ସଭାପତି ପ୍ରକାଶ ବେହେରାଙ୍କ ପ୍ରଭାବ ରହିଥିବା ବେଳେ କଂଗ୍ରେସ ଶିବିରକୁ ସକ୍ରିୟ କରିଛନ୍ତି ଇଂ. ଆକ୍ୟୁବ୍ ଖାଁ।

ମାହାଙ୍ଗାରେ ପ୍ରତାପ ଜେନା ଗତ ନିର୍ବାଚନରେ ଗୋଟିଏ ଜିଲ୍ଲା ପରିଷଦ ଜୋନ୍ ବିଜେପି ପାଖରେ ହାରିଥିବା ବେଳେ ଏଥର ବି ତାଙ୍କୁ ବିଜେପି ନେତା ସାରଦା ପ୍ରଧାନ ଓ କଂଗ୍ରେସର ମଙ୍ଗ ଧରିଥିବା ଦେବେନ୍ଦ୍ର କୁମାର ସାହୁ ସହଜରେ ବାଟ ଛାଡିବା ଯୋଜନାରେ ନାହାଁନ୍ତି। କଟକ ସଦରରେ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ଯଦିଓ କଂଗ୍ରେସ ପଟୁ ବଡ ଚ୍ୟାଲେଞ୍ଜ ନାହିଁ ବୋଲି କୁହାଯାଉଛି, କିନ୍ତୁ ବିଜେପିର ବରିଷ୍ଠ ନେତା ଦିଲ୍ଲିପ ମଲ୍ଲିକ ତାଙ୍କୁ ଟକ୍କର ଦେବା ଯୋଜନାରେ ସବୁବେଳେ ପ୍ରୟାସ କରିଆସୁଛନ୍ତି। କିନ୍ତୁ କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ୪୨ ମୌଜା ଅଞ୍ଚଳର ମୂଳ ବାସିନ୍ଦା ହୋଇଥିବାରୁ ତାଙ୍କର ସେଠାରେ ବିଶେଷ ପ୍ରଭାବ ରହିଛି। ତେଣୁ ସେଠାରେ ବି କଂଗ୍ରେସ ପ୍ରଭାବ ଦେଖାଇବା ସମ୍ଭାବନାକୁ ଏଡାଇ ହେବ ନାହିଁ। ଟାଙ୍ଗି-ଚୌଦ୍ୱାର ଅଞ୍ଚଳର ୩ଟି ନିର୍ବାଚନ ମଣ୍ଡଳୀ ଭିତରେ ବାଣ୍ଟି ହୋଇଥିବା ବେଳେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରସାନ୍ତ ବେହେରାଙ୍କୁ ସେଠାରେ ବିଶେଷ ଚ୍ୟାଲେଞ୍ଜ ହେବ ନାହିଁ ବୋଲି ଆକଳନ କରାଯାଉଛି। ନିଆଳୀ ନିର୍ବାଚନ ମଣ୍ଡଳୀରେ ପ୍ରମୋଦ ମଲ୍ଲିକଙ୍କ ପାଇଁ କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଓ ରବି ମଲ୍ଲିକ ଏଥର ମିଳିତ ଭାବେ ଅଡୁଆ ସୃଷ୍ଟି କରିବାର ଆକଳନ କରାଯାଉଛି। ମୋଟାମୋଟି ଭାବରେ ଦେଖିଲେ ଜିଲ୍ଲାରେ ୯ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ମାହାଙ୍ଗା, ସାଲେପୁର, ଆଠଗଡ ଓ ସଦରରେ ବିଜେଡିକୁ ଉଭୟେ ବିଜେପି ଓ କଂଗ୍ରେସ ଚ୍ୟାଲେଞ୍ଜ ଦେବାକୁ ବସିଥିବା ବେଳେ ବଡମ୍ବାରେ ବିଜେପି ଓ ନିଆଳୀରେ କଂଗ୍ରେସ ଚ୍ୟାଲେଞ୍ଜ ଦେବା ସ୍ଥିତିରେ ରହିଛନ୍ତି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ବିଜେଡି ବିଜେଡି ଲଢେଇ ଅର୍ଥାତ୍ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଅଡୁଆ ସ୍ଥିତି ସୃଷ୍ଟି କରିବା ଆକଳନ କରାଯାଉଥିଲେ ସୁଦ୍ଧା ଶେଷ ମୁହୂର୍ତ୍ତରେ ଯେପରି ତେଲତେଲିଆ ମିଶିଗଲା ଭଳି ବିଜେଡିର ବରିଷ୍ଠ ନେତାଙ୍କ ନିକଟରେ ଏସବୁ ଅସମ୍ଭବ ନୁହେଁ ବୋଲି କୁହାଯାଉଛି।

### ବୋମାମାଡ଼...

ନେଇ ବିଳମ୍ବିତ ରାତିରେ ବୋମାମାଡ ହୋଇଥିବା ଜଣାପଡିଛି। ଶନିବାର ସନ୍ଧ୍ୟାରେ ଦୁର୍ଗାମାଧବ ମହଲା ନାମକ ଜଣେ ଯୁବକଙ୍କୁ କଂଗ୍ରେସ ଭବନ ସାମ୍ନାରେ ଆକ୍ରମଣ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏହାପରେ ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିବା ଜଣାପଡିଛି। ଶନିବାର ଅଲ୍‌ଇଣ୍ଡିଆ ଛାତ୍ର କଂଗ୍ରେସ ଉପସ୍ଥିତିରେ ହୋଇଥିଲା ହଟଗୋଳ। ଛାତ୍ର ଓ ଯୁବ କଂଗ୍ରେସ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। କିଏ ଏହି ପେଟ୍ରୋଲ୍ ବୋମ ଫିଙ୍ଗିଛି ତାହା ଜଣାପଡିନଥିବା ବେଳେ ଗୋଷ୍ଠୀକନ୍ଦଳ ଯୋଗୁ ଏହା ଘଟିଥିବା କୁହାଯାଉଛି। ପେଟ୍ରୋଲ୍ ବୋମା ମାଡ଼ରେ କଂଗ୍ରେସ ଭବନର କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ତେବେ ଏହି ପେଟ୍ରୋଲ୍ ବୋମା ମାଡ଼ରେ ନିକଟରେ ଥିବା ଗଛରେ ନିଆଁ ଲାଗିଯାଇଥିଲା। ଘଟଣା ସଂପର୍କରେ ଖବର ପାଇ ପୋଲିସ୍ ସେଠାରେ ପହଞ୍ଚିଛି। ଅଗ୍ନିଶମବାହିନୀ ବି ଆସି ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଆଉ କଂଗ୍ରେସକୁ ଭୋଟ ଦେବେ କାହିଁକି ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି। ଯେଉଁଠି କଂଗ୍ରେସ ଭବନ ତଥା ଘରେ ପଶି ପୋଲିସ୍ ପିଟୁଛି ଓ ନିଜ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଲାଗି ରହୁଛି ଯାହା ଫଳରେ ରାଜ୍ୟ କଂଗ୍ରେସ ଭବନକୁ ବୋମାମାଡ଼ ହେଉଛି ସେଠି କଂଗ୍ରେସର ସ୍ଥିତି କ'ଣ ବୋଲି ସାଧାରଣ ଲୋକଙ୍କୁ ଅଛପା ରହିନାହିଁ। କେତେକ ବାହାପିଆ, କୁହାଳିଆ, ଡହରା ନେତା ଚର୍ଚ୍ଚାରେ ରହିବା ପାଇଁ ଭିଡିଓରେ ଦେଖାଯାଉଥିଲେ ମଧ ତାଙ୍କ ଠାରୁ ବେହିଆ ଦୁନିଆରେ ନାହାଁନ୍ତି ବୋଲି ମଧ କୁହାଯାଉଛି। ଆଉ ପଞ୍ଚାୟତ ନିର୍ବାଚନ କ'ଣ ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ ସତ୍ତା ନ ଥିବ ବୋଲି କୁହାଗଲାଣି।

### 'ଓମିକ୍ରନ୍'...

ଭାବରେ ବେସ୍ ଜଣାଶୁଣା। ଏହି ୫୩ ବର୍ଷିୟ ଡାକ୍ତର ଓମିକ୍ରନ୍‌କୁ ନେଇ ଯେଉଁ ତଥ୍ୟ ଦେଇଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଡାକ୍ତର ଆଫ୍‌ସିନ୍ ଓମିକ୍ରନ୍‌କୁ ନେଇ ସିରିଜ୍ ଟୁଇଟ୍ କରିଛନ୍ତି। ଯେଉଁଥିରେ ଏହି ଭାଇରସ୍‌ର ମାରକ କ୍ଷମତା ଓ ଏହାର ପ୍ରଭାବ ଉପରେ ତଥ୍ୟ ଦେଇଛନ୍ତି।

ଏହି ଟୁଇଟ୍ କରି ଡାକ୍ତର ଆଫସିନ୍ ଇମ୍‌ରାନୀ କହିଛନ୍ତି, **'ଓମିକ୍ରନ୍' ଏକ ଖୁସି ଖବର**। ଏହା ଏକ ମୃଣ୍ଡ ଏବଂ ଏହି ଭାଇରସ୍ ସଂପୂର୍ଣ୍ଣ ଭାବରେ ଡେଲ୍‌ଟା ଭାଇରସ୍‌କୁ ହଟାଇଦେବ। ଏଥିରେ ହସ୍ପିଟାଲ୍ ଯିବାର ଆବଶ୍ୟକତା ପଡିବନି, ଭେଣ୍ଟିଲେଟର ଆବଶ୍ୟକତା ପଡିବନି ଏବଂ କେହି ମୃତ୍ୟୁବରଣ କରିବେ ନାହିଁ। ଆଉ ଏକ ଟୁଇଟ୍‌ରେ ଡାକ୍ତର ଆଫସିନ୍ ଇମ୍‌ରାନୀ କହିଛନ୍ତି, ତାଙ୍କ ମତରେ ସରକାର ଏବଂ ସରକାରୀ ଏଜେନ୍ସି ଅଧିକ ପ୍ରତିକ୍ରିୟାଶୀଳ ହେବା ବେଶି ବିପଦପୂର୍ଣ୍ଣ। ଏହାଦ୍ୱାରା ପାନିକ୍ ଅର୍ଥାତ୍ ଭୟର ବାତାବରଣ ସୃଷ୍ଟି ହେବ, ଲୋକଙ୍କ ପାଖକୁ ଭୁଲ୍ ସୂଚନା ଯିବ, ସେ ଆହୁରି କହିଛନ୍ତି, ହସ୍ପିଟାଲ୍‌ରେ ଓମିକ୍ରନ୍ ଆକ୍ରାନ୍ତ ହୋଇ ୩୦ ରୁ ୭୦ ପ୍ରତିଶତ କର୍ମଚାରୀ କ୍ୱାରେଣ୍ଟିନ୍‌କୁ ଯିବା ଦ୍ୱାରା ଅନ୍ୟ ରୋଗୀଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିବ। ଆମେ ଲୋକଙ୍କୁ ଆଶା, ମାସନିକ ସହାୟତା ଦେବା ଦରକାର। ଏଥିସହ ଡାଏଟ୍, ଏକ୍ସରସାଇଜ୍, ସୂର୍ଯ୍ୟକିରଣର ଉପକାରିତା ଓ ଭଲ ଶୋଇବା ଉପରେ ଶିକ୍ଷା ଦେବା ଦରକାର। ଲସ୍‌ଆଞ୍ଜେଲ୍‌ସ୍‌ର ଏହି ବିଶିଷ୍ଟ କାର୍ଡିଓଲୋଜିଷ୍ଟ କହିଛନ୍ତି ଏହି ଭାରିଆଣ୍ଟ୍ ଅଜଣାତରେ ଆମ ପାଇଁ ଆଶିର୍ବାଦରେ କାମ କରିବ। କିନ୍ତୁ ସରକାରମାନଙ୍କର ଅତ୍ୟଧିକ ପ୍ରତିକ୍ରିୟା କ୍ଷତି କରିବ।

### ୭ ଲକ୍ଷ...

ସଭ୍ୟମାନେ ଜିଲ୍ଲାପାଳ ଓ ଭିଜିଲାନ୍ସ ବିଭାଗକୁ ଲିଖିତ ଭବେ ଜଣାଇଥିଲେ। ଜିଲ୍ଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସଦର ବ୍ଲକ ଉନ୍ନୟନ ଅଧିକାରୀ ରାଜୀବ ଲୋଚନ ପରିଡ଼ା ଏ ବିଡ଼ିଓ ଗିରିଜା ପ୍ରସାଦ ବାରିକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ତା ୨୫-୧୦-୨୦୨୧ ରେ ନିର୍ଦ୍ଦେଶ ଦେଇଥିଲେ। ଏଥି ମଧ୍ୟରେ ୨ ମାସରୁ ଅଧିକ ସମୟ ବିତିଗଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ରିପୋର୍ଟ ସାର୍ବଜନୀନ ହୋଇନାହିଁ। ଏ ସଂକ୍ରାନ୍ତରେ ଏବିଡ଼ିଓଙ୍କୁ ପଚାରିବାରୁ ସେ ଯାହା ଦେଖିଛି, ସବୁ ଲେଖିଛି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ସରପଞ୍ଚଙ୍କ ସ୍ୱାମୀ ଦୈତାରୀ ବେହେରା କହିଛନ୍ତି ଯେ ପୋଖରୀରୁ ପାଣି ଶୁଖେଇ ମାଟି ବାହାର କରାଯାଇଛି। ଏଭଳି ସ୍ଥିତିରେ ତୁରନ୍ତ ତଦନ୍ତ ରିପୋର୍ଟ ସାର୍ବଜନନୀ କରିବାକୁ ୫ ଓ ୬ ନଂ ୱାର୍ଡ଼ ବାସିନ୍ଦା ଉଗ୍ରସେନ ଭୂୟାଁ, ତନୁଜା ଭୂୟାଁ, ରଣଜିତ ଜେନା, କୌଶଲ୍ୟା ନାୟକ, ଚିତ୍ରସେନ ଭୂୟାଁ, ପ୍ରମିଳା ରାଉତ, ଦେବେନ୍ଦ୍ର ଦାସ, ସହନେସା ନୁସୁରତ ଜହର, ଲକ୍ଷ୍ମୀ ରାଉତ, ସେବତୀ ରାଉତ, ଗୀତାଞ୍ଜଳି ଦାସ, ସ୍ୱର୍ଣ୍ଣଲତା ଦାସ, ଡାଙ୍ଗ ଦାସ, ମାତା ଭୋଇ, ଗଣେଶ ଭୋଇଏ ସେବତୀ ରାଉତ, ବୀରବର ଭୋଇ, ଧୀର ଭୋଇ, ସକୁ ଭୋଇ ପ୍ରମୁଖ ଦାବି କରିଛନ୍ତି।

### ଜଗତସିଂହପୁର...

ଭୁଲି ପୁନର୍ବାର ମହାସଂଘର ନେତା କରାଇବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ବର୍ତ୍ତମାନ ମହାସଂଘ ନାଁରେ ଲକ୍ଷାଧିକ ଟଙ୍କା ଆଦାୟ ହୋଇଥିବାରୁ ଏପରି ବିବାଦର କାରଣ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ, ଜନୈକ ସାମ୍ବାଦିକଙ୍କ ନାମରେ ବାଲିକୁଦା ପୋଲିସ୍ ଅଭିଯୋଗ ପାଇ ସଙ୍ଗିନ୍ ଦଫା ଲଗାଇଥିବାକୁ ପ୍ରାୟ ୫/୬ ମାସ ହେବ ପୋଲିସ୍ ଚପାଇ ରଖିଥିବା ବେଳେ ଏବେ ସଂପୃକ୍ତ ସାମ୍ବାଦିକଙ୍କ ବାସଭବନରେ ନୋଟିସ୍ ଲଗାଇ ଫାଣ୍ଡିରେ ହାଜର ହେବା ପାଇଁ ଉଲ୍ଲେଖ ଥିବା ଚର୍ଚ୍ଚାର ବିଷୟ ହୋଇଛି। ସାମ୍ବାଦିକଙ୍କୁ ଏପଟେ ପୋଲିସ୍ ନୋଟିସ୍ କରିଥିବା ବେଳେ ସଂପୃକ୍ତ ସାମ୍ବାଦିକ ବଡ ବଡ ପୋଲିସ୍ ବାବୁଙ୍କ ସହିତ ଖୁସିମିଜାସ୍‌ରେ ଖଟି କରୁଥିବା ଲକ୍ଷ୍ୟ କରାଯାଉଥିବାର ଆଲୋଚନା ହେଉଛି। ପୋଲିସ୍ ସାଧାରଣ ଲୋକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ସାମ୍ବାଦିକମାନଙ୍କ ପ୍ରତି ଏପରି ମନୋଭାବ ସାଧାରଣରେ ପୋଲିସ୍‌କୁ ତାସ୍‌ଲ୍ୟ କରାଯାଉଛି। ସାରଦା ମଣ୍ଡପ ଘଟଣାରେ ମହାସଂଘ ମୁଖିଆଙ୍କ ନାମରେ ଟଙ୍କା ହଡ଼ପ ହୋଇଥିବା ନେଇ ପୋଲିସ୍‌ରେ ଅଲିଖିତ ଭାବେ ଅଭିଯୋଗ ହୋଇଥିବାକୁ ଲିଖିତ ଭାବେ ଅଭିଯୋଗ ପାଇଁ ପୋଲିସ୍ କହୁଥିବା ଶୁଣିବାକୁ ମିଳୁଛି।

### ସାମ୍ବାଦିକକୁ...

ନକଲି ସାମ୍ବାଦିକଙ୍କ ପରିଚୟ ଦେଇଥିବା ଦିପକ କୁମାର ସାହୁଙ୍କୁ କାବୁ କରି ପୋଲିସ୍ ଜିମା ଦିଆଯାଇଥିଲା। ଏହି ସାମ୍ବାଦିକ ଜଣକ ଏକ ପ୍ରତିଷ୍ଠିତ ଖବରକାଗଜର ପରିଚୟ ପତ୍ର ବେକରେ ପକାଇଥିବାର ଦେଖିବାକି ମିଳିଛି। ପରେ କ୍ୟାପିଟାଲ୍ ଥାନା ପୋଲିସ୍ ପହଞ୍ଚି ଯୁବକଜଣଙ୍କୁ କାବୁ କରିଛି ଅନ୍ୟପଟେ, ଘଟଣା ସ୍ଥଳରୁ ମହିଳା ଜଣକ ଫେରାର୍ ହୋଇଯାଇଥିବା ଜଣାପଡିଛି।

# ମୋବାଇଲ୍‌ରେ କରୋନା ସଂକ୍ରମିତ ହୋଇପାରେ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ଭାଇରସ୍ ବର୍ତ୍ତମାନ ଏକ ନୂଆ ରୂପରେ ଦେଖାଦେଇଛି। ଏଭିଳ ପରିସ୍ଥିତିରେ ପୁଣି ଥରେ ଆମ ସମସ୍ତଙ୍କୁ ସୁରକ୍ଷିତ ରହିବା ଆଜି ଆମେ ଆପଣଙ୍କୁ କୋଭିଡଙ୍କୁ ସମୟରେ ଫୋନ୍ ସଫା କରିବାର ଟିପ୍ସ ବିଷୟରେ କହିବୁ-କରୋନା ମହାମାରୀର ଏବେ ବଢିବାରେ ଲାଗିଛି, ଯାହା କମିବାର ନା ନେଉନାହିଁ।

ଏବେ ପୁଣି ଥରେ କରୋନାର ତୃତୀୟ ଲହର ପ୍ରବେଶ କରୁଛି। ପୁଣି ଥରେ ଲୋକମାନେ କରୋନା ଭାଇରସ ଯୋଗୁଁ ନିଜ ଘରେ ବନ୍ଦ ରହିବା ଆରମ୍ଭ କରିଛନ୍ତି। ଏଭଳି ପରିସ୍ଥିତିରେ, କରୋନା ବିସ୍ଫୋରଣ ମଧ୍ୟରେ ନିଜକୁ ସୁରକ୍ଷିତ ମଧ୍ୟରେ ନିଜକୁ ସୁରକ୍ଷିତ ରଖିବା ପ୍ରତ୍ୟେକଙ୍କର ଦାୟିତ୍ୱ ଅଛି। ଏଭଳି ପରିସ୍ଥିତିରେ, ଯେଉଁଠାରେ ଆମେ ହାତ ଧୋଇବା କିମ୍ବା ବାରମ୍ବାର ହାତ ସଫା କରିବା ତାପରେ ଏହା ସହିତ ଆମ ଫୋନର ମଧ ଯତ୍ନ ନେବାକୁ ପଡିବ।

ଆମେ ପ୍ରାୟତ ଆମର ଫୋନ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପରଣ ସଫା କରିବାକୁ ଅଣଦେଖା କରୁ। କିନ୍ତୁ ଆଜିକାଲି କରୋନା ଜୀବାଣୁ ସଂକ୍ରମଣ ଯେପରି ବଢୁଛି, ସେଥିପ୍ରତି ସତର୍କ ରହିବା ଆବଶ୍ୟକ। ନୂତନ କୋଭିଡ -୧୯ ଭାରିଆଣ୍ଟ ଓମିକ୍ରନ୍ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଛି। ଏଣୁ ପୁଣି ଥରେ ସ୍ୱଚ୍ଛତାର ଆବ୍ୟଶକତା ବୋଲି ସ୍ପଷ୍ଟ ହୋଇଛି।

ଫୋନରେ କୀଟାଣୁ ରହୁଛି ଆଜିର ଯୁଗରେ ମୋବାଇଲ୍ ଫୋନ୍ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛି। ସେଲ୍ ଫୋନ୍ ଆମକୁ କୀଟାଣୁ ଏବଂ ଜୀବାଣୁ ଦ୍ୱାରା ପ୍ରଭାବିତ ହୋଇ ଅଧିକ ଅସୁରକ୍ଷିତ କରିଥାଏ। ପ୍ରଦୂଷିତ ପରିବେଶରେମଧ ପ୍ରାୟ ସମସ୍ତଙ୍କର ଫୋନ୍ ସବୁଆଡେ ଏମିତିକି ଦୂଷିତ ପରିବେଶକୁ ନେବାର ଅଭ୍ୟାସ ଅଛି।

ଲୋକଙ୍କ ମଧ୍ୟରେ ଫୋନ୍ ସେୟାର କରିବା ଏକ ସମସ୍ୟା ପ୍ରାୟତଃ ଆମେ ଅନ୍ୟ କୌଣସି କାରଣରୁ ଆମ ଫୋନକୁ କାହା ହାତକୁ ମଧ ଦେଇଥାଉ। ଏହି କାରଣରୁ ଫୋନ୍ ମାଧମରେ ଅନ୍ୟର ହାତର ସଂକ୍ରମଣ ଆପଣ ପାଖରେ ପହଞ୍ଚ। ତାହା ହେଉଛି, ଯଦି ଆପଣ ଭୁଲ୍‌ରେ ଆପଣଙ୍କର ଫୋନ୍‌କୁ କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ଆଣ୍ଟି-ବ୍ୟାକ୍ଟେରିଆଲ୍ ଓାଇପ୍ ସହିତ ପୋଛି ଦେବା ଉଚିତ୍। ଯଦି କୋଭିଡ ସମୟରୁ ବାହାରକୁ ଯାଉଛନ୍ତି, ତେବେ ସାନିଟାଇଜେସନ ନକରି ଫୋନକୁ ସ୍ପର୍ଶ ନକରିବାକୁ ଚେଷ୍ଟା କରନ୍ତୁ, ଯଦି ଆପଣ କାହା ଠାରୁ ଫୋନ୍ ବ୍ୟବହାର କରୁଛନ୍ତି, ତେବେ ଘରକୁ ଆସିବା ପରେ ନିଶ୍ଚିତ ଭାବରେ ଏହାକୁ ସଫା କରନ୍ତୁ। କେବଳ ଫୋନ୍ କରିବା ପରେ ବ୍ୟବହାର କରନ୍ତୁ। ଫୋନ୍ ସଫା କରିବା ପାଇଁ ଆପଣ ଏକ ଆଲକୋହଲ୍ ସ୍ୱାବ ୬୦ ପ୍ରତିଶତ ପାଣି ଏବଂ କୋମଳ କପଡାରେ ୪୦ ଆଲକୋହଲ୍ ଘଷିବା ବ୍ୟବହାର କରିପାରିବେ।


RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ଜାନୁଆରୀ ୧୦ ରୁ ୧୬, ୨୦୨୨, ଜଗତସିଂହପୁର

January 10 to 16, 2022, Jagatsinghpur

www.samparkabarta.in



## କଟକରେ ଅମୃତ ଯୋଜନା ପତନ ଆରମ୍ଭ

**କଟକ(ସଂପର୍କବାର୍ତ୍ତା):-** ସହରବାସୀଙ୍କ ଅମୃତ ଯୋଜନାରେ ୨୪ ଘଣ୍ଟିଆ ପାଣି ଦେବାକୁ କୁହାଯାଇଥିଲା। ମାତ୍ର ଏବେ ସହରର କେତେକ ସ୍ଥାନରେ ଏହାର ଓଲଟା ଘଟୁଥିବା ଦେଖାଯାଉଛି। ପୂର୍ବରୁ ଦିନକୁ ୧୦ ଘଣ୍ଟା ପାଣି ସହରବାସୀଙ୍କ ଘରକୁ ଦିଆଯାଉଥିା ବେଳେ ଏବେ ଏହା ୮ ଘଣ୍ଟାକୁ କମାଇ ଦିଆଯାଇଛି। ଅମୃତ ଯୋଜନାରେ ଅନେକ କିଛି ଆଶା ରଖିଥିବା କଟକବାସୀଙ୍କୁ ଏବେ ନିରାଶ ହେବାକୁ ପଡ଼ିଛି। ସେପଟେ ପାଣି ଯୋଗାଣ ସମୟ ଜମାଇବା ନେଇ ସହରବାସୀଙ୍କୁ କୌଣସି ପୂର୍ବ ସୂଚନା ଦିଆଯାଇ ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପଟେ ଯୋଜନାରେ ସମସ୍ତ ସହରବାସୀଙ୍କୁ ୨୪ ଘଣ୍ଟିଆ ପାଣି ମିଳିବାରୁ ଆହୁରି ୨ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ୱାଟ୍‌କୋ ପକ୍ଷରୁ କୁହାଯାଇଛି।

କଟକରେ ବିଶୁଦ୍ଧ ପାଇବା ପାଣିର ସମସ୍ୟା ଦୂର ହେବ। ଏଥିପାଇଁ ସହରବାସୀଙ୍କୁ ଭୂତଳ ଜଳ ବଦଳରେ ୨୪ ଘଣ୍ଟିଆ ନଦୀଜଳ ଯୋଗାଣ ପାଇଁ ଅମୃତ ଯୋଜନାରେ ୨୦୧୪ରୁ କାମ ଆରମ୍ଭ ହୋଇଥିଲା। ତେବେ ଯୋଜନା ମାଧ୍ୟମରେ ଏବେ ସହଜରର କିଛି ଅଞ୍ଚଳକୁ ନଦୀଜଳ ପ୍ରଦାନ କରାଯାଉଛି। ସହରର ୫୦ ହଜାରରୁ ଅଧିକ ପରିବାର ଏଥିରେ ସଂଯୋଗ ହୋଇଥିବା କୁହାଯାଇଛି। ସହରର ବାଦାମବାଡ଼ି, ମଧୁପାଟଣା, ଖାନନଗର ଆଦି ଅଞ୍ଚଳର କେତେକ ସ୍ଥାନରେ ଏହା କାର୍ଯ୍ୟକ୍ଷମ ହୋଇଛି। ମାତ୍ର ଯୋଜନାରେ ୨୪ ଘଣ୍ଟା ପାଣି ଦେବାକୁ କୁହାଯାଇଥିବା ସମୟରେ ଏବେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପୂର୍ବରୁ ଲୋକଙ୍କୁ ଦିନର ୨୪ ଘଣ୍ଟା ମଧ୍ୟରେ ୩ ଥର ପାଣି ଯୋଗାଇ ଦିଆଯାଉଥିଲା। ସକାଳ ୫ରୁ ଦିନ ୧୦ଟା, ମଧ୍ୟାହ୍ନ ୧୨ରୁ ଅପରାହ୍ନ ୨ଟା ଓ ଅପରାହ୍ନ ୪ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ଯୋଗାଇ ଦିଆଯାଉଥିଲା। ହେଲେ ଏବେ ଯେଉଁ ଅଞ୍ଚଳରେ ମଅୃତ ଯୋଜନାରେ ପାଣି ଦିଆଯାଉଛି ସେଠାରେ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୨ଟାରେ ଯୋଗାଇ ଦିଆଯାଉଥିବା ପାଣିକୁ ବନ୍ଦ କର ଦିଆଯାଇଛି। ୱାଟ୍‌କୋ ପକ୍ଷରୁ ଗୋଟିଏ ସମୟ ପାଣି ଯୋଗାଣ ବନ୍ଦ କରିଦିଆଯାଇଛି।

ତେବେ ଏହାକୁ ନେଇ ସହରବାସୀଙ୍କୁ କୌଣସି ସୂଚନା ଦିଆଯାଉ ନାହିଁ। ଅପରାହ୍ନରେ ପାଣି ଯୋଗାଣ ବନ୍ଦ କରାଯାଇଥିବାରୁ ଯେଉଁମାନଙ୍କ ଘରେ ପାଣି ଟାଙ୍କରି ବ୍ୟବସ୍ଥା ନାହିଁ ସେମାନେ ନାନା ସମସ୍ୟା ଭୋଗୁଛନ୍ତି। ୧୦ ଘଣ୍ଟା ବଦଳରେ ୮ଘଣ୍ଟା ପାଣି ଦିଆଯାଉଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ କରିବାରେ ଲାଗିଛି। ସହରର ସବୁ ଅଞ୍ଚଳକୁ ୨୪ ଘଣ୍ଟିଆ ପାଣି ଦେବା ପାଇଁ ଦୁଇବର୍ଷ ଲାଗିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

## ଶ୍ରୀ ଜଗନ୍ନାଥ ଜମି କିଣାବିକା କରିପାରିବେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଛି। ତାହା ହେଲା, ଏଣିକ ଜଗନ୍ନାଥଙ୍କ ଜମିକୁ ଦଖଲଦାରମାନେ କିଣିବିକା କରିପାରିବେ। ପୂର୍ବରୁ ଯେଉଁମାନେ ଜଗନ୍ନାଥଙ୍କ ଜମି ରଖିଥିଲେ ସେମାନେ ସରକାରୀ କଟକଣା ଭିତରେ ସେହି ଜମିର ସଂପୂର୍ଣ୍ଣ ମାଲିକ ହୋଇପାରୁ ନ ଥିଲେ । ହେଲେ ସେହି ନିୟମକୁ ସଂଶୋଧନ କରାଯାଇଛି । ବର୍ତ୍ତମାନର ସଂଶୋଧିତ ନିୟମ ଅନୁସାରେ ଯେଉଁମାନେ ଜଗନ୍ନାଥଙ୍କ ଜମି ଭୋଗ କରୁଛନ୍ତି ସେମାନେ ତାହାକୁ ନିଜ ନାମରେ କରିବା ପାଇଁ ଆବେଦନ କରିବେ ତେବେ ସେହି ଆବେଦନ ପୂର୍ବ ପରି ଆଉ ରାଜ୍ୟ ସରକାରଙ୍କୁ କରିବାକୁ ଆବଶ୍ୟକୁ ନାହିଁ। ସେମାନେ ଶ୍ରୀମନ୍ଦିର ପ୍ରଶାସନକୁ ଆବେଦନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ସାମୁହିକ ଭାବେ ଏହାର ଅନୁମତି ପ୍ରଦାନ କରିବେ।




୨୦୦୩ ମସିହାରେ ଜଗନ୍ନାଥ ଜମିକୁ ନେଇ ଏକ ୟୁନିଫର୍ମ ନୀତି ପ୍ରଣୟନ କରାଯାଇଥିଲା ଏଥିରେ ଯେଉଁମାନେ ଜଗନ୍ନାଥ ଜମି ଦଖଲ କରିଛନ୍ତି ସେମାନଙ୍କ ନାମରେ ସେ ଜମି କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା ହେଲେ ଆଇନ କଟକଣା ଭିତରେ ସେ ସବୁ କରିବା ସମ୍ଭବ ହୋଇ ନଥିଲା ଫଳରେ ହଜାର ହଜାର ଆବେଦନକାରୀଙ୍କ ଆବେଦନ ଫଇସଲା ହୋଇପାରୁ ନଥିଲା ବର୍ତ୍ତମାନ ଶ୍ରୀମନ୍ଦିର ଅଧିନିୟମ ୧୯୫୪କୁ ସଂଶୋଧିତ କରାଯାଇ ଏହି ବ୍ୟବସ୍ଥାକୁ ସରଳ କରାଯାଇଛି। ଫଳରେ ଜମି ଭୋଗ କରୁଥିବା ହଜାରହଜାର ଲୋକେ ଉପକୃତ ହୋଇପାରିବେ। ଏପରିକି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଥିରେ ଲାଭବାନ ହୋଇପାରିବା

## ମହିଳାଙ୍କ ଗୁପ୍ତାଙ୍ଗରୁ ୫ ଶହ ସୁନା ଜବତ

**ଆସାମ(ସଂପର୍କବାର୍ତ୍ତା):-** ଆସାମର ବୋକାଜାନରେ ପୋଲିସ୍ ସୁନା ଚୋରାଚାଲାଣ ଅଭିଯୋଗରେ ଜଣେ ମହିଳାଙ୍କ ସହ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ମହିଳା ତାଙ୍କ ଗୁପ୍ତାଙ୍ଗରେ ୫୦୦ ଗ୍ରାମ ସୁନା ଲୁଗାଇନେଇଥିଲେ ବୋଲି ଜଣାପଡିଛି। ପୋଲିସ୍‌କୁ ସୁନା ମିଳିଥିଲା ଯେ, ବୋକାଜାନ୍‌ରେ ସୁନା ଚୋରା ଚାଲାଣ ହେବାର ସମ୍ଭାବନା ଅଛି। ଏହି ସୂଚନା ଆଧାରରେ ପୋଲିସ୍ ତଲାସୀ ଅଭିଯାନ କଡା କରିଥିଲା ଓ ଚୋରା ଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇଥିଲା। କୋହିମାରୁ ଗୁଆହାଟୀ ଯାଉଥିବା ଏକ ବସ୍‌ରେ ସଂପୃକ୍ତ ଦୁଇଜଣ ଅଭିଯୁକ୍ତ ଯାଉଥିବା ସମୟରେ ତାଙ୍କୁ ଗିରଫ କରାଯାଇଛି। ପୋଲିସ୍ ଖବର ଅନୁଯାୟୀ, ସଂପୃକ୍ତ ମହିଳା ସୁନାକୁ ଚତୁରତାର ସହିତ ନିଜ ଗୁପ୍ତାଙ୍ଗରେ ଲୁଚାଇ ନେଉଥିଲେ।



ଯାହାଫଳରେ କେହି ସନ୍ଦେହ କରିବେନି ଓ ସହଜରେ ସୁନାକୁ ଚାଲାଣ କରାଯାଇପାରିବ। ଏହି ଚାଲାଣକାରୀମାନେ ସୁନାକୁ ବିକ୍ରି କରିବା ପାଇଁ ମଣିପୁର ଇନ୍‌ଫାଲ୍‌ର ଗୁଆହାଟୀକୁ ନେଇ ଯାଉଥିଲେ। ଅଭିଯୁକ୍ତକୁ ଗିରଫ କରିବା ପରେ ଏହି ଚୋରା ଚାଲାଣ ବିଷୟରେ ଅଧିକ ଜାଣିବା ପାଇଁ ପୋଲିସ୍ ତଦନ୍ତ ଆରମ୍ଭ କରିଛି। ଏହି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଦେଇଛି। ଏପରି ଘଟଣା ଯେପରି ଭବିଷ୍ୟତରେ ନ ଘଟେ ସେଥିପାଇଁ ସ୍ୱତନ୍ତ୍ର ରଣନୀତି ପୋଲିସ୍ ପ୍ରସ୍ତୁତ କରିଛି। ଆଗାମୀ ସମୟରେ ତଲାସୀ ଅଭିଯାନ କଡାକଡି କରିବା ସହିତ ଅଧିକ ପୋଲିସ୍ କର୍ମଚାରୀଙ୍କୁ ନିୟୋଜନ କରାଯିବ ବୋଲି ପୋଲିସ୍ କହିଛି।

## ଏଟିଏମ୍ ଲୁଟ୍ ବେଳେ ମାଡି ବସିଲା ପୁଲିସ, ୪ ଗିରଫ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଳମ୍ବିତ ରାତି ଅତ୍ୟଧିକ ଥଣ୍ଡା ହେତୁ ବଜାରଘାଟ ଶୁନ୍‌ଶାନ ପାଲଟିଥିଲା ଏହା ମଧ୍ୟରେ ଖୋର୍ଦ୍ଧ-ବଲାଙ୍ଗୀର ୫ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏସ୍‌ବିଆଇ ଏଟିମ୍‌ରୁ ଲୁଟ୍ ପାଇଁ ଚାଲିଥିଲା। ବଡଧରଣର ଯୋଜନା ହେଲେ ସାଥ୍ ଦେଲାନି ଭାଗ୍ୟ। ଖବର ପାଇ ପୁଲିସ ଲୁଟେରାଙ୍କୁ ମାଡି ବସିଥିବା ବେଳେ ଏକ ବଡ ଧରଣର ଲୁଟ୍ ଉଦ୍ୟମ ଶେଷରେ ପଣ୍ଡ ହୋଇଛି। ଏହି ଘଟଣାରେ ପୁଲିସ ଲୁଟ୍ ପାଇଁ ବ୍ୟବହୃତ ହୋଇଥିବା ଗ୍ୟାସ କଟର ଓ ଏକ କାର୍ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ରାଜା ବଜାରର ଜୟ ବାହାଦୁରଙ୍କ ପୁଅ ବିମଲ୍ ସିଂ(୪୦) ବିମଲ୍ ସିଂ ୪୦ ଓରଫ୍ ମଙ୍ଗୁ ଟାଙ୍ଗୀ ଥାନା ଅଧୀନସ୍ଥ ସୋରଣ ଗ୍ରାମର ଶରତ ବେହେରାଙ୍କ ପୁଅ ବୁଲୁ ବେହେରା(୩୪) କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଏଣ୍ଡୋଳ ଗ୍ରାମର ସନ୍ନ୍ୟାସୀ ସାମଲଙ୍କ ପୁଅ ସରୋଜ କୁମାର ସାମଲ(୩୮) ଏବଂ ସେହି ଗ୍ରାମର ରାଧୁ ମଲିକଙ୍କ ପୁଅ ଚିତ୍ତରଂଜନ ମଲ୍ଲିକ(୩୯) ଓରଫ୍ ରଂଜନ।



## ଗୋପାଳପୁର-ବାଲିକୁଦା ରାସ୍ତାର ଠିକାଦାର ଫେରାର୍

**କଟକ(ସଂପର୍କବାର୍ତ୍ତା):-** ଗୋପାଳପୁର-ବାଲିକୁଦା ଜାତୀୟ ରାଜପଥରେ ରାସ୍ତା କାର୍ଯ୍ୟ ଦୀର୍ଘ ଦିନ ଅସମ୍ପୂର୍ଣ୍ଣ ସ୍ଥିତିରେ ରହିଛି। ଏନଏଚ୍‌ଏ ଆଇ କର୍ତ୍ତୃପକ୍ଷ ଠିକା ସଂସ୍ଥା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଠକା ସଂସ୍ଥା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଠିକା ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଦୀର୍ଘ ମାସ ହେଲା ଜାତୀୟ ରାଜପଥ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏହାକୁ ନେଇ ରାଜପଥରେ ପ୍ରତିଦିନ ଦୁର୍ଘଟଣଶ ଘଟୁଛି। ଫଳରେ ଗୋପାଳପୁର-ବାଲିକୁଦା ରାସ୍ତା ଏବେ ଦୁର୍ଘଟଣାପ୍ରବର ହୋଇପଡ଼ିଛି। ୪ ମାସରେ ୬ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ଏଥିପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ତେବେ ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଶେଷ ହେବ ତାହାର ଉତ୍ତର ମଧ୍ୟ କାହା ପାଖରେ ନାହିଁ। ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ ଶେଷ ହେଉନଥିବାରୁ ଏହାକୁ ନେି ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଏବଂ ବ୍ୟବସାୟୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅସମ୍ପୂର୍ଣ୍ଣ ରାସ୍ତା କାର୍ଯ୍ୟ ଶେଷ ହୋଇପାରୁନଥିବାରୁ ଉକ୍ତ ଜାତୀୟ ରାଜପଥରେ ଦୁର୍ଘଟଣା ଏବଂ ଟ୍ରାଫିକ୍ ସମସ୍ୟାକୁ ନେଇ ଏବେ କମିନରେଟ୍ ପୁଲିସ ଚିନ୍ତାରେ ପଡ଼ିଛି।

ସୂଚନାଯୋଗ୍ୟ, ଗୋପାଳପୁର - ବାଲିକୁଦା ଜାତୀୟ ରାଜପଥ ରାସ୍ତା ନିର୍ମାଣ ପାଇଁ ଏକ ଠିକା ସଂସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ ରହିଛି। ବର୍ଷେ ହେଲା ଏହି ରାସ୍ତାରେ ଠିକା ସଂସ୍ଥା ଖୋଳି ପକାଇଥିଲେ ନିର୍ମାଣ କାର୍ଯ୍ୟ ଶେଷ କରୁ ନାହିଁ। ମରାମତି ସମୟ ଅତିକ୍ରାନ୍ତ ହୋଇଯାଇଥିବାରୁ ଉକ୍ତ କାର୍ଯ୍ୟ ଶେଷ କରିବା ପାଇଁ ଏବେ ଠିକା ସଂସ୍ଥା ପ୍ରସ୍ତୁତ ନୁହେଁ ବୋଲି ଜଣେ ଅଧିକାରୀ କହିଛନ୍ତି। ରାସ୍ତା ନିର୍ମାଣ ଦାୟିତ୍ୱରେ ଠିକା ସଂସ୍ଥା ସଫେଇ ଦେଇଛି ରାସ୍ତା ମରାମତି ପାଇଁ ଠିକା ସଂସ୍ଥାର ଦାୟିତ୍ୱ ହେଲା ବାଲିକୁଦା-ଗୋପାଳପୁର ଏନ୍‌ଏଚ ରାସ୍ତା ମରାମତି କରିବା। ତେବେ ଦୁଇ ସଂସ୍ଥା ମଧ୍ୟରେ ସମନ୍ୱୟ ନ ଥିବା ସାଙ୍ଗକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କର ମଧ୍ୟ ସମ୍ପୃକ୍ତ ଠିକା ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରାଯାଇପାରୁନଥିବାରୁ ଟୁଇନ୍ ସିଟିର ଏହି ମୁଖ୍ୟ ଜାତୀୟ ରାଜପଥରେ ବଡ଼ ଜଟିଳ ସମସ୍ୟା ସୃଷ୍ଟି ହୋଇଛି ବୋଲି ପୂର୍ବତନ କର୍ପୋରେଟର ପ୍ରଦୀପ ବେହେରା ଅଭିଯୋଗ କରିଛନ୍ତି। ରାସ୍ତା କାମ ଶେଷ ହେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଧୂଳି ଉଡ଼ି ଆଖପାଖରେ ବାୟୁମଣ୍ଡଳକୁ ଧୂଳିମୟ କରିଦେଉଛି। ସେହିପରି ରାସ୍ତା ସମସ୍ୟା ଯୋଗୁଁ ଉକ୍ତ ଘଣ୍ଟାଘଣ୍ଟା ଧରି ଗାଡ଼ିମୋଟର ଫସି ରହୁଛି। ଜରୁରୀକାଳୀନ ଗାଡ଼ିଗୁଡ଼ିକ ଗହଳିରେ ଫସି ରହିବା ଘଟଣାକୁ ନେଇ ଗର୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଛି। ସେହିପରି ଦୁର୍ଘଟଣା ମଧ୍ୟ ଘଟୁଛି। ଦୁର୍ଘଟଣା ଯୋଗୁଁ ନିକରେ ଜଣେ ଟ୍ରାଫିକ୍ ଏଏସ୍‌ଆଇ ଏବଂ ଗ୍ୟାରେଜ୍ ମିସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନ୍‌ଏଚ୍‌ରେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ଯାଇ କମିସନରେଟ୍ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ଯାଇ କମିସନରେଟ୍ ଟ୍ରାଫିକ୍ ପୁଲିସ ଏବଂ ସଦର ଥାନା ପୁଲିସ ପ୍ରତିଦିନ ନୟାନ୍ତ ହେଉଛନ୍ତି ବୋଲି ଟ୍ରାଫିକ ଅଧିକାରୀମାନେ କହିଛନ୍ତି।

## କ୍ରିମିନାଲ୍‌ଙ୍କୁ କାହିଁକି ଟିକେଟ୍ ଦେଉଛି ସ୍ୱଷ୍ଟ କର-ଇସିଆଇ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଗକୁ ୫ଟି ରାଜ୍ୟରେ ବିଧାନସଭା ହେବାକୁ ଥିବାବେଳେ ତା'ପୂର୍ବରୁ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜରି କରିଛନ୍ତି। ଇସିଙ୍କ ଏହି ନିର୍ଦ୍ଦେଶ ପରେ ସମସ୍ତ ରାଜନୈତିକ ଦଳଗୁଡିକ ମଧ୍ୟରେ ଏକ ପ୍ରକାର ଭାଳେଣୀ ପଡିଯାଇଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ଯେ, ଅପରାଧିକ ମାମଲା ଥିବା ଲୋକଙ୍କୁ ନିର୍ବାଚନରେ କ'ଣ ପାଇଁ ପ୍ରାର୍ଥୀ କରାଯାଇଛି ତାହା ସଂପୃକ୍ତ ରାଜନୈତିକ ଦଳମାନେ ସ୍ୱଷ୍ଟ କରିବେ। ଏଥିସହ ଦଳର ୱେବ୍‌ସାଇଟ୍‌ରେ ଉକ୍ତ କ୍ରିମିନାଲ୍ ପ୍ରାର୍ଥୀଙ୍କ ବିବରଣୀ ଅପ୍‌ଲୋଡ କରିବା ବାଧ୍ୟତାମୂଳକ ବୋଲି କହିଛନ୍ତି। ଇସିଙ୍କ ପକ୍ଷରୁ ପୁଣି କୁହାଯାଇଛି ଯେ, ରାଜନୈତିକ ଦଳଗୁଡିକ ପ୍ରାର୍ଥୀଙ୍କୁ ଘୋଷଣା କରିବାର ୭୨ଘଣ୍ଟା ମଧ୍ୟରେ ଏକ ଅନୁପାଳନ ରିପୋର୍ଟ ଜମା କରିବାକୁ ପଡିବ। ଯଦି କୌଣସି ଦଳ ଏହାକୁ ଅବମାନନା କରେ, ତେବେ ତାହା ସୁପ୍ରିମ୍‌କୋର୍ଟର ଆଦେଶର ଅବମାନନା ବୋଲି ବିଚାର କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୨୦୨୦ ମସିହା ମାର୍ଚ୍ଚ ମାସରେ ସୁପ୍ରିମ୍‌କୋର୍ଟ ପକ୍ଷରୁ ଉପରୋକ୍ତ ସମସ୍ତ ନିର୍ଦ୍ଦେଶନାମା ରାଜନୈତିକ ଦଳଗୁଡିକୁ ଦିଆଯାଇଥିଲା। ଉଭୟେ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସମସ୍ତ ରାଜନୈତିକ ଦଳ ଅପରାଧିକ ଶ୍ରେଣୀର ପ୍ରାର୍ଥୀଙ୍କ ସମସ୍ତ ତଥ୍ୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ବାଧ୍ୟତାମୂଳକ। ଏପରି ସ୍ଥିତିରେ ଅପରାଧିକ ବିବରଣୀ, ପ୍ରାର୍ଥୀ କରିବା ପଛରେ କାରଣ କ'ଣ ଆଦି ଉଲ୍ଲେଖ କରିବାକୁ ପଡିବ ବୋଲି ସୁପ୍ରିମ୍‌କୋର୍ଟ କହିଥିଲେ। ତେବେ ଆଗକୁ ଆସୁଥିବା ୫ ଟି ରାଜ୍ୟର ବିଧାନସଭା ନିର୍ବାଚନରେ ମଧ୍ୟ ଏହି ନିର୍ଦ୍ଦେଶନାମା କାର୍ଯ୍ୟ କରିବ। ଏହି ସମୟରେ ସମସ୍ତ ଜାତୀୟ ଓ ଆଞ୍ଚଳିକ ଦଳଗୁଡିକ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକୁ ପାଳନ କରିବାକୁ ପଡିବ।




## ଜାନୁଆରୀ ୨୬ ଲାଗି ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ୨୦୨୨ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଶାସନ ସଚିବ, ଗୃହ ବିଭାଗଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଅନୁଯାୟୀ କୋଭିଡ୍ ମାର୍ଗଦର୍ଶିକାର କଡାକଡି ଅନୁପାଳନ ସହ ଆଗାମୀ ଜାନୁଆରୀ ୨୬ ଉତ୍ସବ ପାଳନ କରାଯିବ। ଏହି ଉତ୍ସବରେ ବ୍ୟବସ୍ଥିତ ଭାବେ ସମସ୍ତ କାର୍ଯ୍ୟ ସମାପନ ନିମନ୍ତେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ସମସ୍ତ କାର୍ଯ୍ୟସୂଚୀର ଯଥାର୍ଥ କାର୍ଯ୍ୟାନ୍ୱୟନ ସଂପର୍କରେ ନିର୍ଦ୍ଦେଶ ଦେଇଥିଲେ।

ପ୍ରତିବର୍ଷ ପରି ମହାତ୍ମାଗାନ୍ଧୀ ମାର୍ଗରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଖୁବ୍ ସଂକ୍ଷିପ୍ତ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ସାଧାରଣତନ୍ତ୍ର ଦିବସ ପ୍ରଭାତରେ ଭୁବନେଶ୍ୱର ମହାନଗରରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ସାଧାରଣତନ୍ତ୍ର ଦିବସ ପ୍ରଭାତରେ ଭୁବନେଶ୍ୱର ମହାନଗର ଅଞ୍ଚଳରେ ରାମଧୂନ ପରିକ୍ରମା, ରାଜଭବନରୁ ଏଜି ଛକ ଏବଂ ମହାତ୍ମା ଗାନ୍ଧୀ ମାର୍ଗର ଉତ୍ସବସ୍ଥଳୀ ପର୍ଯ୍ୟନ୍ତ ଜାତୀୟ ପତାକାରେ ସାଜସଜ୍ଜା କରାଯିବ। ସାମାଜିକ ଗଣମାଧ୍ୟମ, କମନ୍‌ଫିଡ୍, ଟିଭି ଫଟୋ ଓ ସମ୍ବାଦ ପ୍ରକାଶନ ଏବଂ ଗଣମାଧ୍ୟମକୁ ସମ୍ବାଦ ପ୍ରେରଣ ବ୍ୟବସ୍ଥା କରାଯିବ। ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ, ବିଧାନସଭା ସୌଧ ଆଦି ରାଜ୍ୟସରକାରଙ୍କ ପ୍ରମୁଖ କାର୍ଯ୍ୟାଳୟଗୁଡିକରେ ଆଲୋକସଜ୍ଜା କରାଯିବ। ମହାନଗର ନିଗମର ପ୍ରମୁଖ ସ୍ଥାନଗୁଡିକରେ ଭିଡିଓ ୱାଲ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ପ୍ରଦର୍ଶନ ହେବ।

ଏହି ବୈଠକରେ ସୂଚନା ଓ ଲୋସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସମସ୍ତ କାର୍ଯ୍ୟସୂଚୀ ସଂପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ବୈଠକରେ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍ ମହାନ୍ତି, ବିଭାଗୀୟ ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକମାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ମନ୍ତ୍ରୀ ରଘୁନନ୍ଦନଙ୍କର ସ୍ଲୁଇସ୍ ସେତୁ ନିର୍ମାଣର ଶିଳାନ୍ୟାସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବାଲିକୁଦା-ଏରସମା ବିଧାୟକ ତଥା ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଘୋଷାଘର ଗ୍ରାମ ନିକଟରେ ଅଳକାନଦୀ ଉପରେ ଗୁନେଇମୁହଁ କ୍ରିକର ଅତିରିକ୍ତ ୬ଟି ସ୍ଲୁଇସ୍ ନିର୍ମାଣ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅତିରିକ୍ତ ସ୍ଲୁଇସ୍ ନିର୍ମାଣ ନିମନ୍ତେ ୪କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ପୂର୍ବରୁ ଏହି କ୍ରିକ୍‌ରେ ୮ଟି ସ୍ଲୁଇସ୍ ଥିଲା । ଏହି ଅତିରିକ୍ତ ସ୍ଲୁଇସ୍ ନିର୍ମାଣ ଦ୍ୱାରା ବାଲିକୁଦା ବ୍ଲକର ୧୦ଟି ଗ୍ରାମର ୮୧୬୧ ଜନସାଧାରଣ ଉପକୃତ ହୋଇପାରିବେ। ଅତିରିକ୍ତ ସ୍ଲୁଇସ୍ ନିର୍ମାଣ ଦ୍ୱାରା ସମୁଦ୍ର ଜଳ ପ୍ରବେଶ କରିପାରିବ ନାହିଁ ଏବଂ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ସୁବିଧାରେ ହୋଇପାରିବ। ଏହି ସ୍ଲୁଇସ୍ ନିର୍ମାଣ ଦ୍ୱାରା ବର୍ଷା ଦିନରେ ବନ୍ୟାଜଳ ନିଷ୍କାସିତ ହେବା ସହିତ ଏବଂ ଅନ୍ୟ ଦିନ ମାନଙ୍କରେ ଗେଟ୍ ବନ୍ଦ କରାଯାଇ ସମୁଦ୍ର ଜଳ ପ୍ରବେଶକୁ ପ୍ରତିରୋଧ କରାଯିବ ଏବଂ ମଧୁର ଜଳ ଗଚ୍ଛିତ କରାଯାଇ କୃଷି କାର୍ଯ୍ୟରେ ବ୍ୟବହୃତ ହୋଇପାରିବ। ଏହି ସ୍ଲୁଇସ୍ ଗେଟ୍ ନିର୍ମାଣ ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କର ଦୀର୍ଘ ଦିନର ଦାବି ପୁରଣ ହୋଇପାରିବ ବୋଲି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ପୂର୍ବରୁ ଚାଷଜମି ଜଳମଗ୍ନ ହୋଇ ବାର୍ଷିକ ଫସଲ କ୍ଷତିଗ୍ରସ୍ତ ହେଉଥିଲା ବେଳେ ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ଏହି ଅତିରିକ୍ତ ସ୍ଲୁଇସ୍ ନିର୍ମାଣ ଦ୍ୱାରା ବର୍ଷାଜଳ ସୁଗମ ଭାବେ ନିଷ୍କାସିତ ହେବା ସହିତ ଜଳମଗ୍ନକୁ ପ୍ରତିରୋଧ କରାଯାଇ ପାରିବ । ଏହା ଦ୍ୱାରା ମଧ୍ୟ ଅଳକା ବୁଡି ଅଂଚଳର ପ୍ରାୟ ୧୦ ହଜାର ଲୋକଙ୍କର ସବୁଦିନିଆ ଅସୁବିଧା ଦୂର ହୋଇପାରିବ। ହସୁଁଆ ନଦୀର ଖନନ ଓ ଜଟାଧାରୀ ମୁହାଣର ଖନନ କାର୍ଯ୍ୟ ସମାପ୍ତ ହେବା ପରେ ଜନସାଧାରଣଙ୍କର ଦୀର୍ଘ ଦିନର ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଥିଲେ। ଏହି ନିର୍ମାଣ କାର୍ଯ୍ୟ ଜଗତସିଂହପୁର ଜଳସେଚନ ବିଭାଜନ ଦ୍ୱାରା କରାଯାଉଛି। ଏହି ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ସାଂସଦଙ୍କ ପ୍ରତିନିଧି ପୀତବାସ ଗୋଛାୟତ, ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ସ୍ୱାଇଁ, ପାର୍ଥ ସାରଥୀ ରାଉତ, ବାଲିକୁଦା ବ୍ଲକ ଉପାଧ୍ୟକ୍ଷ ରାଖାଲ ଦାସ, ସ୍ଥାନୀୟ ସରପଂଚ, ଆଇନଜୀବୀ ପ୍ରକାଶ ପ୍ରଧାନ, ଜଳ ସଂପଦ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ଳବ କେଶରୀ ସାହୁ, ଅନିଲ୍ କୁମାର ରାଉତରାୟ, ଦିଲ୍ଲୀପ କୁମାର ସାହୁ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ପରେ ପରେ ମନ୍ତ୍ରୀ ଶ୍ରୀ ଦାସ ଏରସମା ବ୍ଲକ ଅନ୍ତର୍ଗତ ଗଡହରିଶପୁର ଠାରେ ବେରୁଆଁ ନଦୀ ଉପରେ



୧୫୯୯.୭୩ ଲକ୍ଷ ଟଙ୍କା ବ୍ୟୟରେ ଏକ ସୁଉଚ୍ଚ ସେତୁ ନିର୍ମାଣ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ସେତୁ ନିର୍ମାଣ ଦ୍ୱାରା ଏରସମା ବ୍ଲକର ଗଡହରିଶପୁର ଓ ବାଲିକୁଦା ବ୍ଲକର କୁସୁପୁର ମଧ୍ୟରେ ସିଧାସଳଖ ଗମନାଗମନ ସୁବିଧା ହୋଇପାରିବ। ବାଲିକୁଦା ଓ ଏରସମା ଲୋକମାନଙ୍କ ପାଇଁ ଏହି ସେତୁ ସଂଯୋଗୀକରଣ ସେତୁ ଭାବେ ଉପଯୋଗୀ ହେବ । ଅଳକା ନଦୀ ମୁହାଣ ବଙ୍ଗୋପସାଗର ନିକଟବର୍ତ୍ତୀ ଏରସମାର ଗଡହରିଶପୁର ଓ ବାଲିକୁଦାର କୁସୁପୁରକୁ ବିଭାଜିତ କରୁଅଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏଠାକାର ଜନସାଧାରଣ, ଚାଷୀମାନେ ଦେଶୀ ଡଙ୍ଗା ମାଧ୍ୟମରେ ଗମନାଗମନ ଓ କୃଷିଜାତ ଦ୍ରବ୍ୟ ପରିବହନ କରିଆସୁଛନ୍ତି । ଜୁଆରିଆ ନଦୀ ହେତୁ ଦେଶୀଡଙ୍ଗା ଦ୍ୱାରା ଯାତାୟତ ଓ ପରିବହନ ସଦା ସର୍ବଦା ବିପଦପୂର୍ଣ୍ଣ ଏବଂ ବିଶେଷ କରି ଚାଷୀମାନେ କୃଷିଜାତ ଦ୍ରବ୍ୟ ଓ ଯନ୍ତ୍ରପାତି ପରିବହନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲା ବେଳେ ଏହି ସେତୁ ନିର୍ମାଣ ଦ୍ୱାରା ବାଲିକୁଦା ଓ ଏରସମା ବ୍ଲକର ଜନସାଧାରଣ ଓ ଜନପ୍ରତିନିଧିମାନଙ୍କର ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି । ଏହା ଦ୍ୱାରା ବାଲିକୁଦା ବ୍ଲକର ୮ଟି ପଞ୍ଚାୟତର ୧୫୦୦୦ ଲୋକ ଓ ଏରସମା ବ୍ଲକର ୫ଟି ପଂଚାୟତର ୮୦୦୦ ଲୋକ ଉପକୃତ ହୋଇ ପାରିବେ । ଏହି ସୁଉଚ୍ଚ ସେତୁ ୧୧୭.୧୦ ମିଟର ଦୀର୍ଘ ବିଶିଷ୍ଟ ଏବଂ ବାମ ଓ ଦକ୍ଷିଣ ଆପ୍ରୋଚ ୭୦୦ ମିଟର ନିର୍ମାଣ ହେବ । ଏହି ସେତୁ ନିର୍ମାଣ ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କର ବନ୍ୟା କ୍ଷୟକ୍ଷତି, ଲୁଣାଜଳ ପ୍ରବେଶ ଦ୍ୱାରା ଯାତାୟାତରେ ଆଉ ଅସୁବିଧା ହେବ ନାହିଁ । ଏରସମା ଓ ବାଲିକୁଦା ବ୍ଲକର ସ୍ଥାନୀୟ ଜନସାଧାରଣଙ୍କର ଗମନାଗମନରେ ଅସୁବିଧାକୁ ଲକ୍ଷ୍ୟକରି ବାଲିକୁଦା-ଏରସମା ବିଧାୟକ ତଥା ଜଳସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଦାସଙ୍କ ପ୍ରଚେଷ୍ଟାରେ ଏହି ସୁଉଚ୍ଚ ସେତୁ ନିର୍ମାଣ ସମ୍ଭବ ହୋଇପାରିଛି ।

ଏହି ଶିଳାନ୍ୟାସ ସ୍ଥାପନ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ପୀତବାସ ଗୋଛାୟତ, ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ସ୍ୱାଇଁ, ବାଲିକୁଦା ବ୍ଲକ ଉପାଧ୍ୟକ୍ଷ ରାଖାଲ ଦାସ, ପାର୍ଥ ସାରଥୀ ରାଉତ, ସ୍ଥାନୀୟ ସରପଂଚ, ଆଇନଜୀବୀ ପ୍ରକାଶ ପ୍ରଧାନ, ଜଳ ସଂପଦ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ଳବ କେଶରୀ ସାହୁ, ଅନିଲ୍ କୁମାର ରାଉତରାୟ, ଦିଲ୍ଲୀପ କୁମାର ସାହୁ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ବେଲ୍ଟରେ କୋଟିଏ ଟଙ୍କା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବେଲ୍ଟରେ କୋଟିଏ ଟଙ୍କା। ଏହା କେମିତି ସମ୍ଭବ ? ବେଲ୍ଟର ମୂଲ୍ୟ କ'ଣ କୋଟିଏ ଟଙ୍କା ହୋଇପାରିବ ? ମାତ୍ର ଏହାକୁ ସମ୍ଭବ କରି ଦେଖାଇଛନ୍ତି ଜଣେ ବ୍ୟକ୍ତି। ସେ ତାଙ୍କ ବେଲ୍ଟରେ କୋଟିଏ ଟଙ୍କାର ସୁନା ଆଣିବାରେ ସକ୍ଷମ ହୋଇଛନ୍ତି। ପ୍ରାୟ ୨୩୩୦ ଗ୍ରାମର୍ ସୁନା ଚେନ୍‌କୁ ବ୍ୟକ୍ତି ଜଣକ ତାଙ୍କ ବେଲ୍ଟରେ ଅତି ଚତୁରତାର ସହିତ ଦୁବାଇରୁ ଆଣିଥିଲେ। ହେଲେ ନୂଆଦିଲ୍ଲୀ ବିମାନ ବନ୍ଦରରେ ସନ୍ଦେହ ହେବାରୁ ତାଙ୍କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବିମାନବନ୍ଦର କର୍ତ୍ତୃପକ୍ଷ ଓ କଷ୍ଟମ କର୍ମଚାରୀ ପ୍ୟାଣ୍ଟ ଭିତରେ ଅଣ୍ଟାରେ ଗୁରା ହୋଇଥିବା ଆଉ ଏକ ବେଲ୍ଟରେ ସୁନାଚେନ୍ ରହିଥିବା ଦେଖିବାକୁ ପାଇଥିଲେ। ଯାହାର ଓଜନ ଥିଲା ୨୩୩୦ ଗ୍ରାମ୍ ଏବଂ ଏହାର ମୂଲ୍ୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବ୍ୟକ୍ତି ଜଣକ ପୂର୍ବରୁ ମଧ୍ୟ ୪ ଥର ଏପରି ସୁନା ଦୁବାଇରୁ ଆଣିବାରେ ସଫଳ ହୋଇଛନ୍ତି। ତେବେ ଏଥର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା, ଯାଞ୍ଚ କରିବାରୁ ଏତେ ପରିମାଣର ସୁନା ବିଦେଶରୁ ଆଣିଥିବାର ଜଣାପଡିଥିଲା।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଜାନୁଆରୀ ୧୦ ରୁ ୧୬, ୨୦୨୨, ଜଗତସିଂହପୁର
January 10 to 16, 2022, Jagatsinghpur


# ସମ୍ପାଦକୀୟ

## ଶିଳ୍ପୀ ଓ ସୃଷ୍ଟି

ସରଳ ପାଞ୍ଚ ବର୍ଷର ପିଲାଟିଏ । ଭାଇ ବିବେକର ସ୍କୁଲ ବସ୍ତାନି, ଜଳଖିଆ ପ୍ରଭୃତି ମା'ତୃପ୍ତିମୟୀ ପ୍ରସ୍ତୁତ କରି ସଜାଡ଼ି ଦେଲେ । ପିତା ଶାନ୍ତନୁ ବିବେକକୁ ସାଇକେଲରେ ବସାଇ ସ୍କୁଲକୁ ନେବା ସମୟରେ ସରଳ କାନ୍ଦି ଉଠିଲା । କୋହଭରା କଣ୍ଠରେ ମା'କୁ କହିଲା ମୋର ବସ୍ତାନି ଓ ଜଳଖିଆ କାହିଁ ? ମୁଁ ମଧ୍ୟ ଭାଇ ସହିତ ସ୍କୁଲକୁ ଯିବି । ମା'ଙ୍କୁ ପଚାରିଲା ସ୍କୁଲକୁ କାହିଁକି ଯାଆନ୍ତି ? ସେଠାରେ କ'ଣ ହୁଏ ? ମା' କହିଲେ ତୁ ବଡ଼ ହେଲେ ସବୁ ଜାଣିପାରିବୁ । ଆଉ ଟିକିଏ ବଡ଼ ହେଲେ ତୁ ସ୍କୁଲକୁ ଯିବୁ ଓ ପାଠ ପଢ଼ିବୁ । ବାପା ତୋ ପାଇଁ ବସ୍ତାନି ଓ ଜଳଖିଆ ଡବା କିଣିଦେବେ । ସରଳ କିନ୍ତୁ ବୁଝି ପାରିଲା ନାହିଁ ପିଲାମାନେ ସ୍କୁଲକୁ ଯାଇ କି ପାଠ ପଢ଼ନ୍ତି ଓ କାହିଁକି ?

ଆଜି ସରଳର ମନଭାରି ଖୁସି । ମା'ଙ୍କ କଥା ମାନି ବାପା ବସ୍ତାନି ଓ ଜଳଖିଆ ଡବା ତା ପାଇଁ ଆଣିଛନ୍ତି । କହିଲେ କାଲିଠୁ ସରଳ ସ୍କୁଲ ଯିବ । ବିବେକ ଯେଉଁ ସ୍କୁଲରେ ପଢୁଛି ସେହି ସ୍କୁଲରେ ତାର ନାମ ଲେଖା ହୋଇଛି । ସେ ଆଗରେ ବସିବ ଓ ବିବେକ ସାଇକେଲର ପଛ କ୍ୟାରିୟଲରେ ବସିବ । ଏକଥା ଶୁଣି ସରଳର ମନ କୁଣ୍ଢେମୋଟ ହୋଇଗଲା । ସରଳ ସ୍କୁଲ ଯିବା ବାଟରେ କେଉଁଠାରେ କୁକୁର, କେଉଁଠାରେ ବିଲେଇ, କେଉଁଠାରେ ଷଣ୍ଢ ଶୋଇଥିବାର ଦୃଶ୍ୟ ଦେଖିଲା । ହେଲେ ସ୍କୁଲ ପାଖାପାଖି ହେଲା ବେଳକୁ ଦେଖିଲା ଗୋଟିଏ କାଳିଆ ଲୋକ ଗୋଟେ ବଡ଼ କଳା ପଥରକୁ ଗୋଟିଏ ଲୁହା ହାତୁଡ଼ିରେ ପିଟୁଛି ଓ ସେଥିରୁ ଖଣ୍ଡ ଖଣ୍ଡ ହୋଇ ପଥର ଝିଡ଼ି ଯାଉଛି । ବେଳେ ବେଳେ ଛେଣି ଓ ପଥର ଭିତରୁ ନିଆଁ ବାହାରି ପଡୁଛି । ବାପାଙ୍କ ସହିତ କିଛି ଦିନ ଯିବାପରେ ସରଳ ଦେଖିଲା ତା ସ୍କୁଲ ବାହାରେ ଯେଉଁ କଳା ଲୋକଟି




ଅନିତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ,
ଦୂରଭାଷ : ୯୮୬୧୧୧୮୬୭୩

ପଥରଖଣ୍ଡକୁ ଫଟାଉଥିଲା ସେଥିରେ ଗୋଟିଏ ସୁନ୍ଦର ସରସ୍ୱତୀଙ୍କ ମୂର୍ତ୍ତି ତିଆରି ହୋଇଯାଇଛି । ପଥର ଖଣ୍ଡ ସବୁ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥାଏ । ହେଡସାର କହୁଥାନ୍ତି ପିଲାମାନେ ଏଥର ସ୍କୁଲ ପଡ଼ିଆରେ ସରସ୍ୱତୀ ପୂଜା ହେବ । ପିଲାମାନେ ପଡ଼ିଆକୁ ସଫାକରି ପତକା ଓ କନାରେ ସରସ୍ୱତୀଙ୍କୁ ସଜାଇବେ । ସରଳ ଗୋଟିଏ ପଥର ଖଣ୍ଡ ବ୍ୟାଗରେ ପୁରାଇ ଆଣିଲା । ମା'ଙ୍କୁ ଦେଖାଇ କହିଲା ମା' ଏ ପଥର ଖଣ୍ଡ ମୁଁ ସ୍କୁଲ ପାଖରୁ ଆଣିଚି । ଗୋଟିଏ କଳା ଲୋକ ପଥରକୁ ପଠାଇ ଗୋଟିଏ ସୁନ୍ଦର ସରସ୍ୱତୀ ମୂର୍ତ୍ତି କରିଛି । ଅପରଦିନ ଭାଇ ଓ ତା'ର ସାଙ୍ଗମାନେ କନାରେ ସରସ୍ୱତୀଙ୍କୁ ସଜାଇବେ । ମୁଁ ବି ଯିବି । ମା'କହିଲେ ଯିବୁ ଯେ ଏ ପଥରଖଣ୍ଡଟା କାହିଁକି ଘରକୁ ଆଣିଲୁ ? ବାପା ଦେଖିଲେ ବିରକ୍ତ ହେବେ ନେଇଯା ବାହାରେ ଫିଙ୍ଗି ଦେବୁ । ସରଳ କିନ୍ତୁ ପଥରଟି ନଫିଙ୍ଗି ବାପାଙ୍କର ଟେବୁଲ ଉପରେ ଚୁପ କରି ରଖିଦେଲା । ବାପା ଅଫିସରୁ ଫେରି ଦେଖନ୍ତି ପଥର ଖଣ୍ଡେ ତାଙ୍କୁ ଟେବୁଲ ଉପରେ ଥୁଆ ହୋଇଛି । ସେ ପାଟି କରି ଉଠିଲେ ତାଙ୍କର ପାଟି ଶୁଣି ତୃପ୍ତିମୟୀ, ସରଳ ଓ ବିବେକ ଧାଇଁ ଆସିଲେ । ମା'କହିଲେ ଏ ସବୁ ତୁମ ଗେହ୍ଲାପୁଅ ସରଳର କାମ । ବାପା ପଥର ଖଣ୍ଡକୁ ରାଗି ସରଳର ବସ୍ତାନି ଭିତରେ ରଖି କହିଲେ ତତେ ଯଦି ଏ ପଥର ଏତେ ଭଲ ଲାଗୁଛି ବସ୍ତାନି ଭିତରେ ରଖ । ବିଚରା ସରଳ କାନମୁଣ୍ଡା ଆଉଁଷି ଚୁପ ରହିଲା । ତା ପରଦିନ ବାପା ଦୁଇ ଭାଇଙ୍କୁ ସ୍କୁଲ ଦ୍ୱାର ମୁହଁରେ ଛାଡ଼ି ଦେଲେ । ସରଳ ଦେଖିଲା ବାହାରେ ସେ କଳାଲୋକଟି ଏକାକୀ ବସିଛି । ସରଳ ସାହାସ କରି ବ୍ୟାଗରୁ ପଥରଟି କାଢ଼ି ସେ କଳା ଲୋକ ପାଖକୁ ଯାଇ ପଚାରିଲା ଅଙ୍କଲ ଆପଣ କ'ଣ ଜାଣିଥିଲେ ଯେ ପଥର ଖଣ୍ଡ ଭିତରେ ସୁନ୍ଦର ମୂର୍ତ୍ତିଟି ଥିଲା ବୋଲି ? ଆପଣ କେମିତି ଜାଣିଲେ ? ମୁଁ ଗୋଟିଏ ପଥର ଖଣ୍ଡ ନେଇଯାଇଥିଲି ଘରେ ଗାଳି ଖାଇଲି ଏଗୁଡ଼ିକ କ'ଣ ଅଦରକାରୀ ? କଳା ଲୋକ ଜଣକ ସରଳକୁ ନିଜ ଆଡ଼କୁ ଟାଣି ଆଣି କୁଣ୍ଢେଇ ପକାଇଲେ । କହିଲେ ନାରେ ବାବୁ ପଥର ଭିତରେ ଏ ମୂର୍ତ୍ତିକୁ ମୁଁ ଭାବନାରେ ଦେଖୁଥିଲି । ଏ ସବୁ ଛୋଟ ଛୋଟ ପଥର ଭିତରେ ମଧ୍ୟ ସୁନ୍ଦର ସୁନ୍ଦର ମୂର୍ତ୍ତି ରହିଛି । ତାକୁ ଭାବି ଭାବି ପିଟି ପିଟି ଗଢ଼ିବାକୁ ହୁଏ । ସବୁ ପଥର ଖଣ୍ଡରୁ ତୋ ପରି କୁନି କୁନି ମୂର୍ତ୍ତି ଗଢ଼ିହେବ । ତୁ ସ୍କୁଲକୁ ଯେଉଁ ଆସୁଛୁ ତତେ ସାରମାନେ ଦିନେ ଗୋଟିଏ ସୁନ୍ଦର ମୂର୍ତ୍ତି କରି ଗଢ଼ି ତୋଳିବେ ଏ ସରସ୍ୱତୀ ମୂର୍ତ୍ତିଟି କାଲି ଯେପରି ପୂଜା ପାଇବ ତୁ ମଧ୍ୟ ସୁନ୍ଦର ଛାତ୍ରଟିଏ ହୋଇପାରିଲେ ସମସ୍ତେ ତତେ ପ୍ରଶଂସା ଓ ପୂଜା କରିବେ । ସାରମାନେ ମୋ ପରି ଜଣେ ଜଣେ ମୂର୍ତ୍ତିକାର ଏ ସମୟରେ ସ୍କୁଲର ଘଣ୍ଟି ବାଜିଉଠିଲା । ସରଳ ଦୌଡ଼ି ଯାଇ ତାର କ୍ଲାସରୁମରେ ବସିପଡ଼ିଲା ଓ ବୁଝିପାରିଲା ମା'କୁ ଦିନେ ପଚାରିଥିବା ପ୍ରଶ୍ନ । ମା'ସ୍କୁଲକୁ କାହିଁକି ଯାଆନ୍ତି ? ସେଠାରେ କ'ଣ ହୁଏ ? ଇତ୍ୟାଦି ।

## ଶାମ୍ବ ଦଶମୀ ସୂର୍ଯ୍ୟଙ୍କର ମୁଖ୍ୟ ପୂଜା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେଉଁ ଆଦିମ ଓ ବୈଦିକ କାଳରୁ ଆଦିଦେବତା ଭାବରେ ସୂର୍ଯ୍ୟ ଉପାସିତ ହୋଇ ଆସିଛନ୍ତି । ସେ ହିଁ ପୃଥିବୀ ସକଳ ଶକ୍ତିର ଆଧାର । ତେଣୁ ଗୃହାଙ୍ଗନଠାରୁ ମନ୍ଦିର ପର୍ଯ୍ୟନ୍ତ, ସର୍ବତ୍ର ସୂର୍ଯ୍ୟ ପୂଜନକୁ ପ୍ରାଥମିକତା ଦିଆଯାଇଥାଏ । ପ୍ରତ୍ୟେକ ଦିନ ସ୍ନାନାନ୍ତି ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବାର ପରଂପରା ରହିଛି । ବ୍ରହ୍ମପୁରାଣ, କପିଳ ସଂହିତା ପ୍ରାଚୀମାହାତ୍ମ୍ୟ ଓ ଶାମ୍ବପୁରାଣ ଆଦି ଗ୍ରନ୍ଥରେ, ପୌଷ ଦଶମୀ ତିଥି ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କର ରୂପେ ବର୍ଣ୍ଣିତ ଅଛି । ସେହି ଅନୁସାରେ, ଓଡିଶାର ପ୍ରତ୍ୟେକ ଗୃହରେ ଶାମ୍ବ ଦଶମୀ ବା ସମ୍ବର ଦଶମୀ ଭାବରେ ସୂର୍ଯ୍ୟଙ୍କର ଏକ ବିଶେଷ ପୂଜା ଅନୁଷ୍ଠିତ ହୋଇଥାଏ । କଥିତ ଅଛି, ଏକଦା କୃଷ୍ଣପୁତ୍ର ଶାମ୍ବ ନିଜର ଚପଳତା ହେତୁ ଅଭିଶାପ ପାଇ କୁଷ୍ଠରୋଗରେ ପୀଡିତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଦକ୍ଷିଣ ସମୁଦ୍ର ତଟରେ ଥିବା ମୈତ୍ରେୟ ବନକୁ ଆସି ସୂର୍ଯ୍ୟଙ୍କୁ ଉପାସନା କରିବା ଫଳରେ, ସେ ସେହି ରୋଗରୁ ମୁକ୍ତ ହୋଇଥିଲେ । ପୌଷ ଶୁକ୍ଳ ଦଶମୀ ତିଥିରେ ସୂର୍ଯ୍ୟଦେବ ଶାମ୍ବଙ୍କୁ ଆଦିତ୍ୟ ନାରରୟଣଙ୍କର ଏକ କନକ କକପ୍ରତିମା ପ୍ରଦାନ କରି, ଅର୍କକ୍ଷେତ୍ରରେ ତାହାର ପ୍ରତିଷ୍ଠା କରିବାକୁ



ଉପଦେଶ ଦେଇଥିଲେ । ସେହି ସ୍ମୃତିରେ ଆଜି ମଧ୍ୟ ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ ଏବଂ ଗୃହୀମାନେ ନଜି ନିଜ ଗୃହରେ ଭକ୍ତି ସହକାରେ ସୂର୍ଯ୍ୟଦେବଙ୍କର ଉପସାନା କରିଥାନ୍ତି । ଏହି ପୂଜାର ବିଧି ଯେପରି ମନମୋହକ ସେହିପରି ଆନନ୍ଦାୟକ । ଘରର ମା ମାନେ ସନ୍ତାନମାନଙ୍କର ନିରୋଗ ଜୀବନ କାମନା କରି ଏହି ପୂଜା ବିଧି ଅନୁଷ୍ଠାନ କରିଥାନ୍ତି । ସକାଳୁ ଉଠି ସ୍ନାନ ସାରି ମା ମାନେ ଚାଉଳ ଓ ଗୁଡରେ ଏକ ବିଶେଷ ପ୍ରକାରର ଜାଉ ତିଆରି କରନ୍ତି ତାହା ସକାଳସୂର୍ଯ୍ୟଙ୍କୁ ଭୋଗ ଲଗାଯାଇଥାଏ । ତା ପରେ ମଧ୍ୟାହ୍ନରେ ଓଡିଆ ଘରେ ତିଆରି ହେଉଥିବା ବିଭିନ୍ନ ପ୍ରକାରର ବ୍ୟଞ୍ଜନ, ଯଥା ଖିରି, ପୁରି ବିଭିନ୍ନ ପ୍ରକାର ପିଠା, ମିଠା, ଦହିଭାତ, ଖେଚୁଡି, ଡାଲମା, ମକର ଚାଉଳ, ଲଡୁ ଆଦି ନୈବେଦ୍ୟ ରୂପେ ପ୍ରସ୍ତୁତ ହୋଇଥାଏ । ମଝିଦୁଆରକୁ ଲିପାପୋଛା କରି, ବାଇଗଣପତ୍ରରେ ତାହା ବାଢି ସୂର୍ଯ୍ୟଙ୍କୁ ସମପର୍ଣ କରାଯାଏ । ଏହି ଭୋଗକୁ ଛୋଟପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ । ରାତ୍ରି କାଳରେ ଗୃହଣୀମାନେ ବୁଢାଚକୁଳି କରି ସୂର୍ଯ୍ୟଙ୍କୁ ଅର୍ପଣ କରିଥାନ୍ତି । ବିଶ୍ୱାସ କରାଯାଏ ଯେ ଯମା ସନ୍ତୁଷ୍ଟ ହେଲେ ପୂରା ପରିବାର ନିରାମୟ ଜୀବନଯାପନ କରିବେ ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

## ନିର୍ବାଚନ, ଓମିକ୍ରନ ଓ ଜୀବନ ଜୀବିକା

ସତ୍ୟ ମହାପାତ୍ର

ଓଡ଼ିଶାରେ ଓମିକ୍ରନର ତୃତୀୟ ଲହର ଲମ୍ଫ ଡିଆଁ ମାରିଲାଣି । ଆଗକୁ ସ୍ଥିତି ସାଂଘାତିକ ହେବାର ସମ୍ଭାବନା ମଧ୍ୟ ଦେଖାଗଲାଣି । ତେବେ ଯେଉଁ ସମୟରେ କରୋନା ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର ଭୟ ରହୁଛି ସେହି ସମୟରେ ହିଁ ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ ନେଇ ଘୋଘା ଓ ପ୍ରଚାରର ମାହୋଲ ବଢ଼ିଥିବ ତେବେ ବଡ଼ ଭୟ ଓ ଆଶଙ୍କାର ସମ୍ଭାବନା ହେଉଛି ଏହି ନିର୍ବାଚନ ପ୍ରଚାର, ସଭାସମିତି, ରାଲି ଓ ଭୋଟଦାନ ରାଜ୍ୟ ପାଇଁ ବଡ଼ ବିପଦର କାରଣ ହେବନାହିଁ ତ ? ବଡ଼କଥା ହେଉଛି ପଞ୍ଚାୟତ ନିର୍ବାଚନ ତୃଣମୂଳ ସ୍ତରରେ ହେଉଥିବାରୁ ଭିଡ଼କୁ ନଜର ଅନ୍ଦାଜ କରିହେବନାହିଁ । ଗାଁରେ ଭିଡ଼ ବଢ଼ିବ, ଭୋଜିଭାତ ଲାଗିରହିବ, ସେଠାରେ କରୋନାର କଟକଣା ଯେ ନିୟମ ଅନୁସାରେ ପାଳନ ହେବ ଏହା କହିହେବନାହିଁ । ବଡ଼କଥା ହେଉଛି ନିର୍ବାଚନ ପାଇଁ ଯଦି କାହାର ଜୀବନ ଯାଏ ତାହାହେଲେ କିଏ ଦାୟୀ ହେବ ? ଗତବର୍ଷ ପିପିଲି ଉପ ନିର୍ବାଚନ ବେଳେ ଏହିପରି ଅଭୁଲା ଦୁଃଖ ରହିଛି । କାରଣ ପ୍ରଚାରରେ ଯୋଗ ଦେଇଥିବା ଜଣେ କର୍ମୀ ଏହି ସମସ୍ୟା ପାଇଁ କରୋନାରେ ଆକ୍ରାନ୍ତ ହୋଇ ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା । ତେଣୁ ବଡ଼କଥା ହେଉଛି ଏପରି ଏକ ସମୟରେ କ'ଣ କରାଯାଇପାରିବ ।

ଦେଶରେ କୋଭିଡ଼ ସଂକ୍ରମଣ ବଢୁଥିବାବେଳେ ପାଞ୍ଚଟି ରାଜ୍ୟରେ ନିର୍ବାଚନ ନେଇ ନିର୍ବାଚନ କମିଶନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି । ଏଭଳି ସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ନିର୍ବାଚନ କମିଶନଙ୍କ ସହ ଆଲୋଚନା କରିଥିଲେ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ନିର୍ବାଚନ କରିବାକୁ କମିଶନ ଚାହୁଁଛନ୍ତି । ହେଲେ ସଂକ୍ରମଣକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରଚାର ବେଳେ ବଡ଼ ର୍ୟାଲି ଓ ସଭା ଉପରେ କଟକଣା କରାଯାଇପାରେ । ଏହି ଲେଖା ପ୍ରସ୍ତୁତି ହେଲାବେଳକୁ ଭାରତରେ କରୋନା ବିସ୍ଫୋରକ ରୂପ ନେଇ ଗୋଟିଏ ଦିନରେ ୯୧ ହଜାର ପଜିଟିଭଙ୍କ ରେକର୍ଡ଼ ରଖାଯାଇଛି । ଇତିମଧ୍ୟରେ ତୃତୀୟ ଲହର ଡେଣା ମେଲାଉଥିବାବେଳେ ଖାଉଟିମାନେ ଆଗୁଆ ଲକ୍‌ଡାଉନ ଭୟରେ ଖାଦ୍ୟ ସାମଗ୍ରୀ କିଣି ଘରେ ମହଜୁଦ କରିବାକୁ ଲାଗିଲେଣି । ଇତିମଧ୍ୟରେ କର୍ପୋରେଟ ମହଲ ମଧ୍ୟ ଆସନ ଭୟକୁ ନେଇ ଚିନ୍ତା ବ୍ୟକ୍ତ କଲେଣି । ଦୁଇବର୍ଷ ମହାମାରୀରେ ଘାଣ୍ଟି ହୋଇ ସୁଧାର ଆଗକୁ ବଢୁଥିବାବେଳେ ବ୍ୟବସାୟୀମାନଙ୍କ ପାଇଁ ଓମିକ୍ରନର ଭୟ ଏକ ସାଂଘାତିକ ଘଟଣା ପାଲଟିଲାଣି ।

ଓମିକ୍ରନର ସମ୍ଭାବନା ବଡ଼ ଦୁଃଖ ଓ କ୍ଷତି ପହଞ୍ଚାଇବ, ଗରିବ ଓ ରାସ୍ତାକଡ଼ର କ୍ଷୁଦ୍ର ବେପାରୀ ମାନଙ୍କ ପାଇଁ । ସେମାନଙ୍କ ଜୀବନ ଜୀବିକା ଉଜୁଡ଼ିଯିବ ଏ କ୍ଷେତ୍ରରେ ମଧ୍ୟମ ବର୍ଗ ମଧ୍ୟ ବର୍ତ୍ତି ପାରିବେ ନାହିଁ । ଦୁଇବର୍ଷର କରୋନା ସାଂଘାତିକ ଦୁଃଖ ଅନେକ ପରିବାରରେ ଯେଉଁ କାଳଝଡ଼ ପରି କ୍ଷତି ପହଞ୍ଚାଇଛି ତାହା ମଧ୍ୟ ଅକଳ୍ପନୀୟ । ସରକାରୀ ସହାୟତା ବା କ୍ଷତିପୂରଣ ଆଦୌ ପର୍ଯ୍ୟାପ୍ତ ନୁହଁ । ତେବେ ଅନ୍ୟ ଏକ କଥା ହେଉଛି ଏହିପରି ସମୟରେ ଅନେକ ଥାଆନ୍ତି ଯେଉଁମାନେ ଗୁଜବ ପ୍ରଚାର ପ୍ରସାର କରି ଆତ୍ମସନ୍ତୋଷ ପାଇଥାନ୍ତି କିନ୍ତୁ ସେମାନେ ଅନ୍ୟ ମାନଙ୍କ ପାଇଁ ଯେ କେତେ ଘାତକ ସାବ୍ୟସ୍ତ ହୋଇଥାନ୍ତି ତାହା ଚିନ୍ତାର ବାହାରେ । ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇପାରେ କାରଣ ଜୀବନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଅମୂଲ୍ୟ । ଗୋଟିଏ ପରିବାରର ମୁଖିଆଙ୍କ ଅକାଳ ବିୟୋଗ ପରେ ଅନେକେ ଭାବି ନଥିବେ ସେ ପରିବାର କେଉଁପରି ଦୁଃଖ ଦୁର୍ଦ୍ଦଶାକୁ ସାମ୍ନା କରିଥାନ୍ତି । ଆସନ୍ତୁ ସମସ୍ତେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସତର୍କତାକୁ ମାନିବା, ସାମାଜିକ ଦୂରତ୍ୱ ଅବଲମ୍ବନ କରିବା, ମାକ୍ସ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ଗହଳିକୁ ଆଦୌ ଯିବା ନାହିଁ । କରୋନାର ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ ରଖିବା, କୌଣସି ଗୁଜବ ପ୍ରଚାର ପ୍ରସାର କରିବା ନାହିଁ ଏବଂ ନିଜ ସୀମିତ ସାଧ୍ୟ ମତେ ଅଭାବୀ, ଦୁଃଖି ଓ କଷ୍ଟ ପାଉଥିବା ଲୋକମାନଙ୍କ ସାହାଯ୍ୟ କରିବା ଏହା ହିଁ ସବୁଠାରୁ ବଡ଼ ମାନବ ଧର୍ମ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,*

## ଧର୍ମାବତାର, ମାଇଁ ଲର୍ଡ଼ ଓ ସାର୍

ସତ୍ୟ ମହାପାତ୍ର

ଭାରତର ଆବହମାନ ନ୍ୟାୟପାଳିକାରେ ନ୍ୟାୟମୂର୍ତ୍ତି ମାନଙ୍କୁ ଧର୍ମାବତାର ଭାବେ ବିଚାର କରାଯାଏ ଏ ନେଇ ସମସ୍ତଙ୍କର ମାନସିକତା ଗ୍ରହଣୀୟ ଓ ଏହା ବର୍ଷ ବର୍ଷ ଧରି ରହିଯାଇଛି । ତେବେ ଏକ ବିରଳ ଓ ଐତିହାସିକ ଘଟଣାକ୍ରମେ ଏଣିକି ହାଇକୋର୍ଟରେ ଶୁଣାଣି ବେଳେ ଆଇନଜୀବୀମାନେ ବିଚାରପତିଙ୍କୁ 'ମାଇଁ ଲର୍ଡ଼' ପରିବର୍ତ୍ତେ 'ସାର' ସମ୍ବୋଧନ କରିବେ । ଆଉ ଆଇନଜୀବୀମାନେ ଶୁଣାଣି ବେଳେ 'ମାଇଁ ଲର୍ଡ଼' କିମ୍ବା 'ୟୋର ଲର୍ଡ଼ସିପ୍' ସମ୍ବୋଧନ କରିବେ ନାହିଁ । ଇତିମଧ୍ୟରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟର ଶୁଣାଣି ପାଇଁ ପ୍ରକାଶିତ କଜଲିଷ୍ଟରେ ଏହି ସୂଚନା ଦିଆଯାଇଛି । ୨୦୨୨ରୁ ବର୍ଷ ଆରମ୍ଭରୁ ଏଭଳି ଏକ ପଦକ୍ଷେପକୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଐତିହାସିକ ନିଷ୍ପତ୍ତି କୁହାଯାଇଛି ।

ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଏଭଳି ଏକ ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ଓଡ଼ିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଗତିକୃଷ୍ଣ ମିଶ୍ର ସେ ସମୟରେ ମଧ୍ୟ ଫୁଲକୋର୍ଟ ବସାଇ ଏଭଳି ଏକ ନିଷ୍ପତ୍ତି ନେଇଥିଲେ । ଯେଉଁଥିରେ ବିଚାରପତିଙ୍କୁ 'ମାଇଁ ଲର୍ଡ଼' ସମ୍ବୋଧନ ନକରିବାକୁ କୁହାଯାଇଥିଲା ବୋଲି ହାଇକୋର୍ଟର ବରିଷ୍ଠ ଆଇନଜୀବୀମାନେ ମତ ରଖିଛନ୍ତି । କିନ୍ତୁ ଏହି ସମ୍ବୋଧନ କିଛିଦିନ ଚାଲିବା ପରେ ପୁଣି ବନ୍ଦ ହୋଇଯାଇଥିଲା । ୨୦୦୬ ମସିହାରେ ଭାରତୀୟ ଆଇନଜୀବୀ ପରିଷଦ (ବିସିଆଇ) ପକ୍ଷରୁ ମଧ୍ୟ ବିଚାରପତିଙ୍କୁ 'ମାଇଁ ଲର୍ଡ଼' ସମ୍ବୋଧନ ନକରିବାକୁ ପ୍ରତ୍ୟେକ ବାରକୁ ପ୍ରସ୍ତାବ ଦିଆଯାଇଥିଲା । ବିସିଆଇର ଏହି ପ୍ରସ୍ତାବ ଆଧାରରେ ରାଜ୍ୟ ଆଇନଜୀବୀ ପରିଷଦ ମଧ୍ୟ ସମାନ ପ୍ରସ୍ତାବ ନେଇଥିଲା । ବିଚାରପତିଙ୍କୁ 'ମାଇଁ ଲର୍ଡ଼' ସମ୍ବୋଧନ କରିବାର ଧାରା ବ୍ରିଟିଶ ଶାସନରେ କରାଯାଇଥିଲା । ଏବେ ଆମେ ସ୍ୱାଧୀନ । ତେଣୁ ସ୍ୱାଧୀନ ଭାରତରେ ଏଭଳି ସମ୍ବୋଧନ କରିବାର ଆବଶ୍ୟକତା ନାହିଁ । ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ମୁରଲୀଧର ୨୦୨୦ ମସିହାରେ ପଞ୍ଜାବ-ହରିୟାନା ହାଇକୋର୍ଟରେ ଥିବାବେଳେ ସେଠାରେ ମଧ୍ୟ ଅନୁରୂପ ନିଷ୍ପତ୍ତି ନେଇଥିଲେ । ୨୦୦୯ ମସିହାରେ ଦିଲ୍ଲୀ ହାଇକୋର୍ଟରେ ଥିଲାବେଳେ ମଧ୍ୟ ସେ ଆଇନଜୀବୀଙ୍କୁ 'ମାଇଁ ଲର୍ଡ଼' ସମ୍ବୋଧନ ନକରିବାକୁ ବାରଣ କରିଥିଲେ । ବାରକାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ବହୁ ପୂର୍ବରୁ ଏ ସଂକ୍ରାନ୍ତରେ ଗାଇଡ଼ ଲାଇନ ମଧ୍ୟ ଜାରି ହୋଇଥିବାର ନଜିର ରହିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବାର କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଦେଶର ସମସ୍ତ ବାରକୁ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଭଗବାନ ଲୋକଙ୍କୁ ନ୍ୟାୟ ଦିଅନ୍ତି । ମହକିଲଙ୍କୁ ବିଚାରପତିମାନେ ନ୍ୟାୟ ଦେଉଥିବାରୁ ସେମାନଙ୍କୁ ମାଇଁ ଲର୍ଡ଼ ବୋଲି ସମ୍ବୋଧନ କରାଯାଇ ଆସୁଛି । ମହକିଲ ମାନଙ୍କ ପକ୍ଷରୁ ଆଇନଜୀବୀମାନେ କେସ ଲଢ଼ିଥାନ୍ତି ତେଣୁ ଆଇନଜୀବୀମାନେ ବିଚାରପତିଙ୍କୁ ମାଇଁ ଲର୍ଡ଼ ସମ୍ବୋଧନ କରିଆସୁଛନ୍ତି । ଅନ୍ୟପକ୍ଷରେ ଯଦିଓ ଏହା ବାଧ୍ୟତାମୂଳକ ବି ନୁହଁ ତଥାପି ଏଭଳି ସମ୍ବୋଧନ ଦ୍ୱାରା ବ୍ରିଟିଶ ଅମଳର ପ୍ରଥା ଉଠିବ ନିଶ୍ଚୟ । ପୂର୍ବରୁ ସୁପ୍ରିମକୋର୍ଟ ରାଜସ୍ଥାନ ହାଇକୋର୍ଟ, ଦିଲ୍ଲୀ ହାଇକୋର୍ଟ, ବାର କାଉନସିଲ ମଧ୍ୟ ଏଭଳି ସମ୍ବୋଧନ କରିବାକୁ ନିବେଦନ କରିଛନ୍ତି କିନ୍ତୁ ପୂର୍ବ ବ୍ୟବସ୍ଥାରେ ସମ୍ବୋଧନ କରାଯାଇ ଆସୁଛି । ଏବେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ହେବାର ଗୋଟିଏ ବର୍ଷ ପରେ ଅନୁରୂପ ନିଷ୍ପତ୍ତି ଗ୍ରହଣ କରି ବିଚାର ବ୍ୟବସ୍ଥାରେ ଚହଳ ସୃଷ୍ଟି କରିଛନ୍ତି । ଏ ନେଇ ହାଇକୋର୍ଟ ବାର ଆସୋସିଏସନର ମିଳିଥିବା ତଥ୍ୟ ଅନୁଯାୟୀ ଏହି ନିଷ୍ପତ୍ତି କେବଳ ମୁଖ୍ୟ ବିଚାରପତିଙ୍କ କୋର୍ଟ ପାଇଁ କରାଯାଇଛି । ଅର୍ଥାତ୍ କେବଳ ମୁଖ୍ୟ ବିଚାରପତିଙ୍କ ଅଦାଲତରେ ଥିଲାବେଳେ ଆଇନଜୀବୀମାନେ 'ମାଇଁ ଲର୍ଡ଼' ପରିବର୍ତ୍ତେ 'ସାର' ସମ୍ବୋଧନ କରିବେ । କିନ୍ତୁ ହାଇକୋର୍ଟର ଅନ୍ୟ କୋର୍ଟକୁ ଯିବାବେଳେ ସେଠାରେ ପୂର୍ବଭଳି ବିଚାରପତିଙ୍କୁ 'ମାଇଁ ଲର୍ଡ଼' ସମ୍ବୋଧନ କରିବେ । ତେଣୁ ଅନ୍ୟ ବିଚାରପତିମାନେ ମୁଖ୍ୟ ବିଚାରପତିଙ୍କ ଭଳି ସମାନ ବ୍ୟବସ୍ଥା ଆପଣାଇବାକୁ ସେ ଅନୁରୋଧ କରାଯାଉଛି । ଭାରତ ବର୍ଷର ନ୍ୟାୟିକ ଇତିହାସ ଅତ୍ୟନ୍ତ ଗରିମାପୂର୍ଣ୍ଣ । ଏହି ବୃତ୍ତିରେ ଅନେକ ଯୁବ ପ୍ରତିଭାବାନ ଆଇନ ଛାତ୍ରମାନେ କ୍ୟାରିୟର ପାଇଁ ପ୍ରବେଶ କରୁଛନ୍ତି । ଏପରି ସ୍ଥଳରେ ଉପରୋକ୍ତ ବିଚାରଧାରା ଅତ୍ୟନ୍ତ ଗ୍ରହଣୀୟ, ଯୁଗପୋଯୋଗୀ ଓ ଐତିହାସିକ ବୋଲି ଗ୍ରହଣ କରାଯାଇପାରେ । ଓଡ଼ିଶାର ଯୁବ ଆଇନଜୀବୀମାନଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ପାଇଁ ଅଭିନନ୍ଦନ ଜଣାଇବା ସହ ଏହା ସମସ୍ତଙ୍କ ପାଇଁ ଗ୍ରହଣୀୟ ଓ ଆଦରଣୀୟ ହେବ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨*

## ଆଶାପୂର୍ଣ୍ଣାଦେବୀ

ପ୍ରସିଦ୍ଧ ବେଙ୍ଗଲୀ ଔପନ୍ୟାସିକା ଓ କବି ଆଶାପୂର୍ଣ୍ଣାଦେବୀ । ସାହିତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ଲାଗି ଅନେକ ପୁରସ୍କାର ଓ ସମ୍ମାନର ସେ ଅଧିକାରିଣୀ ହୋଇଛନ୍ତି । ୧୯୭୬ରେ ଜ୍ଞାନପୀଠ ଏବଂ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଜବଲପୁର ୟୁନିଭର୍ସିଟି ଦ୍ୱାରା ଡି.ଲିଟ୍, ୧୯୮୯ରେ ବିଶ୍ୱ ଭାରତୀ ୟୁନିଭର୍ସିଟି ଦେଶୀକୋଟ୍ଟାମା ସମ୍ମାନରେ ତାଙ୍କୁ ସମ୍ମାନିତ କରିଥିଲା । ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ଜଗତରେ ଅବଦାନ ଲାଗି ୧୯୯୪ରେ ସାହିତ୍ୟ ଏକାଡ଼େମୀ ପକ୍ଷରୁ ତାଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା । ତାଙ୍କ ସମୟରେ ଝିଅମାନଙ୍କୁ ସ୍କୁଲ ଯିବାକୁ ଦିଆଯାଉନଥିଲା । କେବଳ ପୁଅଙ୍କ ଲାଗି ଘରେ ଟ୍ୟୁସନ୍ ମାଷ୍ଟର ବ୍ୟବସ୍ଥା ଥିଲା । ଭାଇ ପଢ଼ିବାବେଳେ ପାଖରେ ବସି ଆଶାପୂର୍ଣ୍ଣା ନିଜେ ନିଜେ ପଢୁଥିଲେ । ପୁସ୍ତକ ପ୍ରତି ତାଙ୍କ ଦୁର୍ବଳତା ପିଲାଦିନୁ ଜଣାପଡ଼ିଥିଲା । କବିତା ଲିଖନ ଓ ପଠନରେ ଭଉଣୀମାନଙ୍କ ସହ ଆଶାପୂର୍ଣ୍ଣାଙ୍କର ଅନେକ ସମୟରେ ପ୍ରତିଯୋଗିତା ହେଉଥିଲା । ୧୩ ବର୍ଷ ବୟସରେ ତାଙ୍କ କବିତା ବୈରର ଡାକ ପ୍ରକାଶ ପାଇଥିଲା । ପ୍ରଥମେ ସେ ପିଲାଙ୍କ ପାଇଁ ଲେଖାଲେଖି କରୁଥିଲେ । ୧୯୩୬ରେ ବୟସ୍କଙ୍କ ପାଇଁ ଲିଖିତ ତାଙ୍କର ପ୍ରଥମ କାହାଣୀ ପତ୍ନୀ ଓ ପ୍ରେୟସୀ ଆନନ୍ଦ ବଜାର ପତ୍ରିକାରେ ପ୍ରକାଶ ପାଇଥିଲା । ତାଙ୍କର ପ୍ରଥମ ଉପନ୍ୟାସ ପ୍ରେମ ଓ ପ୍ରୟୋଜନ ୧୯୪୪ରେ ପ୍ରକାଶ ପାଇଥିଲା । ତାପରେ ତାଙ୍କ ଲେଖନୀ ଆଉ ଅଟକିନଥିଲା । ଆଶାପୂର୍ଣ୍ଣାଙ୍କ ଅଧିକାଂଶ ଲେଖା ସାମାଜିକ ପୃଷ୍ଠଭୂମି ଉପରେ ଆଧାରିତ । ସାମାଜିକ ଅସମାନତା, ଅନ୍ୟାୟ, ଜାତିପ୍ରଥା ବିରୋଧରେ ସେ ସ୍ୱରୋତ୍ତୋଳନ କରିଥିଲେ । ୧୯୦୯ ଜାନୁଆରୀ ଆଜିର ଦିନ କଲିକତା ସ୍ଥିତ ପୋତୋଲଡାଙ୍ଗଠାରେ ଆଶାପୂର୍ଣ୍ଣା ଜନ୍ମ ହୋଇଥିଲେ ।

ଅନେକ ପ୍ରକାଶକ ତାଙ୍କୁ ଆତ୍ମଜୀବନୀ ଲେଖିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସେ ତାକୁ ଏଡ଼ାଇ ଯାଇ କହୁଥିଲେ ମୁଁ ଗୋଟିଏ ରକ୍ଷଣଶୀଳ ପରିବାରର ବୋହୂ, ମୋ ଜୀବନରେ କ'ଣ ସଂଗ୍ରାମ ସଂଘାତ ଅଛି ଯେ ସେଥିରେ ମୁଁ ଆତ୍ମଜୀବନୀ ଲେଖିବି ? ମାତ୍ର ପତ୍ରିକା ସଂପାଦକମାନେ ନାନା କୌଶଳରେ ବିଭିନ୍ନ ଅବସରରେ ଅନୁରୋଧପତ୍ର ଲେଖି ତାଙ୍କ ଠାରୁ କିଛି ଜୀବନସ୍ମୃତି ଲେଖାଇ ନେଇଥିଲେ, ଯାହା ବିଭିନ୍ନ ପତ୍ର ପତ୍ରିକାରେ ଖଣ୍ଡିତ ଆକାରରେ ପ୍ରକାଶ ପାଇଥିଲା । ତାଙ୍କର ସ୍ୱର୍ଗାରୋହଣ ପରେ କେତେକ ପତ୍ରପତ୍ରିକା ତାଙ୍କ ଜୀବନସ୍ମୃତି ପ୍ରକାଶ କରି ପାଠକପାଠିକାଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ସେ ପ୍ରତିଭାମୟୀ ମାତୃଶକ୍ତି ସବୁକାଳରେ ସବୁଯୁଗରେ ପୂଜନୀୟା, ବନ୍ଦନୀୟା । ଆଶାପୂର୍ଣ୍ଣା ଦେବୀ ଗଳ୍ପ ଉପନ୍ୟାସ ଲେଖିବା ଛଡ଼ା ଅନେକ ଶିଶୁସାହିତ୍ୟ ଲେଖିଛନ୍ତି । ସେ ଶିଶୁସାହିତ୍ୟ ଗୁଡ଼ିକ ମଧ୍ୟ ବଙ୍ଗଳା ସାହିତ୍ୟରେ ଅମୂଲ୍ୟ ରତ୍ନରୂପେ ଗୃହୀତ । ବଙ୍ଗଳା ସାହିତ୍ୟର ଅବିସ୍ମରଣୀୟା ଔପନ୍ୟାସିକା ଆଶାପୂର୍ଣ୍ଣା ଦେବୀଙ୍କ ଯଶ କେବଳ ବଙ୍ଗଳା ସାହିତ୍ୟରେ ସୀମାବଦ୍ଧ ନୁହେଁ । ସେ ସମଗ୍ର ଭାରତୀୟ ସାହିତ୍ୟର ଜଣେ ଅଗ୍ରପୂଜ୍ୟା ଲେଖିକା ହିସାବରେ ସମ୍ମାନିତା । ତାଙ୍କର କୌଣସି ସ୍କୁଲ କଲେଜ ଶିକ୍ଷାର ତାଲିମ ନଥିବା ସତ୍ତ୍ୱେ ସେ ଯେପରି ଉଚ୍ଚାଙ୍ଗ କଥାସାହିତ୍ୟ ସୃଷ୍ଟି କରି ଯାଇଛନ୍ତି, ତାହାର ପଟାନ୍ତର ଭାରତୀୟ ସାହିତ୍ୟରେ ନାହିଁ । ଜଣେ ଲେଖିକାର ଭାଗ୍ୟ ନେଇ ସେ ଯେପରି ସରସ୍ୱତୀଙ୍କ ବରଲାଭ କରି ଜନ୍ମଗ୍ରହଣ କରିଥିଲେ । ତାଙ୍କ ଠାରେ ଥିବା ଅଦ୍ଭୁତ୍ ଐଶ୍ୱରିକ ଶକ୍ତି । ତାଙ୍କ ପ୍ରତିଭାର ଯେଉଁ ଉନ୍ମେଷ ଘଟିଥିଲା ତାହା ଖୁବ୍ କମ୍ ଲେଖକ ଲେଖିକାଙ୍କ ଭାଗ୍ୟରେ ଦେଖାଯାଏ । ତେର ବର୍ଷ ବୟସରୁ ଅଶୀବର୍ଷ ବୟସ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଲେଖନୀ ଚାଳନା କରି



ବିପିନ ବିହାରୀ ରାଉତ

ଦେଢ଼ଶହ ଉପନ୍ୟାସ, ଦେଢ଼ହଜାର କ୍ଷୁଦ୍ରଗଳ୍ପ ଲେଖି ପାରିଥିଲେ । ପରିମାଣ ଦୃଷ୍ଟିରୁ କେବଳ ନୁହେଁ, ଉଚ୍ଚାଙ୍ଗ ସାହିତ୍ୟ ଦୃଷ୍ଟିରୁ ମଧ୍ୟ ଏହା ଅନବଦ୍ୟ । ତାଙ୍କର ଏହି ସାହିତ୍ୟ ସର୍ଜନା କର୍ମ ପାଇଁ ସେ ଜ୍ଞାନପୀଠ ପୁରସ୍କାର, ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ଭୂଷିତ ହୋଇଛନ୍ତି । ଆଶାପୂର୍ଣ୍ଣା ଦେବୀଙ୍କ ଓଡ଼ିଆ ପାଠକପାଠିକା ଅନେକ ରହିଛନ୍ତି । ଆଜି ଏପରି ଜଣେ ଅନନ୍ୟ ଶ୍ରେଷ୍ଠ ଲେଖିକାଙ୍କ ଜନ୍ମ ତିଥି ଅବସରରେ ତାଙ୍କୁ ଆମେ ସ୍ମରଣ କରୁଛୁ ।

*ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩*

## ବାକ୍ ସଞ୍ଜମ ଓ ତାର ଉପକାରୀତା



*ସୌରଚନ୍ଦ୍ର ମହାପାତ୍ର*
ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

ମାନବ ଜନ୍ମ ଦୁର୍ଲଭ ବୋଲି କୁହାଯାଏ । କାରଣ ୮୪ ଲକ୍ଷ ଜନ୍ମ ପରେ ମାନବ ଜନ୍ମ ମିଳେ । ଆମେମାନେ ସମସ୍ତେ ନିଶ୍ଚିତ ଭାବରେ ଭାଗ୍ୟବାନ ଓ ଭାଗ୍ୟବତୀ ଯେ ଆମକୁ ମଣିଷ ଶରୀର ମିଳିଛି । ଏହି ଶରୀରକୁ ଆମର ବୁଦ୍ଧି ବିବେକ ବଳରେ ଯଦି ଆମେ ଠିକ୍ ଭାବରେ ଉପଯୋଗ କରିପାରିବା ତାହେଲେ ଆମ ଜନ୍ମ ସାର୍ଥକ ହେବ । ପଞ୍ଚ ମହାଭୂତରେ ଗଢ଼ା ଆମ ଶରୀର । ଏ ଶରୀର ଭିତରେ ଆମର ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ ରହିଛନ୍ତି । ଏଠାରେ ଗୋଟିଏ ଜ୍ଞାନେନ୍ଦ୍ରିୟ ବିଷୟରେ ଆଲୋଚନା କରିବା । ତାହା ହେଲା 'ଜିହ୍ୱା' । ସବୁ ଇନ୍ଦ୍ରିୟମାନେ ଗୋଟିଏ ଗୋଟିଏ କାମରେ ନିଯୁକ୍ତ ଥିବାବେଳେ ଏହି ଇନ୍ଦ୍ରିୟଟି ଦୁଇଟି କାମ କରିପାରେ । ଗୋଟିଏ କଥା କହିବାରେ ଶକ୍ତି ଦିଏ ଅନ୍ୟଟି ଖାଦ୍ୟର ସ୍ୱାଦ ବାରିବାରେ ସାହାଯ୍ୟ କରେ । ଏହାକୁ ରସନେନ୍ଦ୍ରିୟ ମଧ୍ୟ କୁହାଯାଏ । ମାତା ସରସ୍ୱତୀଙ୍କ କୃପାରୁ ଆମେ ବାକ୍ ଶକ୍ତି ପାଇଛୁ ଏହି ଜିହ୍ୱା ସାହାଯ୍ୟଯୋଗୁଁ । ତେଣୁ ଏହି ବାକ୍‌ଶକ୍ତିକୁ କିପରି ଭାବରେ କାମରେ ଲଗାଇବା ତାହା ଆମର ଉପରେ ନିର୍ଭର କରୁଛି । ବାକ୍ ସଂଯମ ଓ ତାର ଉପକାରିତା ବିଷୟରେ କିଛି ଆଲୋଚନା କରିବା । ଭଗବାନ ସତ୍ୟସାଇ ବାବା ତାଙ୍କ ସଙ୍ଗଠନର ନବବିଧ ଆଚରଣ ଉପରେ ଗୁରୁତ୍ୱ ଦିଅନ୍ତି । ତା ଭିତରେ ପ୍ରାର୍ଥନା କରିବା, ଜପ କରିବା, ଭଜନ କରିବା ଇତ୍ୟାଦି ରହିଛି, ସମସ୍ତଙ୍କ ସହିତ ମୃଦୁ ସ୍ୱରରେ ବାର୍ତ୍ତାଳପ ଓ ଅନ୍ୟ କାହାରି ନିନ୍ଦା ରଚନା ନକରିବା ବିଶେଷତଃ ସେମାନଙ୍କ ଅନୁପସ୍ଥିତିରେ ମଧ୍ୟ ରହିଛି । ଏହି ଦୁଇଟି ବିଧି କଷ୍ଟସାଧ ହେଲେ ମଧ୍ୟ ଅଭ୍ୟାସ ବଳରେ ମାନିବା ସମ୍ଭବ ହେବ । ପୁରୁଷ ଲୋକମାନଙ୍କ ଅପେକ୍ଷା ସ୍ତ୍ରୀଲୋକମାନେ ଅଧିକ କଥା କହନ୍ତି । ୫/୭ଜଣ ସ୍ତ୍ରୀଲୋକ ଏକାଠି ହୋଇଗଲେ ନାନା ପ୍ରକାର ଗପ ଆରମ୍ଭ ହୋଇଯାଏ । ଅଧିକ କଥା କହିଲେ ଅଧିକ ଭୁଲ ହୁଏ । ତେଣୁ ବାବା କହନ୍ତି ନିରବତା ହିଁ ସାଧନାର ପ୍ରଥମ ସୋପାନ । ଯେତିକି ଦରକାର ସେତିକି କଥା କୁହନ୍ତୁ ।

ଆମ ପାଟି ଭିତରେ ଥିବା ଜିହ୍ୱାଟି ଅତି କୋମଳ । ସେ ମଧ୍ୟ ସଂଯମ ବଳରେ ମୁନିଆଁ ଦାନ୍ତମାନଙ୍କ ମଧ୍ୟରେ ନିଜକୁ ସୁରକ୍ଷିତ ରଖିଥାଏ । ଭଗବାନ କହନ୍ତି ତୁମର ଜିହ୍ୱାକୁ ପବିତ୍ର କାର୍ଯ୍ୟରେ ନିଯୁକ୍ତ କର । ଏହା ସତ୍ୟ, ମଧୁର ଓ କୋମଳ ବଚନ କହୁ । ତୁମର କଥା ବା ବାଣୀ ଦ୍ୱାରା ଅନ୍ୟ କାହାକୁ କଷ୍ଟ ନହେଉ । ଯେଉଁ ବ୍ୟକ୍ତି ଅନ୍ୟକୁ ଗାଳି ଦିଏ ସେ ପ୍ରକୃତରେ ଈଶ୍ୱରଙ୍କୁ ଗାଳିଦିଏ । କାରଣ ଈଶ୍ୱର ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ । ଜିହ୍ୱାର ପ୍ରଶଂସା କରି ଜୟଦେବ କହିଛନ୍ତି । -'ଜିହ୍ୱେ ରସଜ୍ଞେ ମଧୁର ପ୍ରିୟା ତ୍ୱଂ, ସତ୍ୟଂ ହିତଂ ତ୍ୱା ପରମଂ ବଦାମି, ଅବର୍ଣ୍ଣାୟେଧା ମଧୁକ୍ଷରାଣି, ଗୋବିନ୍ଦ ଦମୋଦର ମାଧବେତି ।' ପ୍ରଭୁଙ୍କର ନାମ ସର୍ବଦା ଆମ ଜିହ୍ୱାରେ ନୃତ୍ୟ କରୁ । କାରଣ ନାମ ସ୍ମରଣ ହିଁ କଳିଯୁଗର ସହଜତମ ଉପାୟ ।

ଏହି ଜିହ୍ୱା ଚାରୋଟି ପାପ କରିଥାଏ । ଯଥା - ମିଛ କହିବା, ଚୁଗୁଲି କରିବା, ଭର୍ତ୍ସନା କରିବା ଓ ବହୁତ କଥା କହିବା । ଏହାଛଡ଼ା ଜିହ୍ୱାର ବହୁତ ଭଲ ଗୁଣ ମଧ୍ୟ ରହିଛି । ସତ୍ୟତା, ଦୃଢ଼ତା, ମଧୁରତା, ସଂକ୍ଷିପ୍ତତା, ହିତକାରିତା, ନମ୍ରତା ଓ ଶିଷ୍ଟତା ଇତ୍ୟାଦି । ବେଦ କହେ 'ସତ୍ୟଂବଦ ଧର୍ମଂଚର' । ଅର୍ଥାତ୍ ସର୍ବଦା ସତ୍ୟକଥା କୁହ ଏବଂ ଧର୍ମର ଆଚରଣ କର ।

ସତ୍ୟତା : ଆଜିକାଲି କଳିଯୁଗର ଲୋକମାନେ କୁହନ୍ତ 'ସତ କହିଲେ, ଧର୍ମ ପଥରେ ଚାଲିଲେ ଆମର ବେଶୀ କ୍ଷତି ହେଉଛି । ଯେଉଁମାନେ ମିଛ କହି ଅଧର୍ମ ପଥରେ ଯାଉଛନ୍ତି ସେମାନେ ବହୁତ ସୁଖରେ ରହୁଛନ୍ତି ଓ ତାଙ୍କର ସବୁପ୍ରକାର ଉନ୍ନତି ହେଉଛି । କିନ୍ତୁ ଏହା ଠିକ୍ ନୁହେଁ । ଯୁଗେ ଯୁଗେ ସତ୍ୟର ଜୟ ହୋଇ ଆସିଛି । ଯେଉଁମାନେ ଅସତ୍ୟ ପଥରେ ଯାଇ ସୁଖରେ ଅଛନ୍ତି ତାହା କ୍ଷଣସ୍ଥାୟୀ । ଭବିଷ୍ୟତରେ ତାଙ୍କର କଳା କର୍ମର ଫଳ ଭୋଗିବାକୁ ପଡ଼ିବ । କାରଣ ସତ କଥାଟି ପାଟିରୁ ଆପେ ଆପେ ବାହାରି ଆସେ । ମିଛ କହିବାକୁ ହେଲେ ଯୋଜନା କରିବାକୁ ପଡ଼େ । ଗୋଟିଏ ମିଛ କଥାକୁ ପ୍ରମାଣ କରିବା ପାଇଁ ଆହୁରି ଅନେକ ମିଛ କହିବାକୁ ପଡ଼ିବ । ତଥାପି ସତ କେବେ ଲୁଚି ରହେନା । ଦିନେ ନା ଦିନେ ତାହା ପଦାକୁ ବାହାରି ଆସେ । ତେଣୁ କୁହାଯାଏ, 'ମିଛ କହିବା ମହାପାପ, ସତରେ ଥାନ୍ତି ଜଗନ୍ନାଥ' ।

ଦୃଢ଼ତା - ସତ କଥାରେ ଆମ ମନ ଦୃଢ଼ ରହେ, ଅନ୍ୟର କଥାରେ ଯଦି ମନ ବିଚଳିତ ନହୁଏ ତାହେଲେ ଆମେ ନିଶ୍ଚୟ ସମ୍ମାନର ଅଧିକାରୀ ହୋଇପାରିବା । ଭଗବାନ ମଧ୍ୟ ଆମ ଉପରେ ସନ୍ତୁଷ୍ଟ ହେବେ । ସେଥିପାଇଁ ପ୍ରାର୍ଥନା କରାଯାଏ - 'ସତ କହିବାକୁ କିଆଁ ଡରିବି ସତ କହି ପଛେ ମଲେ ମରିବି' । ତେଣୁ ସମସ୍ତେ ସବୁବେଳେ ସତ କହିବା ଉଚିତ ।

ମଧୁରତା : - ନବବିଧ ଆଚରଣ ଆଉ ଗୋଟିଏ ବାଣୀ । 'ସମସ୍ତଙ୍କ ସହିତ ମୃଦୁ ସ୍ୱରରେ ବାର୍ତ୍ତାଳପ' । ଭଗବାନ ସବୁବେଳେ କହନ୍ତି, ସମସ୍ତଙ୍କ ସହିତ ଧିର, ନମ୍ର ଓ ଭଦ୍ର ଭାବରେ କଥାବାର୍ତ୍ତା କର । କାହାରି ଅନ୍ତରକୁ ବାଧିଲା ପରି କଥାବାର୍ତ୍ତା କୁହ ନାହିଁ । କାରଣ ପାଟିରୁ ବାହାରି ଥିବା କଥା ବୋହି ଯିବା ପାଣିପରି । ତମେ ଚାହିଁଲେ ମଧ୍ୟ ତାକୁ ଫେରାଇ ଆଣି ପାରିବ ନାହିଁ । ଜଣେ ରାଗରେ ଯଦି ଅନ୍ୟ ଜଣକୁ ମାରି ପିଟି ଆଘାତ କରେ ତେବେ ତାର ଦେହ କଷ୍ଟ ଥିବା ପର୍ଯ୍ୟନ୍ତ ସେ ମନେ ରଖିବ ତାପରେ ସେ ଭୁଲିଯିବ । କିନ୍ତୁ ତାର ଆତ୍ମାକୁ ବାଧିଲା ପରି କଥା କହିଥିଲେ ତା ଜୀବନରେ ଅଲିଭା ଗାର ହୋଇ ରହିଯିବ ସବୁଦିନ ପାଇଁ । ଆମେ କାହାକୁ ଧନ ସମ୍ପଦ ନଦେଇ ପାରୁ, ଶ୍ରମଦାନ କରି ନପାରୁ କିନ୍ତୁ ସ୍ନେହ ସହାନୁଭୂତି ଦେଖାଇ ମଧୁର ସ୍ୱରରେ କଥା ଦିପଦ କହିପାରିବା ତ ? ତେଣୁ କୁହାଯାଏ, 'ମଧୁର ବିନୟ ବଚନ କହି ତୋଷିବ ଜନମନ' । ସଂକ୍ଷିପ୍ତତା - ଆମେ ଯାହା କହିବା ସଂକ୍ଷିପ୍ତରେ କହିବା । କଥାଟିର ସାରମର୍ମ ଜଣା ପଡୁଥିବ କିନ୍ତୁ ବିଷଦ ବର୍ଣ୍ଣନା ହେବ ନାହିଁ । ଆଜିକାଲି ବ୍ୟସ୍ତ ବହୁଳ ଜୀବନରେ କାହା ପାଖରେ ସମୟ ନାହିଁ କି ଧୈର୍ଯ୍ୟ ନାହିଁ ଅତ୍ୟଧିକ କଥା ଶୁଣିବାକୁ । ତାଛଡ଼ା ଅଧିକ କଥା କହୁଥିବା ସମୟ ନଷ୍ଟ ସହିତ ଶକ୍ତିର ମଧ୍ୟ ଅପଚୟ ହେବ । ହିତକାରିତା : ଆମେ ଧନ ଦୌଲତ ଓ ଶାରିରୀକ ବଳରେ ମତ୍ତ ହୋଇ ଅନ୍ୟର ଅନିଷ୍ଟ କରିବା ନାହିଁ । ଆମେ ଯାହାକୁ ଯାହା କହିବା ତାର ମଙ୍ଗଳ ପାଇଁ କହିବା । କାହାରି ଅମଙ୍ଗଳ ଚିନ୍ତାକରି କହିବା ନାହିଁ । କାରଣ ଅନ୍ୟ ପାଇଁ ଗାତ ଖୋଳିଥିବା ଲୋକଟି ନିଜେ ସେଇ ଗାତରେ ପଡ଼େ । ଭଗବାନ ମଧ୍ୟ ଅସନ୍ତୁଷ୍ଟ ହୁଅନ୍ତି । ତେଣୁ କୁହାଯାଏ - 'ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ' ।

ନମ୍ରତା : କାହା ଆଗରେ ନିଜର ବଡ଼ପଣିଆ ଦେଖାଇ କଥାବାର୍ତ୍ତା କରିବା ନାହିଁ । ସବୁବେଳେ ନିଜକୁ ନ୍ୟୁନ ମନେକରି ବଡ଼ମାନଙ୍କ ସହିତ କଥାବାର୍ତ୍ତା କରିବା । ଅଧିକାଂଶ ଲୋକ ଅଛନ୍ତି ମୁହଁରେ ମିଠା ମିଠା କଥା କହନ୍ତି କିନ୍ତୁ ତାଙ୍କ ହୃଦୟରେ ନିର୍ମଳତା ନଥାଏ । ସେ ଅନ୍ୟ କାହାର ଅନିଷ୍ଟ ଚିନ୍ତା କରୁଥାନ୍ତି । ସର୍ପ ପରି ଧିରେ ଧିରେ ସ୍ୱର କରି ଚୋଟ ମାରନ୍ତି । ଚାଣକ୍ୟଙ୍କ ଭାଷାରେ 'ମଧୁ ତିଷ୍ଠତି ଜିହ୍ୱାଗ୍ରେ, ହୃଦୟେ ତୁ ହଳାହଳମ୍' । କଥା ଗୋଟେ କହନ୍ତି କାମ ଅନ୍ୟ ପ୍ରକାର କରନ୍ତି । ସେପରି ଲୋକଙ୍କ ଠାରୁ ଦୂରରେ ରହିବା ଉଚିତ । ଆମ ଭିତରେ 'ତ୍ରିକରଣ ଶୁଦ୍ଧି' ରହିବା ଉଚିତ । ଚିନ୍ତା, ବାକ୍ୟ ଓ କର୍ମରେ ସମନ୍ୱୟ ରହିବା ଉଚିତ । ଥରେ ଜଣେ ରାଜା ତାଙ୍କ ରାଜସଭାରେ ଘୋଷଣା କଲେ, 'ଏମିତି କଣ ଜିନିଷ ଅଛି ଯାହା ସମସ୍ତଙ୍କ ମନରେ ଆନନ୍ଦ ଓ ଶାନ୍ତି ଦେଇପାରିବ ?' ରାଜାଙ୍କ ଘୋଷଣା ଅନୁସାରେ ଗୋଟିଏ ପ୍ରଦର୍ଶନୀର ଆୟୋଜନ କରାଗଲା । ସେଥିରେ ସୁନ୍ଦର ସୁନ୍ଦର ଫୁଲ, ଫଳ, ଗଛ, ବିଭିନ୍ନ ପ୍ରକାର ମିଠା, ବହିପତ୍ର, ବାଦ୍ୟଯନ୍ତ୍ର ଓ ଅଳଙ୍କାର ସଜାଇ ରଖାଗଲା । ରାଜା ପ୍ରଦର୍ଶନୀ ବୁଲିବାକୁ ଯାଇ ସବୁ ଦେଖି ସାରି ଶେଷରେ ଗୋଟିଏ ସୁନ୍ଦର ପିଲାର ହସ ହସ ମୁହଁରେ ଜିଭଟିଏ ବାହାରି ଜଣେ ଭୋକିଲା ବୃଦ୍ଧ ସାଙ୍ଗରେ କଥାବାର୍ତ୍ତା କରୁଥିବା ମଡ଼େଲଟିଏ ଦେଖିଲେ । ସେଥିରେ ଲେଖାଥିଲା 'ଭାଇ ଜିହ୍ୱା' । ରାଜା ଏ ମଡ଼େଲ ବିଷୟରେ ବିଶେଷ ଭାବରେ ଜାଣିବା ପାଇଁ ମଡ଼େଲ ଆଣିଥିବା ଲୋକଟିକୁ ପଚାରିଲେ । ସେ ଲୋକଟି ରାଜାଙ୍କୁ ସବିନୟେ ଉତ୍ତର ଦେଇ କହିଲା, 'ମହାଭାଗ ! ଆପଣ ଯାହା ସବୁ ପ୍ରଦର୍ଶନୀରେ ଦେଖିଲେ ସେ ସବୁ କ୍ଷଣିକ ଆନନ୍ଦ ଦେଇପାରେ । କିନ୍ତୁ ଗୋଟେ ଭଲ ଜିହ୍ୱା ମୃଦୁ ସ୍ୱରରେ ପ୍ରେମ ଭାବରେ ସହାନୁଭୂତିର ସହିତ ଯଦି କେତେପଦ କଥା କୁହେ ତାହା ମଣିଷ ମନରେ ବର୍ଷ ବର୍ଷ ଧରି ଆନନ୍ଦ ପ୍ରଦାନ କରିବ । ଏହା ଦୁଃଖ ଯନ୍ତ୍ରଣା ଭୋଗୁଥିବା ଲୋକଙ୍କ ମନରେ ଆଶାର ସଂଚାର କରାଇବ, ଦୁର୍ବଳକୁ ଉତ୍ସାହିତ କରି ବଳ ଯୋଗାଇବ । ଅସହାୟମାନଙ୍କୁ ସାନ୍ତ୍ୱନା ଦେଇ ସ୍ନେହ, ପ୍ରେମ ଓ ବିଶ୍ୱାସ ଜାଗରଣ କରିବ । ଅର୍ଥାତ୍ ଗୋଟିଏ ଭଲ ଜିହ୍ୱା କେବଳ ମଣିଷ ମନରେ ଶାନ୍ତି ଓ ଆନନ୍ଦ ପ୍ରଦାନ କରିବ । ଅପର ପକ୍ଷରେ ଗୋଟିଏ ଖରାପ ଜିହ୍ୱା ମଣିଷ ମନରୁ ସବୁ ସୁଖ, ଶାନ୍ତି ଓ ଆନନ୍ଦକୁ ଦୂରେଇ ନେଇ ମଣିଷ ମନରେ ହତାଶ ଓ ନିରାଶ ଭରିଦେବ । ତେଣୁ ଖରାପ ଜିହ୍ୱାଟି ମଣିଷର ସବୁଠାରୁ ବଡ଼ ଶତ୍ରୁ ।

ସାଇବାବା କହନ୍ତି - ଜିହ୍ୱାଟି ଗୋଟିଏ ରଙ୍ଗମଞ୍ଚ ଯାହା ଉପରେ ସବୁପ୍ରକାର ଚରିତ୍ର କଣ୍ଢେଇ ରୂପରେ ଆସି ନୃତ୍ୟ କରନ୍ତି । ଏହି ମଞ୍ଚରେ ରାଜା, ରାଣୀ, ସୈନିକ, ଦପ୍ତରୀ, ରାମ, ରାବଣ ସମସ୍ତେ ନୃତ୍ୟ କରନ୍ତି । ଏହି ଜିହ୍ୱା କେବଳ ସାକ୍ଷୀ ମାତ୍ର ତାର କିଛି କିରିବାର ନାହିଁ । ଏହି ଜିହ୍ୱାକୁ ନିଜ ସଂଯମରେ ରଖିବା ବା ନରଖିବା ଆମ ଉପରେ ନିର୍ଭର କରୁଛି । ତେଣୁ ମୋର ସମସ୍ତ ଭାଇ ଓ ଭଉଣୀଙ୍କୁ ଅନୁରୋଧ, ଆମେ ମଣିଷ ଜନ୍ମ ପାଇଛୁ । ଆମେ ସମସ୍ତେ ବାକ୍ ସଂଯମ୍ କରିବା ଓ ସମସ୍ତଙ୍କ ମନରେ ଶାନ୍ତି ଓ ଆନନ୍ଦ ଭରିଦେବା ପାଇଁ ଚେଷ୍ଟା କରିବା ।

# ପ୍ରଶାସନ ଜାଣିପାରିଲା ନାହିଁ କିପରି ?

**କଟକ(ସଂପର୍କବାର୍ତ୍ତା):-** ବାରବାଟୀ ଷ୍ଟାଡ଼ିୟମ୍ ପଡ଼ିଆରେ ଚୋରା ବାଲି ପଡ଼ିବା ଘଟଣାରେ ଆଜି ତଦନ୍ତ ଆରମ୍ଭ କରିଛି କଟକ ଜିଲ୍ଲା ପ୍ରଶାସନ। ଉପ ଜିଲ୍ଲାପାଳ ଓ ତହସିଲଦାର ଓସିଏ କାର୍ଯ୍ୟାଳୟରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଛନ୍ତି। ଏଥିସହିତ

## ଓସିଏ କାର୍ଯ୍ୟାଳୟରେ ଚୋରା ବାଲି

ପଡ଼ିଆରେ କେତେ ପରିମାଣର ବାଲି ବ୍ୟବହୃତ ହୋଇଛି, ତାହା ମଧ୍ୟ ଦୁଇ ଅଧିକାରୀ ଯାଞ୍ଚ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ତହସିଲଦାର କ'ଣ ପଦକ୍ଷେପ ନେଇଛନ୍ତି, ସେ ସଂପର୍କରେ ଉପ ଜିଲ୍ଲାପାଳ ରିପୋର୍ଟ ତଲବ କରିଛନ୍ତି। ଆସନ୍ତାକାଲି ଜିଲ୍ଲାପାଳଙ୍କୁ ତଦନ୍ତର ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। କିନ୍ତୁ ବାରବାଟୀରେ ବାସ୍ତବରେ କେତେ ବାଲି ପଡ଼ିଛି, ତାହା ପଡିଆ ଯାଞ୍ଚରୁ ଆଉ ଠିକରେ ହିସାବ କରିବା ସମ୍ଭବ ହେବ ନାହିଁ। ବାଲି ଉପରେ ମାଟି ପଡ଼ିବା ପରେ ତା ଉପରେ ଘାସ ବିଛା ସରିଛି। ଏଭଳି ସ୍ଥିତିରେ ବାଲି ଆକଳନ ପାଇଁ କାଗପତ୍ର ଯାଞ୍ଚକୁ ହିଁ ଭରସା କରିବାକୁ ପଡ଼ିବ।

ପୂର୍ବରୁ ପଡ଼ିଆ ମାପ ସହିତ ୬ ଇଞ୍ଚ ଗଭୀରରେ ବାଲି ପକାଯାଇଥିବାରୁ ତାହାକୁ ହିସାବ କରାଯାଇ ଓସିଏ ଉପରେ ଜରିମାନା ଲଗାଯାଇଥିଲା। ସେହି ଅନୁଯାୟୀ ରାଜସ୍ୱ ଦାଖଲ ହୋଇଥିବା ନେଇ ଓସିଏ କର୍ମଚାରୀ ଆଜି ତଦନ୍ତ




ପାଇଁ ଆସିଥିବା ଦୁଇ ସରକାରୀ ଅଧିକାରୀଙ୍କୁ ଅବଗତ କରିଛନ୍ତି। ତେବେ ପଡ଼ିଆ ନିର୍ମାଣର ବୈଷୟିକ ନିୟମାବଳୀ ବାବଦରେ ତଦନ୍ତାକାରୀ ଦଳ ଓସିଏଠୁ ରିପୋର୍ଟ ମାଗିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଲୋଧା ସମିତି କ୍ରିକେଟରେ ହସ୍ତକ୍ଷେପ କରିବା ପରେ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଯେଉଁ ନିୟମାବଳୀ ଧାର୍ଯ୍ୟ କରିଥିଲା, ତାହାକୁ ଏ କ୍ଷେତ୍ରରେ ପାଳନ କରାଯାଇଛି କି ନାହିଁ, ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି। କାମ କରିଥିବା ଠିକାଦାରଙ୍କ ଆକାଳନ, ବିଲ୍ ଇତ୍ୟାଦି ଯାଞ୍ଚ କରାଯିବ। ଏଥିସହିତ ତହସିଲଦାର ପୂର୍ବରୁ କେଉଁ ଆଧାରରେ ଜରିମାନା ଲଗାଇଥିଲେ, ତାହାର ହିସାବ ଓସିଏ ସହିତ ମେଳ ଖାଉଚି କି ନାହିଁ ଏସବୁକୁ ଯାଞ୍ଚ କରାଯିବ। ପରେ ସମସ୍ତ ରିପୋର୍ଟକୁ ଆଧାର କରି ଉପଜିଲ୍ଲାପାଳ ପୂର୍ଣ୍ଣାଙ୍ଗ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ।

ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡ଼ିୟମରେ ଚୋରା ବାଲି ପଡ଼ିଥିବା ଅଭିଯୋଗ ହୋଇଥିଲା। ଓ୍ୱାଇ ଫର୍ମ ଦାଖଲ ହୋଇ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ଅଭିଯୋଗ ହୋଇଥିଲା। ଓ୍ୱାଇ ଫର୍ମ ଦାଖଲ ହୋଇ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହୋଇଥିବା ସମ୍ବନ୍ଧରେ ତହସିଲଦାରଙ୍କୁ ତିନି ଥର ଅବଗତ କରାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭିଜିଲାନ୍ସ ବିଭାଗ ଓ ଉପ ଜିଲ୍ଲାପାଳଙ୍କ ପକ୍ଷରୁ ବାରମ୍ବାର ଘଟଣା ଉପରେ ପଦକ୍ଷେପ ନେଇ ରିପୋର୍ଟ ଦେବାକୁ କୁହାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନଥିଲଶ। ବିଳମ୍ବରେ ତହସିଲଦାର ପଦକ୍ଷକ୍ଷପ ନେଇଥିଲାବେଳେ ଓସିଏ ପକ୍ଷରୁ ଜରିମାନା ସହ ପାଖାପାଖି ୨ଲକ୍ଷ ୯ ହଜାର ଟଙ୍କା ପୈଠ କରାଯାଇଥିଲା। ତେବେ ଘଟଣା ସଂକ୍ରାନ୍ତରେ 'ସମ୍ବାଦ'ରେ ଖବର ପ୍ରକାଶ ପାଇବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇ ଜିଲ୍ଲାପାଳଙ୍କୁ ୫ଦିନ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟରେ ନିଯୁକ୍ତି ମେଳା

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା କାର୍ଯ୍ୟକ୍ରମକୁ ରଘୁନାଥପୁର ବି.ଡି.ଓ ଜିତେନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୩୬୧ଜଣ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । ୬୪ଜଣକୁ ନିଯୁକ୍ତି ପାଇଁ ମନୋନୀତ କରାଯାଇଛି । ୧୦୨ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ନେବାପାଇଁ ଅଂଶ ଗ୍ରହଣ କରିଥିଲେ। ୧୩ ଗୋଟି ବିଭିନ୍ନ ନିଯୁକ୍ତି ଦାତା ସଂସ୍ଥା ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଚୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ତହସିଲ୍‌ଦାର ରୂପାଲିକା ଦାଶ, ଜିଲ୍ଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ବିନୟ



କୁମାର ସାହୁ, ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି, +୨ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନିଯୁକ୍ତି ମେଳା ବିଷୟରେ ନିଜ ମତ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ନିୟୋଜନ ଅଧିକାରୀ ତାପସ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ତରବରିଆ ଭାବରେ ନିଯୁକ୍ତି ମେଳା କରାଯାଇଥିବାରୁ ଅଧିକାଂଶ ବେକାର ଯୁବକ /ଯୁବତୀ ଯୋଗ ଦେଇ ପାରିନଥିଲେ।

### କାଜୁ ନିଗମ ଅଧ୍ୟକ୍ଷ

## ଜଗତସିଂହପୁର କଲେଜ୍‌କୁ ଦେଲେ ଲକ୍ଷେ ୨୫ହଜାର

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ମୋ କଲେଜ୍ ଅଭିଯାନ ମାଧ୍ୟମରେ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଟଙ୍କା ପ୍ରଦାନ ।ଜଗତସିଂହପୁର ଜିଲ୍ଲାର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ କୁ ୧ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି କ୍ଷ ଯାହାକି କଲେଜ୍ ର ବିକାଶର୍ଥେ ତଥା ଛାତ୍ର ଛାତ୍ରୀ ଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ଏହା ପ୍ରଦାନ କରା ଯାଇଛି ।ରାଜ୍ୟ ସରକାର ଙ୍କ ପ୍ରତିଶ୍ରୁତି ମୁତାବକ ଅନୁଦାନ ରାଶି ର ଦୁଇଗୁଣା ତଥା ୨ ଲକ୍ଷ ୫୦ ହଜାର ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି ।ପୁର୍ବତନ ଛାତ୍ର



ସଭାପତି ଅତିସ ସ୍ୱାଇଁ, ତନ୍ମୟ ମହାପାତ୍ର , ଏସ.କେ ଇମ୍ତିଆଜ , ଯୁବ ନେତା ବିଜୟ କୁମାର ବେହେରା, ସୌମ୍ୟ ରଞ୍ଜନ ସାହୁ, ସୌମ୍ୟକାନ୍ତ ଦାସ , ଶ୍ରୀନିବାସ ପାତ୍ର, ପୁଷ୍ପକ ସାହୁ, ଲୋକନାଥ ସ୍ୱାଇଁ, ଅଶ୍ୱିନୀ ବାରିକ, ଏକ୍ କେ ନାସିର, ସେକ୍ ମୋମିନ, ଅଂଶୁମାନ ମହାନ୍ତି, ସତ୍ୟମ୍ ସିବମ୍ ମହାନ୍ତି, ନିହାର ବାରିକ, ଅନିରୁଦ୍ଧ ମହାନ୍ତି, ଏସ୍ ଅଲି, ସ୍ୱାଧୀନ ମହାନ୍ତି,ଅଧ୍ୟାପକ କଲେଜ ଅଧ୍ୟକ୍ଷ ନିରଞ୍ଜନ ବିଶ୍ୱାଳ, ରାଜନୈତିକ ବିଜ୍ଞାନ ର ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଜିତୁ ପ୍ରସାଦ ମଲ୍ଲିକ୍,ଅମରେନ୍ଦ୍ର ଦାସ ଙ୍କ ଦୃଢ଼ ସଂଗଠକ ବିନ୍ଦୁ ଭୂଷଣ ତ୍ରିପାଠୀ,ନୂତନ ଛାତ୍ର ରାଜେଶ ବେହେରା, ଦିବ୍ୟଜ୍ୟୋତି ଲେଙ୍କା, ଜ୍ୟୋତିଷ ଆଚାର୍ଯ୍ୟ, ସନ୍ତୋଷ ଦାଶ, ଜ୍ଞାନରଞ୍ଜନ ଜେନା, ପୂର୍ବତନ ଛାତ୍ର ସୌଭାଗ୍ୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## କିଶାନ ମୋର୍ଚ୍ଚା ସହିତ ପ୍ରଶାସନର ଆଲୋଚନା

**ଏରସମା(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ଏରସମା ତହସିଲ ଅନ୍ତର୍ଗତ ଢ଼ିଙ୍କିଆ ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ହେବାକୁ ଥିବା ଜେ ଏସ ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜାରି ରହିଛି। ଗୋଟିଏ ପଟେ ଢ଼ିଙ୍କିଆ ପଞ୍ଚାୟତର ଗୋବିନ୍ଦପୁର, ପାଟଣା,ମାହାଳ ଓ ପରେ ଢ଼ିଙ୍କିଆ ଗାଁରେ ପାନବରଜ ମାପଚୁପ କରାଯିବା ସହିତ ଭଙ୍ଗା କାର୍ଯ୍ୟ ଜାରି ରହିଛି। ସେହି ସମୟରେ କେବଳ ଢ଼ିଙ୍କିଆ ଗାଁରେ କିଛି ଲୋକ ପ୍ରକଳ୍ପକୁ ବୀରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। କିନ୍ତୁ ବିଶେଷ କରି ଢ଼ିଙ୍କିଆ ଗାଁର ଏକାଧିକ ପରିବାର ନିଜ ଇଚ୍ଛାରେ ପାନବରଜ ମାପଚୁପ କରି ଭାଙ୍ଗୁଛନ୍ତି। ଏପରିକି କିଛି ଜେ ଏସ ଡବ୍ଲ୍ୟୁ ବିରୋଧି ଆନ୍ଦୋଳନର ଆଗଧାଡିର ଲୋକ ମଧ୍ୟ ବରଜ ଭାଙ୍ଗିବାକୁ ସହମତି ଦେଇଛନ୍ତି। ଯାହା ଫଳରେ କି ପ୍ରକଳ୍ପ ବିରୋଧି ଆନ୍ଦୋଳନ ଯେଉଁ ମାତ୍ରାରେ ରହିଥିଲା ସେଥିରେ ଅନେକ ପରିବର୍ତନ ଦେଖିବାକୁ ମିଳିଛି। ଇଛା ବିରୋଧରେ କିଛି ଲୋକ ସଭା ତଥା ଶୋଭାଯାତ୍ରାରେ ଯୋଗ ଦେଉଥିବା ବେଳେ ଅନ୍ୟ ସମ୍ପର୍କୀୟମାନଙ୍କ ସହାୟତାରେ ବରଜ ମାପ କରିବାକୁ ସହମତି ଦେଉଛନ୍ତି। ଆଜି ସଂଯୁକ୍ତ କିଶାନ ମୋର୍ଚ୍ଚାର ରାଜ୍ୟର ଏକ ୧୫ ଜଣିଆ ପ୍ରତିନିଧି ଦଳ ଢ଼ିଙ୍କିଆ ଗାଁରେ ପହଞ୍ଚିଥିଲେ। ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ବରିଷ୍ଠ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ସୁରେଶ ପାଣିଗ୍ରାହୀ, ସୁଦର୍ଶନ ପ୍ରଧାନ,ବସ୍ତି ସୁରକ୍ଷା ମଞ୍ଚନେତ୍ରୀ ପ୍ରମିଳା ବେହେରା, ଶଙ୍କର ସାହୁ ,ସିପିଆଇର ବରିଷ୍ଠ ନେତା ଶଶୀଭୂଷଣ ସ୍ୱାଇଁ ପ୍ରମୁଖ ଢ଼ିଙ୍କିଆ ରେ ପହଞ୍ଚି ଥିଲେ।ବିରୋଧି ମାନଙ୍କ ସହିତ ଆଲୋଚନାରେ ଯୋଗ ଦେବା ପରେ ସ୍ଥାନୀୟ ଆନ୍ଦୋଳନକାରୀ ମାନଙ୍କ ସହିତ ଜେ ଏସ ଡ ବ୍ଲୁ ପ୍ରକଳ୍ପ ର ଅସ୍ଥାୟୀ



କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ତେବେ ଆନ୍ଦୋଳନ କାରୀ କିଛି ଦୂରରେ ରହିଥିଲା ବେଳେ ଏକ ପ୍ରତନିଧି ଦଳ ସ୍ଥାନୀୟ ଏରସମା ତହସିଲଦାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସହିତ ଆଲୋଚନା

### ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ

କରିଥିଲେ। କୌଣସି ବଳ ପ୍ରୟୋଗ ନ କରି ଲୋକଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟାର ସମାଧାନ କରି ପ୍ରକଳ୍ପ କରିବାକୁ ନିବେଦନ କରିଥିଲେ। ଅପରପକ୍ଷେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପୋଲିସ ବଳ ପ୍ରୟୋଗ କରାଯାଇ ନଥିବା ବେଳେ ଏଭଳି କାର୍ଯ୍ୟ କରାଯିବ ନାହିଁ ବୋଲି ଏରସମା ତହସିଲଦାର ଚୈଧୁରୀ ପ୍ରଜ୍ଞାନନ୍ଦ ଦାସ ପ୍ରକାଶ କରିଥିଲେ। ଏଥି ସହିତ କୌଣସି ଗାଁ ଲୋକଙ୍କୁ ପୋଲିସ ବଳ ପ୍ରୟୋଗ କରିବା କିମ୍ବା ଅଟକାଇ ଘଟଣାକୁ ଅସ୍ୱୀକାର କରିଥିଲେ। ଲୋକଙ୍କ ଯାହା ସମସ୍ୟା କିମ୍ବା ଦାବି ରହିଛି ସିଧାସଳଖ ତହସିଲଦାରଙ୍କ ନିକଟକୁ ଆସନ୍ତୁ ବୋଲି ତହସିଲଦାର ପ୍ରକାଶ କରିଥିଲେ। ତେବେ ଆଜି ମଧ୍ୟ ଢ଼ିଙ୍କିଆ ପଞ୍ଚାୟତର ପାଟଣା ମାହାଳ ଓ ଢ଼ିଙ୍କିଆ, ଗୋବିନ୍ଦପୁର ଗାଁରେ ପାନବରଜ ମାପଚୁପ କରାଯିବା ସହିତ ଭଙ୍ଗା କାର୍ଯ୍ୟ ଜାରି ରହିଥିଲା। ତେବେ ଗତକାଲି ସୁଦ୍ଧା ଏହି ତିନି ଗାଁର ୧୬୭ ଜଣ ହିତାଧିକାରୀଙ୍କ ୧୯୨ ଟି ପାନବରଜ ମାପଚୁପ କରାଯାଇଛି। ଏଥି ମଧ୍ୟରୁ ୧୧୮ ଟି ପାନବରଜ ଭଙ୍ଗା ଯାଇଛି। ଏହି ହିତାଧିକାରୀ ମାନଙ୍କ ମଧ୍ୟରୁ ୫୩ ଜଣଙ୍କୁ ୧,୪୧,୯୨,୭୪୯ ଟଙ୍କା କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତେବେ ଢ଼ିଙ୍କିଆ, ପାଟଣା, ମାହାଳ ଗାଁ ଲୋକଙ୍କ ପ୍ରକଳ୍ପ ପାଇଁ ସହମତି ଦେଖି ଅନ୍ୟ ଲୋକମାନେ ମଧ୍ୟ ବରଜ ଭାଙ୍ଗିବାକୁ ସହମତି ଦେଉଛନ୍ତି।

## ସୃଷ୍ଟିର ସକଳ ଉପାଦାନ ମଧ୍ୟରେ ସଂହତି ଏକାନ୍ତ ଜରୁରୀ-ରାଜ୍ୟପାଳ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଲାଭ ଶବ୍ଦ ଭାରତୀୟ ସଂସ୍କୃତିରେ କେଉଁଠି ଉଲ୍ଲେଖ ନାହିଁ। ବ୍ୟବାସାୟଜଗତରେ ଏହାର ବିଶେଷ ପ୍ରୟୋଗ ଏବେ ଦେଖିବାକୁ ମିଳୁଛି। ଏହା ନିଶ୍ଚିତ ରୂପେ ଏକ ବିକୃତି। ଏହାର ସଂଶୋଧନ କରିବା ସହ ବିଚାରଗତ ସ୍ତରରେ ଏହାର ସକାରାତ୍ମକ ପ୍ରୟୋଗ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି।

ନାଲ୍‌କୋ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ପଞ୍ଚଭୂତରେ ଗଢା ଏ ପୃଥିବୀ। ଶରୀର ମଧ୍ୟ ସେହି ପଞ୍ଚଭୂତରେ ତିଆରି। ଏହି ପାଞ୍ଚ ଗୋଟି ମୌଳିକ ଉପାଦାନକୁ ନେଇ ଆମର ସୃଷ୍ଟି ଓ ସଂସାର ଓ ପୁରୁଷର ମିଳନରେ ଦୃଶ୍ୟମାନ ଜଗତର ସୃଷ୍ଟି। ଏହା ହିଁ ଆଧ୍ୟାତ୍ମିକତାର ଭିତ୍ତି। ଏହି ତତ୍ତ୍ୱକୁ ଧ୍ୟାନରେ ରଖି ପ୍ରକୃତି ଓ ପୁରୁଷ ମଧ୍ୟରେ କୌଣସି ଅସମନ୍ୱୟର କାରଣ ନହେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ସୃଷ୍ଟିରେ ସଂହତି ଏକାନ୍ତ ଜରୁରୀ। ଏହା ହିଁ ସ୍ଥିତି ଓ




ପ୍ରଗତିର ହେତୁ। ଏହି ସଂହତି ବଜାୟ ରଖିବା ଓ ସୃଷ୍ଟିର ସକଳ ଉପାଦାନ ମଧ୍ୟରେ ସମନ୍ୱୟ ସ୍ଥାପନ ନିମନ୍ତେ ନିଜ ନିଜ ସ୍ତରରେ ପ୍ରୟାସ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ନାଲ୍‌କୋର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀଙ୍କ ଶ୍ରାଦ୍ଧବାର୍ଷିକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ଦଶନମ୍ବର ସ୍ଥିତ ଗାୟତ୍ରୀ ଏଜୁକେଶନ ପଏଣ୍ଟ ପରିସରରେ ଆୟୋଜିତ ସଭାରେ ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ସ୍ୱର୍ଗତ ଉଦୟନାଥ ଷଡଙ୍ଗୀଙ୍କୁ ଜନ୍ମ ଦେଇ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶିକା ଶାଶ୍ୱତୀ ଶୁଭଦର୍ଶନୀ ଆଲୋଚନାରେ ଅଂଶ ଗ୍ରହଣ କରି ଉଦୟନାଥ ଷଡଙ୍ଗୀଙ୍କ ଟୁଉକୁମୂଷି, ଚକାଚକା ଭଉଁରୀ, ଜହ୍ନମାମୁଁ ଆଦି କବିତା ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହିତ ତାଙ୍କ ଅନୁଦିତ ପୁସ୍ତକ 'ଟମ୍ କକାଙ୍କ କୁଟୀର' ପାଇଁ ସେ ସବୁଦିନେ ସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପାଲ୍ , ଅନିକେତ ଗାଆଣ ଓ ସୁଶ୍ରୀ ସଙ୍ଗିତା ରାୟ ସେମାନଙ୍କ ବକ୍ତ୍ୟବରେ ସ୍ୱର୍ଗତ ଷଡଙ୍ଗୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାଯ୍ୟକ୍ରମ ପରିଚାଳନାରେ ପ୍ରଦ୍ୟୁମ୍ନ କୁମାର ସାହୁ,ଧନେଶ୍ୱର ବେହେରା, ପ୍ରତାପ କୁମାର ବେହେରା ଓ ପ୍ରଭାସ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ । ଶେଷରେ ସ୍ୱରୂପା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବୃନ୍ଦାବନ ବିହାରୀ ମହାବିଦ୍ୟାଳୟରେ ସେଚ୍ଛାକୃତ ରକ୍ତଦାନ ଶିବିର



ଜଗତସିଂହପୁର:ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତରେ ଥିବା ବୃନ୍ଦାବନ ବିହାରୀ ମହାବିଦ୍ୟାଳୟରେ, ଗୋଡ଼ା ଯୁବକ ସଂଘ, ୟୁଥ୍ ଫର୍ ଆକ୍ସନ ଓ ଅଳକା ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯେପରିକି ଜଗତସିଂହପୁର ଜିଲ୍ଲାରେ କେହି ଯେମିତି ଆଉ ରକ୍ତ ଅଭାବରୁ ମୃତୁ ମୁଖରେ ପଡ଼ିବେନି ବୋଲି ଲକ୍ଷ୍ୟ ରଖି କିଛି ଯୁବ ସମାଜସେବୀ ଆୟୋଜନ କରିଥିବାର ଦେଖିବାକୁ ମିଳିଛି ! ଏହି ରକ୍ତଦାନ ଶିବିରକୁ ଏରସମା ଏ. ଏସ. ଆଇ ପି. କେ. ଉଦ୍ଧାମ ସିଂ ଓ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ନାୟକ ଉଦଘାଟନୀ କରିଥିଲେ। ଏହି ରକ୍ତଦାନ ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଆୟୋଜନରେ ମୁଖ୍ୟ ଯୁବ ସମାଜ ସେବୀ ସୁରେନ୍ଦ୍ର ବିଶ୍ୱାଳ, ସମାଜ ସେବୀ ରାକେଶ ବିଶ୍ୱାଳ, ନକୁଳ ନାୟକ, ମହେଶ୍ୱର ବାଗ, ଉତ୍ତମ ପାଢ଼ୀ, ରାକେଶ ହାତୀ ଯୋଗଦେଇ ପରିଚାଳନା କରିଥିଲେ।

## ନାଉଗାଁ: ଅଟୋ ଗ୍ରୁପର କାର୍ଯ୍ୟକାରୀଣି ବୈଠକ

**ନାଉଗାଁ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ନାଉଗାଁ ବଜରରେ ଥିବା କାଦମ୍ବିନୀ ମଣ୍ଡପ ନିକଟରେ ସ୍ମାର୍ଟ ସିଟି ଅନଲାଇନି ଅଟୋ ଗ୍ରୁପର ଏକ କାର୍ଯ୍ୟକାରିଣୀ ବୈଠକ ଓ ସମସ୍ତ କାର୍ଯ୍ୟରତ ନାଉଗାଁ ରେ ଥିବା ସ୍ମାର୍ଟ ସିଟି ଅନଲାଇନି ଅଟୋ ଚାଳକ ମାନଙ୍କୁ ଆଇଡି କାର୍ଡ ବଣ୍ଟନ କରାଯାଇଥିଲା କ୍ଷ ଏଥିରେ ସମସ୍ତ ମେମ୍ବର ମାନଂକୁ ଗୋଟଏ ହ୍ୱାଟ୍ସଆପ ଗ୍ରୁପରେ ରଖାଯାଇ କିଭଳି ସମସ୍ତ ପ୍ରକାର ସମସ୍ୟା ଅସୁବିଧାରେ ସେହି ଗୃପ ରେ ମେସେଜ କଲେ ସ୍ମାର୍ଟ ସିଟି ଅନଲାଇନି ଅଟୋ ଗୃପ କିଭଳି ସାହାଯ୍ୟ କରିବ ସେ ସଂପର୍କରେ ସମସ୍ତ ମେମ୍ବର ମାନଂକୁ କୁହାଯାଇଥିଲା ।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯେ



ଜୋନା ର ମୁଖ୍ୟ ବୃନ୍ଦାବନ ଭୋଳ ଯୋଗ ଦେଇଥିବା ବେଳେ ଜୋନାଲ ର କ୍ୟାସିଅର ଆଲୋକ ବେହେରା ଓ ଅନ୍ୟ ସଦସ୍ୟ ସ୍ମୃତି ରଞ୍ଜନ ମହାନ୍ତି ,ଏସକେ ଆବୁସାନ,ସୁଶାନ୍ତ କୁମାର ପ୍ରଧାନ ,ଉଲ୍ଲାସ ଚନ୍ଦ୍ର ସାହୁ ,ଅନଓ୍ୱାର ଖାନ,ରତ୍ନାକର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାଉଗାଁ ଗୃପ ର ସଦସ୍ୟ ଦେବେନ୍ଦ୍ର ଲେଙ୍କା ସମୀର ଦାସ ,କେଶବ ମହାନ୍ତି ,ଜଗନ୍ନାଥ ମୁଦୁଲି,ଅଶୋକଂ ଦାସ ,ସୁକାନ୍ତ ଭୋଇ ,ବ୍ରଜକିଶୋର ଭୋଇ ,ରାକେଶ ସାଇଁ,ଚନ୍ଦନ କୁମାର ସାଇଁ,ପ୍ରକାଶ ଭୂଇଁ ପ୍ରମୁଖଙ୍କୁ ଯେ ଜୋନା ର ମୁଖ୍ୟ ବୃନ୍ଦବନ ଭୋଳ ଆଇଡି କାର୍ଡ ବଣ୍ଟନ କରିଥିବା ଦେଖା ଯାଇଛି।

## ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ୧୯୭୩ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ପ୍ରସିଦ୍ଧ ରୁଦ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁମିଳନ ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ତତ୍‌କାଳୀନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ମଧୁର ସମ୍ପର୍କ, ପବିତ୍ର ଶୈକ୍ଷିକ ବାତାବରଣରେ ପରିପୃଷ୍ଟ ବିଦ୍ୟାଳୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଚାରପତି ରମାନାଥ ପଣ୍ଡା ଯୋଗଦେଇ ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ବୋଲି କହିଥିଲେ। ଏଥିରେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ରବିନ୍ଦ୍ର ନାଥ ସାହୁ, ଜିଲ୍ଲା କୃଷକ ସଂଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ସାହୁ, କମଲେଶ ମହାପାତ୍ର, ବାପି ମଣ୍ଡଳ, ସୁଦର୍ଶନ ମଣ୍ଡଳ, ବିଜୟ କୁମାର ସାହୁ, ସୁରେଶ ସାହୁ, ରତ୍ନାକର ସାହୁ, ବିଷ୍ଣୁ ସାହୁ, ନାରାୟଣ ବେହେରା, ନରେନ୍ଦ୍ର ପଣ୍ଡା, ହରେକୃଷ୍ଣ ପରିଡା, ଗୋବିନ୍ଦ ସାହୁ, ଶିବ ମହାପାତ୍ର, ମାଧବଚନ୍ଦ୍ର ବେହେରା, ସନତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



# ଏରସମାରରେ ସିପିଆଇ ଦେବ ଜିଲ୍ଲା ପରିଷଦ



ଜଗତସିଂହପୁର: ସିପିଆଇ ଏରସମା-ବାଲିତୁଠ ମିଳିତ ଜୋନାଲ କମିଟି ବୈଠକ ଆଜି ଏରସମାଠାରେ ସାଥି ବଇଁଶୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଜାତୀୟ ପରିଷଦ ସଭ୍ୟ ସାଥି ଅଭୟ ସାହୁ, ଜିଲ୍ଲା ସମ୍ପାଦକ ସାଥି ଅଭିଜିତ ସାହୁ ଓ କୃଷକ ସଭା ରାଜ୍ୟ ସଭାପତି ସାଥି ଶଶିଭୂଷଣ ସ୍ୱାଇଁ ଜିଲ୍ଲା ସହ ସମ୍ପାଦକ ପିତାମ୍ବର ଦାସ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଏରସମା ଜୋନାଲ କମିଟି ସମ୍ପାଦକ ସାଥି ସର୍ବେଶ୍ୱର ବେଉରା, ସହ -ସମ୍ପାଦକ ଦାମୋଦର ବେହେରା, ଶିବ ଚରଣ ବେହେରା ଓ ବାଲିତୁଠ ଜୋନ ସମ୍ପାଦକ ସାଥି ରାମ ଚନ୍ଦ୍ର ମୁଦୁଲି, ସହ ସମ୍ପାଦକ ସାଥି ବାସୁଦେବ ଖଣ୍ଡୁଆଳ ଓ ସାଥି ଶୁକଦେବ ଦାସ ପ୍ରମୁଖ ଆଲୋଚନା କରିବା ସହିତ ଏରସମା ବ୍ଲକର ସମସ୍ତ ଜିଲ୍ଲାପରିଷଦ ଜୋନରେ ପାର୍ଟି ପ୍ରାର୍ଥୀ ଦେବା ପାଇଁ ସ୍ଥିର ହୋଇଥିଲା କ୍ଷ ୧ନମ୍ବର ଜୋନରେ ସାଥି ଦେବାଶିଷ ପରିଜା, ୨ନମ୍ବର ଜୋନରେ ସାଥି୍ପିନା ମାରାଣ୍ଡି, ୩ ନମ୍ବର ଜୋନରେ କୃଷକ ସଭାର ରାଜ୍ୟ ସଭାପତି ସାଥି ଶଶିଭୂଷଣ ସ୍ୱାଇଁ ଓ ୪ ନମ୍ବର ଜୋନରେ ପୋସ୍କୋ ଓ ଜିନ୍ଦଲ ବିରୋଧୀ ସଂଗ୍ରାମର ନେତା ସାଥି ବାସୁଦେବ ଖଣ୍ଡୁଆଳ ପ୍ରତିଦ୍ୱନ୍ଦିତା କରିବେ ବୋଲି ସର୍ବସମ୍ମତ ଭାବେ ସ୍ଥିର ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାଥି ଦେବାଶିଷ ପରିଜା, ସାଥି ପ୍ରଫୁଲ୍ଲ ଦାସ, ସାଥି ହୃଷିକେଶ ବିଶ୍ୱାଳ, ସାଥି ପ୍ରଭାତ ଦାସ, ସାଥି ରବୀନ୍ଦ୍ର ପାଇଟାଳ, ସାଥି ଲକ୍ଷ୍ମୀଧର ମହାପାତ୍ର,ସାଥି ବାସୁଦେବ ଖଣ୍ଡୁଆଳ, ସାଥି ବସନ୍ତ ଦାସ, ସାଥି ମାଗୁଚରଣ ସ୍ୱାଇଁ, ସାଥି ସର୍ବେଶ୍ୱର ସାହୁ, ସାଥି ହରେକୃଷ୍ଣ ମଣ୍ଡଳ, ସାଥି ନଟବର ବାରିକ, ସାଥି ଶରତ ମଳିକ, ସାଥି ସୁରେନ୍ଦ୍ର ସ୍ୱାଇଁ, ସାଥି ଦେବଦତ୍ତ ଦାସ, ସାଥି କାହ୍ନୁ ଚରଣ ସ୍ୱାଇଁ,ସାଥି ନାରାୟଣ ନାୟକ, ସାଥି ପ୍ରଭଞ୍ଜନ ରାଉତ, ସାଥି ବିଜୟ ବେହେରା, ସାଥି ମହେଶ୍ୱର ମହାପାତ୍ର, ସାଥି ରତ୍ନାକର ନାୟକ,ସାଥି ଅମରେନ୍ଦ୍ର ଦାସ, ସାଥି ଭଗତ ମଳିକ, ସାଥି କ୍ଷୀରୋଦ ବିଶ୍ୱାଳ, ସାଥି ରାଜେନ୍ଦ୍ର ସ୍ୱାଇଁ, ସାଥି ବାବୁନି ସାମଲ, ସାଥି ଛବି ଖଟୁଆ, ସାଥି ମୁରଲୀଧର ସ୍ୱାଇଁ, ସାଥି କୈଳାଶ ଦାସ, ସାଥି ମହେନ୍ଦ୍ର ଜେନା, ସାଥି ନରହରି ଜେନା, ସାଥି ଅଶୋକ ମଳିକ, ସାଥି ଉତ୍ତମ ହାତୀ, ସାଥି ଭୋବନି ବାରିକ ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଶା ବିଧାନସଭାକୁ ସମ୍ମାନଜନକ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ଇ-ଗଭର୍ଣ୍ଣାନସ୍ ପୁରସ୍କାର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ବିଧାନସଭାକୁ ସମ୍ମାନଜନକ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ଇ-ଗଭର୍ଣ୍ଣାନସ୍ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି । ବିନା କାଗଜରେ ଡିଜିଟାଲ ମୋଡରେ ସୁଚାରୁ ରୂପେ ବିଧାନସଭା କାର୍ଯ୍ୟ ପରିଚାଳନାରେ ଓଡ଼ିଶା ବିଧାନସଭା ସମଗ୍ର ଦେଶରେ ଅଗ୍ରଣୀ ଏବଂ ପଥପ୍ରଦର୍ଶକ ଭୂମିକା ଗ୍ରହଣ କରିଛି । ଏହି ନିରବଚ୍ଛିନ୍ନ ଯାତ୍ରାକୁ ସ୍ୱୀକୃତି ପ୍ରଦାନ କରି ସମ୍ମାନଜନକ ଜାତୀୟ ପୁରସ୍କାର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବଳିଷ୍ଠ ନେତୃତ୍ୱ ଏବଂ ପ୍ରବଳ ଇଚ୍ଛାଶକ୍ତି ବଳରେ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ଦଳଗତ ନେତୃତ୍ୱ ଓ ପ୍ରୋତ୍ସାହନରେ ଏହା ସମ୍ଭବ ହୋଇପାରିଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି । କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ୧୯ତମ ସମ୍ମାନଜନକ ପୁରସ୍କାର ସମାରୋହ ଏମ୍.ଏନ୍.ଆଇ.ଟି ଆଲାହାବାଦ ପ୍ରୟାଗରାଜ ଠାରେ ଆସନ୍ତା ଜାନୁଆରୀ ୨୩ ତାରିଖରେ ଅନୁଷ୍ଠିତ ହେବ ଏବଂ ଏହି ପୁରସ୍କାର ସମାରୋହରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସହ ରାଜ୍ୟ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରର କବିତା ରାୟ ଦାଶ, ଜାତୀୟ ପ୍ରଯୁକ୍ତି ବିଦ୍ୟା ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ସରିତା ସାହୁ, ଦିଲ୍ଲୀପ କୁମାର



ମାନ୍ଧତା, ସୁଦୀପ୍ତ ସାମନ୍ତ, ଅଶୋକ କୁମାର ବେହେରା ପ୍ରମୁଖ ଯୋଗ ଦେବେ । ଓଡ଼ିଶା ବିଧାନସଭଅ ଏ କ୍ଷେତ୍ରରେ ସମଗ୍ର ଦେଶରେ ଆଦର୍ଶ ସ୍ଥାନୀୟ ହୋଇପାରିଥିବାରୁ ସମଗ୍ର ରାଜ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

# କଟକରେ ବେଆଇନ୍ ନିଶାନିବାରଣ କେନ୍ଦ୍ର

**କଟକ(ସଂପର୍କବାର୍ତ୍ତା):-** କଟକ ଜିଲ୍ଲାରେ ବିନା ସ୍ୱୀକୃତିରେ ରହିଛି ୧୫ରୁ ଅଧିକ ନିଶା ନିବାରଣ କେନ୍ଦ୍ର । ଏମାନଙ୍କ ନିକଟରେ କୌଣସି ସରକାରୀ ଅନୁମୋଦନ ସଂକ୍ରାନ୍ତ କାଗଜପତ୍ର ବି ନାହିଁ । ନିଶାସକ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ କୌଣସି ସରକାରୀ ତାଲିମ୍ ପାଇ ନଥିବାରୁ ସେମାନଙ୍କୁ ବାନ୍ଧି ଶାରୀରିକ ନିର୍ଯ୍ୟାତନା ଦିଆଯାଉଛି । ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ନିଶାଡ଼ି ଏବେ ବେଆଇନ ନିଶା ନିବାରଣ କେନ୍ଦ୍ରରେ ବିପଦପୂର୍ଣ୍ଣ ଢଙ୍ଗରେ ଦିନ କାଟୁଛନ୍ତି । ବ୍ୟବସ୍ଥାର ଯାଞ୍ଚ ପାଇଁ ଜିଲ୍ଲା ପ୍ରଶାସନର କୌଣସି ପ୍ରକାର ସ୍କାଡ୍ ବ୍ୟବସ୍ଥା ନାହିଁ କି ଆଜି ସୁଦ୍ଧା ଥରଟିଏ ବି ଚଢ଼ଉ କରାଯାଇନାହିଁ । ତେବେ ଏହି ଅନୁଷ୍ଠାନଗୁଡ଼ିକୁ ଚଲାଇବା ପାଇଁ କିଏ ସୁରକ୍ଷା ଦେଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି ।

ସୂଚନା ଅନୁଯାୟୀ, ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଅଧୀନରେ କଟକ ଜିଲ୍ଲାରେ ୪ଟି ସରକାରୀ ଅନୁଦାନପ୍ରାପ୍ତ ନିଶା ନିବାରଣ କେନ୍ଦ୍ର କାର୍ଯ୍ୟ କରୁଛନ୍ତି । ଫକିରପଡ଼ାରେ ଥିବା ପ୍ରୋଜେକ୍ଟ ସ୍ୱରାଜ, ବାଙ୍କୀରେ ମୁକ୍ତି ସଦନ, ଖପୁରିଆରେ ନବଜୀବନ ଓ ବଡ଼ ଡାକ୍ତରଖାନାରେ ମାନସିକ ରୋଗ ବିଭାଗ ଅଧୀନରେ ଗୋଟିଏ ନିଶା ନିବାରଣ କେନ୍ଦ୍ର କାର୍ଯ୍ୟ କରୁଛନ୍ତି । ପ୍ରତି ସରକାରୀ ସଂସ୍ଥାରେ ୧୫ଟି ବେଡର ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ଜିଲ୍ଲାରେ ପ୍ରାୟ ୧୫ରୁ ଅଧିକ ବେଆଇନ ନିଶାମୁକ୍ତି କେନ୍ଦ୍ର ଖୋଲାଯାଇଛି । ଏଥିରେ ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ନିଶାଗ୍ରସ୍ତ ବ୍ୟକ୍ତି ଭର୍ତ୍ତି ହୋଇଛନ୍ତି । ଗୋଟିଏ ଗୋଟିଏ ଅନୁଷ୍ଠାନରେ ୫୦ରୁ ଉର୍ଦ୍ଧ୍ୱ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ଭର୍ତ୍ତି କରାଯାଉଛି । କିନ୍ତୁ ଏହି ଅନୁଷ୍ଠାନକୁ କୌଣସି ପ୍ରକାର ସରକାରୀ ଅନୁମୋଦନ ବର୍ତ୍ତମାନ ସୁଦ୍ଧା ମିଳି ନାହିଁ । ଜିଲ୍ଲା ପ୍ରଶାସନ ନିକଟରେ ବେଆଇନ ଅନୁଷ୍ଠାନ ସମ୍ପର୍କରେ କୌଣସି ତଥ୍ୟ ନାହିଁ । ନିୟମ ଅନୁଯାୟୀ, ସରକାରୀ ଅନୁଦାନପ୍ରାପ୍ତ ନିଶା ନିବାରଣ କେନ୍ଦ୍ରରେ ଡାକ୍ତର ଜଣେ, ଦୁଇ ଜଣ ନର୍ସ, ଓ୍ୱାର୍ଡ଼ ବଏ ଦୁଇ ଜଣ, ସୁରା କର୍ମୀ ଦୁଇ ଜଣ, ପିଅର ଏଜୁକେଟର ଜଣେ, କାଉନସେଲର ଜଣେ, ସୋସିଆଲ ଓ୍ୱାର୍କର ଜଣେ ଲେଖାଏଁ ନିୟୋଜିତ ହୋଇଥାନ୍ତି । ପିଅର ଏଜୁକେଟରଙ୍କ କାମ ନିଶାସକ୍ତ ବ୍ୟକ୍ତିଙ୍କୁ ଶିକ୍ଷିତ କରାଯିବା କ୍ଷେତ୍ରରେ ଧ୍ୟାନ ଦେବା । ନିଶାସକ୍ତ ବ୍ୟକ୍ତିଙ୍କ ସହିତ ସିଧାସଳଖ ସମ୍ପର୍କରେ ରହୁଥିବା ଏହି କର୍ମଚାରୀଙ୍କୁ ବାର୍ଷିକ ୪ଥର ତାଲିମ ଦିଆଯାଇଥାଏ । ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ କିଭଳି କାଉନସେଲିଂ କରାଯାଇ ନିଶା ଛଡ଼ାଯିବ, ଔଷଧ ଖୁଆଯିବ ଏବଂ ଦୈନିକ ଯୋଗ, ପ୍ରାଣାୟମ କରାଯିବ, ପାଠ ପଢ଼ାଯିବ, ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏମାନଙ୍କୁ ତାଲିମ୍ ପ୍ରଦାନ କରାଯାଉଛି । ଲକ୍ଷଣ ଦେଖି ଔଷଧ ଓ ଇଞ୍ଜେକ୍ସନ କେତେ ମାତ୍ରାରେ ଦିଆଯିବ, ସେ ନେଇ ବି ପରାମର୍ଶ ଦିଆଯାଇଥାଏ । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି

## ପୋଲିସ୍ ଆଖିବୁଜିଛି

କରିବାକୁ ସିସି କ୍ୟାମେରା ସହିତ ବାହାରୁ ଆସୁଥିବା ଅତିଥିଙ୍କ ଉପରେ ନଜର ରଖିବା ଉଦ୍ଦେଶ୍ୟରେ ମୁଭମେଣ୍ଟ ରେଜିଷ୍ଟର ବ୍ୟବସ୍ଥା କରାଯାଇଥାଏ । ପ୍ରତ୍ୟେକ ଦିନର ଖାଦ୍ୟ ସାରଣୀ, ନିଶାଗ୍ରସ୍ତ ବ୍ୟକ୍ତିଙ୍କ ପୃଥକ ମେଡ଼ିାଲ ରେଜିଷ୍ଟର ଇତ୍ୟାଦି ରହିବା ଜରୁରୀ । ବାହାରୁ ଆସୁଥିବା ଅତିଥି ଜଣକ କେଉଁ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ କଣ ଖାଇବାକୁ ଦେଉଛି, ଏସବୁ ଉପରେ ମଧ୍ୟ ତୀକ୍ଷ୍ଣ ନଗର ରଖାଯାଏ । ନିଶା ନିବାରଣ ପାଇଁ ଦିଆଯାଉଥିବା ଇଞ୍ଜେକ୍ସନ ଏବଂ ଔଷଧ ସମ୍ପର୍କରେ ମଧ୍ୟ ଟିକିନିଖି ତଥ୍ୟ ରେଜିଷ୍ଟରରେ ଉଲ୍ଲେଖ ରହିଥାଏ । ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ ଗଲା ପ୍ରାୟ ୫ ବର୍ଷ ହେବ ଆରମ୍ଭ ହୋଇଥିବାବେଳେ କଟକ ଜିଲ୍ଲଶରେ ବେଅଶଇନ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ଦୀର୍ଘ ବର୍ଷ ହେବ ଚାଲି ଆସୁଛି । ସରକାରୀ ଅନୁମୋଦନ ମିଳି ନଥିବାରୁ ଏହାର କର୍ମଚାରୀ କୌଣସି ବିଧିବଦ୍ଧ ତାଲିମ୍ ନେଇ ନାହାନ୍ତି । କିଭଳି ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କରାଯିବ, ସେ ନେଇ ତାଲିମ ନଥିବାରୁ କର୍ମଚାରୀମାନେ ନିଶାସକ୍ତ ବ୍ୟକ୍ତିଙ୍କୁ ଶାରୀରିକ ନିର୍ଯ୍ୟାତନା ଭଳି ମାରାତ୍ମକ କୌଶଳ ପ୍ରୟୋଗ କରୁଛନ୍ତି । ଏହି ବେଆଇନ ଅନୁଷ୍ଠାନରେ କେତେକ ନିଶାସକ୍ତ ବ୍ୟକ୍ତି ଚିକିତ୍ସିତ ହେବାର ବ୍ୟବସ୍ଥା ଅଛି ଓ କେତେ ରହୁଛନ୍ତି, କେଉଁ ଇଞ୍ଜେକ୍ସନ ଓ ଔଷଧ କେତେ ମାତ୍ରରେ ଦିଆଯାଉଛି, ସେ ନେଇ କୌଣସି ଯାଞ୍ଚର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ ନାହିଁ । ଯେଭଳି ବେଆଇନ ନର୍ସିଂ ହୋମ ଉପରେ ସିଡ଼ିଏମଓ ଅଫିସର ଚଢ଼ଉ ନିୟମିତ ହେଉଛି, ସେହିଭଳି ଏ ପ୍ରକାର ମାନସିକ ରୋଗୀଙ୍କ ଚିକିତ୍ସା ପାଇଁ ଖୋଲିଥିବା ଅନୁଷ୍ଠାନର ଯାଞ୍ଚ ପାଇଁ ଜିଲ୍ଲା କି ପୁଲିସ ପ୍ରଶାସନର କୌଣସି ପ୍ରକାର ସ୍କାଡ୍ ନାହାନ୍ତି । ତେଣୁ ବେଆଇନ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ନିଶାସକ୍ତ ବ୍ୟକ୍ତିଙ୍କ ଜୀବନ ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ହୋଇପଡ଼ିଛି । ସିଡବ୍ଲୁସିର ପୂର୍ବତନ ଅଧ୍ୟକ୍ଷ ବିକାଶ ମହାପାତ୍ର କହିଛନ୍ତି ଯେ ନିଶା ନିବାରଣ କେନ୍ଦ୍ରରେ ଯେଉଁମାନେ ଚିକିତ୍ସିତ ହେଉଛନ୍ତି ସେମାନଙ୍କୁ ବୈଜ୍ଞାନିକ କୌଶଳରେ ନିଶା କିଭଳି ଛାଡ଼ିବେ ସେ ନେଇ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି । କିନ୍ତୁ କଟକ ସହରରେ ଏହି ବେଆଇନ ନିଶାନିବାରଣ କେନ୍ଦ୍ରରେ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ରଖି ଶାରୀରିକ ନିର୍ଯ୍ୟାତନା ଦିଆଯାଉଛି । ଭୟଭୀତ କରାଇ ଚିକିତ୍ସା କରାଯାଉଛି । ଏହାଦ୍ୱାରା ସେମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ଅଭିଜ୍ଞ କାଉନସେଲର କି ଅନ୍ୟ କର୍ମଚାରୀ ନାହାନ୍ତି । ଗୋଟିଏ ରୁମରେ ଯେଉଁ ତିନିରୁ ଚାରି ଜଣ ରହିବା କଥା ସେଠି ୧୦ରୁ ୧୫ ଜଣଙ୍କୁ ଡଳେ ଶୋଉଛନ୍ତି । ଗୋଟିଏ ଶୌଚାଳୟକୁ ପାଖାପାଖି ୨୦ ରୁ ୨୫ ଜଣ ବ୍ୟବହାର କରୁଛନ୍ତି ।

## ସମ୍ବଲପୁର ଓ ବରଗଡ ଜିଲ୍ଲାରେ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ

# ମନ୍ତ୍ରୀ ରଘୁନନ୍ଦନ ଦାସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ଜଳସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ସମ୍ବଲପୁର ଓ ବରଗଡ ଜିଲ୍ଲା ଗସ୍ତ କରି ପ୍ରଥମେ ବରଗଡରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଥିଲେ ଓ ପରେ ପରେ ବୁର୍ଲାଠାରେ ଅଶୋକ ନିବାସ ସଂପ୍ରସାରିତ କୋଠାର ଶୁଭ ଉଦ୍‌ଘାଟନ କରିଥିଲେ ।

ମନ୍ତ୍ରୀ ଶ୍ରୀ ଦାସ ଆଜି ସକାଳେ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ବାହାରି ପ୍ରଥମେ ମଧ୍ୟାହ୍ନ ୧୨.୦୦ ସମୟରେ ସମ୍ବଲପୁରରେ ପହଁଚି ସେଠାରୁ ସଡକ ପଥରେ ବରଗଡ ଗସ୍ତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ, ବରଗଡ ଜିଲ୍ଲାର ବରଗଡ, ବିଜେପୁର, ସୋହେଲା ଓ



ବରପାଲି ଅଂଚଳର ଉଚ୍ଚା ଜମିକୁ ଚାଷୀମାନଙ୍କ ପାଇଁ ଜଳସେଚନ ସୁବିଧା ଲକ୍ଷ୍ୟ ରଖି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହା ଆମର ମାନ୍ୟବର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସପ୍ନର ପ୍ରକଳ୍ପ ବା ଡ୍ରିମ୍ ପ୍ରୋଜେକ୍ଟ ରହିଛି । ଏହା କାର୍ଯ୍ୟକାରୀ ହେଲେ ବରଗଡ ଜିଲ୍ଲାର ଏହି ୪ଟି ବ୍ଲକର ୨୫ହଜାର ୬୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରିବ । ତତ୍ ସହିତ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଅଧିକ ଜମିକୁ ଜଳସେଚନ ସୁବିଧାକୁ ଆଖି ଆଗରେ ରଖି ଆଉ ୫ ହଜାର ୬୦୦ ହେକ୍ଟର ଜମିକୁ ମଧ୍ୟ ଜଳସେଚନ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଆଗାମୀ ୨୦୨୩ ମାର୍ଚ୍ଚ ମାସ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି । ୧୬୮୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଶେଷ ପରେ କାର୍ଯ୍ୟ ଆରମ୍ଭ ହୋଇ ପାଇପ୍ ବିଛା କାର୍ଯ୍ୟ ଚାଲୁ ରହିଥିବା ବେଳେ ପ୍ରକଳ୍ପର ପ୍ରାୟ ୪୦ ପ୍ରତିଶତ କାର୍ଯ୍ୟ ସରିଛି ଓ ଅଗ୍ରଗତି ସନ୍ତୋଷଜନକ ରହିଛି । ନିର୍ମାଣାଧିନ କାର୍ଯ୍ୟକୁ ତ୍ୱରିତ ପଦକ୍ଷେପ ନିଆଯାଇ ନିର୍ଦ୍ଧାରିତ ସମୟରେ ଶେଷ କରି ଚାଷୀମାନଙ୍କର ଜଳସେଚନ ଆବଶ୍ୟକତାକୁ ପୂରଣ କରିବାକୁ ମନ୍ତ୍ରୀ ଶ୍ରୀ ଦାସ ଜଳସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ସେ ସ୍ଥାନୀୟ ଲୋକ ପ୍ରତିନିଧି, ପ୍ରଶାସନ ଓ କୃଷକମାନଙ୍କର ମଧ୍ୟ ସହଯୋଗ କାମନା କରିଥିଲେ । ସମୀକ୍ଷା ବୈଠକରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇ ପ୍ରକଳ୍ପ ଯେପରି ଅଗ୍ରଗତି ଚାଲିଛି ନିର୍ଦ୍ଧାରିତ ସମୟ ସୁଦ୍ଧା ତାହା ଶେଷ ହେବ ବୋଲି ପ୍ରକାଶ କରିଥିଲେ ।

ଏହାପରେ ମନ୍ତ୍ରୀ ଶ୍ରୀ ଦାସ ଅପରାହ୍ଣ ୩ଟାରେ ବୁର୍ଲାସ୍ଥିତ ଅଶୋକ ନିବାସଠାରେ ପହଁଚି ନବ ନିର୍ମିତ ସମ୍ପ୍ରସାରିତ କୋଠାର ଶୁଭ ଉଦ୍‌ଘାଟନ କରିଥିଲେ । ଜଳ ସଂପଦ ବିଭାଗ ଦ୍ୱାରା ୧.୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ବିଭିନ୍ନ ସରକାରୀ ବୈଠକ ନିମନ୍ତେ ଉପଯୋଗୀ ହେବା ସହିତ ଅତିଥିମାନେ ଏଠାରେ ପ୍ରସିଦ୍ଧ ହୀରାକୁଦ ଡ୍ୟାମ୍‌ର ସୁନ୍ଦର ଜଳରାଶି ଓ ପ୍ରାକୃତିକ ପରିବେଶ ଉପଭୋଗ କରିପାରିବେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଯନ୍ତ୍ରୀ ଆନନ୍ଦଚନ୍ଦ୍ର ସାହୁ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିରାକାର ବିଶି, ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ପୋଲିସ୍ ଦୁଇ ଭାଇ ମହିଳାଙ୍କୁ ବନ୍ଧୁକ ମୁନରେ ଦୁଇ ଦୁଇଥର ଦୁଷ୍କର୍ମ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀ ଭୁବନେଶ୍ୱରରେ ଦିନକୁ ବିଭିନ୍ନ ପ୍ରକାର ଅପରାଧ ବଢିଚାଲିଥିବା ବେଳେ ଜଣେ ମହିଳା ଆଜି ନ୍ୟାୟ ପାଇଁ ମରଣ ସହ ଲଢେଇ କରୁଛନ୍ତି । ଜଣେ ମହିଳାଙ୍କୁ ଲକ୍ଷ୍ମୀସାଗର ଥାନାରେ କାର୍ଯ୍ୟରତ ଜଣେ ପୋଲିସ ବାବୁ ମିଛ ବାହାନା କରି ବାହା ହାଇ ଠକି ଚାଲିଛନ୍ତି । ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାକୁ ଫଳ ମିଳିଲା ବିଧା ଆଉ ଗୋଇଠା ଏନେଇ ମହିଳା ଜଣଙ୍କ କାନ୍ଦି ନ୍ୟାୟ ପାଇଁ ଆକୁଳ ନିବେଦନ କରିଛନ୍ତି । ଜଣାପଡିଛି ଯେ, ଗତବର୍ଷ ଜାନୁଆରୀ ମାସରେ ଜଣେ ପୋଲିସ ବାବୁ ଉକ୍ତ ମହିଳାଙ୍କୁ ପ୍ରତାରଣା କରି ଦ୍ୱିତୀୟ ବିବାହ କରିଥିଲେ । ପରବର୍ତ୍ତୀ ସମୟରେ ମହିଳାଙ୍କୁ ଡରାଇ ଧମକାଇ ବାହାନା କରି ବନ୍ଧୁକ ମୁନରେ ଦୁଇ ଦୁଇଥର ଦୁଷ୍କର୍ମ କରିଥିଲେ । ଏହି କୁକାର୍ଯ୍ୟରେ ଉକ୍ତ ପୋଲିସ ବାବୁଙ୍କର ଆଉ ଜଣେ ଭାଇ ଯେ କିମଧଉଳି ଥାନାରେ କାର୍ଯ୍ୟରତସେ ମଧ୍ୟ ସମ୍ପୃକ୍ତ ଅଛନ୍ତି । ତେବେ ଏହି ସମସ୍ତ ପ୍ରମାଣ ମହିଳାଙ୍କ ପାଖରେ ଥିବାରୁ ପୋଲିସ ବାବୁ ଜଣଙ୍କ ବିଭିନ୍ନ ସମୟରେ ବାହାନାରେ କରି କିଛି ପ୍ରମାଣ ନଷ୍ଟ କରିଦେଇଛନ୍ତି । ଏନେଇ ମହିଳା ଜଣଙ୍କ ଏକାଧିକ ବାର ଲିଙ୍ଗରାଜ ଥାନାରେ କେସ୍ ଦାୟର କରିଥିଲେ ହେଁ ପୋଲିସ ବାବୁ ଜଣଙ୍କ କ୍ଷମତା ବଳରେ ତାହାକୁ ଚାପି ଦେଇଥିଲେ । ଆଜି ମହିଳା ଜଣଙ୍କ ପାଖରେ ଥିବା ସମସ୍ତ ପ୍ରମାଣ ଓ ସିସିଟିଭିର ପ୍ରମାଣକୁ ଆଧାର କରି ତାଙ୍କୁ ନ୍ୟାୟ ଦେବାକୁ ମହିଳା ଜଣଙ୍କ ଆକୁଳଭରା କଣ୍ଠରେ ନିବେଦନ କରିଛନ୍ତି ।

# ଧୋଇଆ ଅଞ୍ଚଳରେ ଅଲୋକୀକରଣ

**ତିର୍ତ୍ତୋଲ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଧାୟକ ବିଜୟ ଶଙ୍କର ଦାସ ଧୋଇଆ ଅଂଚଳ ର କନିମୁଳ, ବିସନପୁର, କୃଷ୍ଣାନ୍ଦପୁର ପ୍ରଭୃତି ପଞ୍ଚାୟତରେ ଗ୍ରସ୍ତ କରି ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଦ୍ୱାରା ଉଜ୍ଜ୍ୱଳ ଅଲୋକୀକରଣ ସେବାର ଲୋକାର୍ପଣ କରିଥିବା ଦେଖାଯାଇଥିଲା । ବିଧାୟକ ଶ୍ରୀ ଦାସ ପ୍ରଥମେ ଗୋପାଳପୁର(ଶଙ୍ଖେଶ୍ୱର) ପଞ୍ଚାୟତରେ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆସାଇ ପାର୍ଥିଙ୍କ ନାମ ତାଲିକା ପ୍ରସ୍ତୁତ କରିଥିଲେ । ଏଥିରେ ସରପଞ୍ଚ କୃଷ୍ଣ ପ୍ରସାଦ ଦାସ, ପ୍ରସାଦ ମହାନ୍ତି, ପ୍ରଭାସ ବେହେରା, ନୟନ ମହାପାତ୍ର, ନିଲୁ ଚରଣ ଜେନା ଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ରହିଥିଲେ । ପରେ କନିମୁଳ ପଂଚାୟତର କୁଟୀର ମଠ ପ୍ରାଙ୍ଗଣରେ କନିମୁଳ ପଂଚାୟତ ର କର୍ମୀ ସମ୍ମିଳନୀରେ ଯୋଗଦେଇ ଆସାଇ ପାର୍ଥିଙ୍କ ନାମ ତାଲିକା ପ୍ରସ୍ତୁତ କରିଥିଲେ । କୁଟୀର ମଠ ପ୍ରାଙ୍ଗଣରୁ ବାଇକି ରାଲି ରେ ଲଂକାପଡା ଠାରେ ପାଇକା ନଦୀର ସେତୁ ନିକଟରେ ଉଜ୍ଜ୍ୱଳ ଆଲୋକ କରଣ ଉଦଘାଟନ କରିଥିଲେ । ବାଇକି ରାଲିରେ ବିସନପୁର ପଂଚାୟତର କୋଲଟା ମସଜିଦ, କୋଲଟା ହାଟ, ଅଡଙ୍ଗେଇ ମନ୍ଦିର ପ୍ରାଙ୍ଗଣ, ଇନ୍ଦ୍ରାଣୀ ଛକ,



ବିସନପୁର କବରସ୍ଥାନ, ମଣପୁର ମଠ ଓ କୃଷ୍ଣାନ୍ଦପୁର ସାଇଫନ ନିକଟରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଦ୍ୱାରା ଅଲୋକୀକରଣ ର ଉଦଘାଟନ କରିଥିଲେ । କନିମୁଳ ପଂଚାୟତ ରଞ୍ଜିତା ସିଂ, ପ୍ରୀତିଲତା ମଲ୍ଲ, ଫିରୋଜ ସ୍ୱାଇଁ, ପ୍ରଭାସ ସାହୁ, ପ୍ରଶାନ୍ତ ରାଉତ, ଗୋପୀନାଥ ଦାଶ, ଅନନ୍ତ ରାଉତ, ବିସନପୁର ସରପଞ୍ଚ ବସନ୍ତ ମହାପାତ୍ର, ସମିତି ସଭ୍ୟ ଅମୁଲ୍ୟ ମହାପାତ୍ର, ଜୀବନ ଆଶ୍ରିତ ଦାସ, ସୋମେନ ବରାଳ, ସରୋଜ ମହାପାତ୍ର ଓ କୃଷ୍ଣାନ୍ଦପୁର ପଂଚାୟତର ଶେଖ ଅଜଗର ଅଲ୍ଲୀ, ମହମ୍ମଦ ଆଜାଦ ଅହେମଦ, ସରୋଜ ସେଠି, ମହମ୍ମଦ ଅବଦୁଲ କରିମ, ସେକ ସାକୀର ଅଲ୍ଲୀ, ଜମିଲ ମହମ୍ମଦ, ଇଫତେକର ଆଲାମ, ଜିତେନ୍ଦ୍ର ନାଥ ମଲ୍ଲିକ, ସରୋଜ ମଲ୍ଲିକ, ରଞ୍ଜନ ବେହେରା ଙ୍କ ଶତାଧିକ ବିଜୁ ଜନତା ଦଳର କର୍ମୀ ସାମିଲ ହୋଇଥିଲେ ।

# ରଘୁନାଥପୁର ବ୍ଲକ୍ ଘେରିଲା ବିଜେପି

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଓବିସି ସଂରକ୍ଷଣ ସୁନିଶ୍ଚିତ କରିବା ଦାବି ନେଇ ଆଜି ବିଜେପି ଓବିସି ଜିଲ୍ଲା ସଭାପତି ତଥା ବିଜେପିନେତା ସୁବୋଧ ବାରିକଙ୍କ ନେତୃତ୍ୱରେ ରଘୁନାଥପୁର ମଣ୍ଡଳ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା । ବିଜେପିତ ସାତ ଦଫା ଦାବିପତ୍ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ । ସେହି ଦାବିଗୁଡିକ ହେଲା, ଓଡିଶାରୁ ଶତକଡା ୪୫ଭାଗରୁ ଅଧିକ ଯାହାକି ୨.୫କୋଟି ଜନସଂଖ୍ୟା ରହିଛନ୍ତି । ଗତ ୫ଟି ନିର୍ବାଚନରେ ଓବିସି ପ୍ରାର୍ଥୀମାନେ ଶତକଡା ୨୭ଭାଗ ସଂରକ୍ଷଣ ଆଧାରରେ ନିର୍ବାଚନ ଲଢି ସାରିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନରେ ସଂରକ୍ଷଣକୁ ନେଇ ରାଜ୍ୟ ସରକାରଙ୍କର ଓବିସି ବର୍ଗପ୍ରତି ବୈମାତୃକ ମନୋଭାବ କାରଣରୁ ଉକ୍ତ ବର୍ଗ ନିର୍ବାଚନରେ ଭାଗନେବା ଦ୍ୱନ୍ଦ ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ମାନ ପରିସ୍ଥିତିରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ କେନ୍ଦ୍ର ସରକାର ଏସମ୍ପର୍କରେ ଉଚ୍ଚତମ ନ୍ୟାୟାଳୟର ଦ୍ୱାରାସ୍ଥ ହୋଇଥିବା ବେଳେ ଓଡିଶା ସରକାର ଏସମ୍ପର୍କରେ ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ରାଜ୍ୟରେ ଅନୁସୂଚିତ ଅଂଚଳ ଅର୍ନ୍ତଭୂକ୍ତ ଅନେକ ଜିଲ୍ଲା ଥିବା ବେଳେ ଏବଂ ଏସି, ଏସ୍‌ଟି, ଓବିସି ବର୍ଗ ମିଶି ପ୍ରାୟ ଶତକଡା ୯୪ଭାଗ ହୋଇଥିବା ବେଳେ ବିଶେଷ ରାଜ୍ୟର ପରିସ୍ଥିତି ଦର୍ଶାଇ ରାଜ୍ୟସରକାର ବହୁ ପୂର୍ବରୁ ଉଚ୍ଚତମ ନ୍ୟାୟାଳୟକୁ ଅବଗତ କରାଇବା କଥା ଯାହା ସେ କରିନାହାଁନ୍ତି । ଉଚ୍ଚନ୍ୟାୟାଳୟର ନିଷ୍ପତ୍ତି ଆଳ ଦେଖାଇ ରାଜ୍ୟ ସରକାର ଓବିସି ବର୍ଗକୁ ଆଗାମୀ



ନିର୍ବାଚନରେ ବଂଚିତ କରିବାକୁ ଉଦ୍ୟମ କରୁଛନ୍ତି । ବହୁ ବିଳମ୍ବରେ ଗଠିତ ରାଜ୍ୟ ଓବିସି କମିଶନ କାହିଁକି ତାଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ କରିପାରିଲେ ନାହିଁ ଏବଂ ତାହାର ପରିଣାମ ଏକ ନିର୍ଦ୍ଦିଷ୍ଟ ଜାତିବର୍ଗ ଭୋଗ କରିବା କେତେ ଦୂର ଯର୍ଥାଥ । ଏହି ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସମ୍ପାଦକ ଜଗନ୍ନାଥ ଦାସ, ରାଜ୍ୟ ଓବିସି ସଭାପତି ସୁକାନ୍ତ ବିଶ୍ୱାଳ, ନବକିଶୋର ମଲ୍ଲିକ, ଅଶୋକ ନାୟକ, ଜିଲ୍ଲାପରିଷଦ ସଦସ୍ୟ ଅଶୋକ ମହାରଣା, ଜିଲ୍ଲା ବିଜେପି ସମ୍ପାଦକ ସୁବାସ ଜେନା, ବିଜେପିନେତା ନିର୍ମଳ ମହାପାତ୍ର, ସୁଶାନ୍ତ ମହାନ୍ତି, ସୁକାନ୍ତ ସ୍ୱାଇଁ, ବିନେଜ ନାୟକ, ପ୍ରଭଂଜନ ମଲ୍ଲିକ, ସୁମାଂସୁ ଜେନା, ଲୁଡେନ୍ଦ୍ର ମିଶ୍ର, ଜ୍ୟୋତିରଂଜନ ସାହୁ, ସତ୍ୟବ୍ରତ ରଣା, ରଘୁନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

# ମାଛ ଭୟରେ ଲୋକେ ଛାନିଆ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମାଛକୁ ନେଇ ଏକ ରୋଚକ ଖବର । ଯାହାକି ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ । କିଛି ମାଛ ଅଛନ୍ତି ଯାହାକି ଲୋକଙ୍କର କ୍ଷତି କରିପାରନ୍ତି, ଆଉ କିଛି ମାଛ ଏମିତି ଅଛନ୍ତି ଯିଏ କି ମଣିଷଙ୍କ ଜୀବନକୁ ମଧ ନେଇ ପାରନ୍ତି । ଠିକ୍ ଏମିତି ହିଁ ଏକ ମାମଲା ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏରେ ସାମନାକୁ ଆସିଛି । ଏଠାରେ ପିରାନହା ମାଛର ଆତଙ୍କ ଏବେ ଚର୍ଚ୍ଚାର ବିହୟ ପାଲଟିଛି । ଏହି ମାଛ ଆକ୍ରମଣରେ ୪ଜଣ ଲୋକଙ୍କର ମୃତ୍ୟୁ ହୋଇଯାଇଛି ଏବଂ ୨୦ଜଣ ଲୋକ ଆହାତ ହୋଇଛନ୍ତି । ମାଛର ଏହି ପ୍ରକାରର ଆକ୍ରମଣ ପରେ ନଦୀ କୂଳର ଆଖପାଖରେ ଥିବା ଲୋକଙ୍କ ମଧରେ ଭୟର ବାତାବରଣ ଖେଳିଯାଇଛି ।




ଡେଲି ଷ୍ଟାର ମୁତାବିକ, ଜଣେ ୨୨ ବର୍ଷୀୟ ଯୁବକ ଗାଏବ ହୋଇଯାଇଥିଲେ । ତାଙ୍କର ପରିବାର ଲୋକ ନଦୀ କୂଳରେ ବହୁତ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୌଣସି ପତ୍ତା ମିଳିନଥିଲା । ଏହାପରେ ନିଖୋଜ ବ୍ୟକ୍ତିଙ୍କର ପରିବାର ଲୋକ ଏହି ମାମଲାର ସୂଚନା ପୋଲିସ୍‌କୁ ଦେଇଥିଲେ । କିଛି ସମୟ ପରେ ଏହ ଯୁବକଙ୍କର ଶବ ବହୁତ ହିଁ ଖରାପ ଅବସ୍ଥାରେ ନଦୀ କୂଳ ନିକଟରେ ମିଳିଥିଲା । ସୂଚନା ଆଧାରରେ ତାଙ୍କ ଉପରେ ଏହି ଆକ୍ରମଣ ସେତେବେଳେ ହେଲା ଯେବେ ସେ ପାରାଗୁଏ ନଦୀରେ ଗାଧୋଇବା ପାଇଁ ଯାଇଥିଲେ । ଫୋରେନ୍ସିକ୍ ଯାଞ୍ଚରେ ମଧ ଏହି କଥା ସ୍ପଷ୍ଟ ହୋଇଛି କି ଏହି ଯୁବକଙ୍କୁ ପିରାନହା ମାଛ ଆକ୍ରମଣ କରିଥିଲା ।

ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ, ଏହି ଅଞ୍ଚଳରେ ଏହିପରି ଅନେକ ଘଟଣା ସବୁ ପୂର୍ବରୁ ସାମନାକୁ ଆସିସାରିଛି । ପୂର୍ବରୁ ଜଣେ ୪୯ ବର୍ଷୀୟ ବୟସ୍କ ବ୍ୟକ୍ତି ବି ଠିକ୍ ଏହିଭଳି ମୃତ ଅବସ୍ଥାରେ ଉଦ୍ଧାର ହୋଇଥିଲେ । ତାଙ୍କ ଶରୀରରେ କଟା ଚିହ୍ନ ଥିଲା । ସେପଟେ ଆଉ ଦୁଇ ଜଣ ଲୋକ ବି ଟେବିକୁଆରି ନଦୀ ପାଖରୁ ଏହିପରି ମୃତ ଭାବେ ମିଳିଥିଲା ।

ଏହି ମାଛ କାହିଁକି କରୁଛି ଆକ୍ରମଣ ?

ବାୟୋଲୋଜିଷ୍ଟ ଜୁଲିୟୋ ଜେଭିୟର କହିଛନ୍ତି କି ପିରାନହା ମାଛ ଆକ୍ରମଣ ସେତେବେଳେ କରେ ଯେତେବେଳ ତାଙ୍କର ପ୍ରଜନନର ସମୟ ଚାଲିଥାଏ । ବିଶେଷକରି ଏହି ପ୍ରକାର ମାଛ ମଣିଷଙ୍କୁ ହିଁ ଆକ୍ରମଣ କରେ । ଆଉ ଆକ୍ରମଣ କରି ଲୁଚି ଯାଏ ।

# ସମୁଦ୍ର ଭିତରେ ଗ୍ୟାଙ୍ଗ ୱାର୍; ହୁତ୍ ହୁତ୍ ହୋଇ ଜଳିଲା ଡଙ୍ଗା, ଜୀବନ ବଞ୍ଚାଇବାକୁ ପାଣିକୁ ଡେଇଁଲେ ମତ୍ସ୍ୟଜୀବୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲାରେ ମତ୍ସ୍ୟଜୀବୀଙ୍କ ଭିତରେ ଗୋଷୀ ସଂଘର୍ଷ । ସମୁଦ୍ରରେ ମାଛଧରିବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧରେ ଗୋଷ୍ଠୀ ମଧରେ ଗଣ୍ଡଗୋଳ ଘଟିଛି । ସମୁଦ୍ର ଭିତରେ ଗୋଟିଏ ପକ୍ଷର ଡଙ୍ଗାରେ ଅନ୍ୟ ଗୋଷ୍ଠୀ ନିଆଁ ଲଗାଇଦେଇଥିଲେ । ସ୍ଥିତି ନିୟନ୍ତ୍ରଣ ପାଇଁ ୧୪୪ ଧାରା ଜାରି କରିଛି ପୋଲିସ । ସମୁଦ୍ର ଭିତରେ ଗ୍ୟାଙ୍ଗ ୱାର୍ । ଦୁଇ ଗୋଷ୍ଠ ଭିତରେ ଛକାପଞ୍ଝା ହୁତ୍ ହୁତ୍ ହୋଇ ଜଳୁଛି ଡଙ୍ଗା ଜୀବନ ବଞ୍ଚାଇବାକୁ ପାଣିକୁ ଡେଇଁଛନ୍ତି ମତ୍ସ୍ୟଜୀବୀ । ଏଭଳି ଚିତ୍ର ଦେଖିବାକୁ ମିଳିଛି ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲ୍ଲାରେ । ସିନେମାର । ଆକ୍ସନ ଭଳି ସମୁଦ୍ର ଭିତରେ ଡଙ୍ଗାରେ ନିଆଁ ଲାଗିଯିବାକୁ ଜୀବନ ବଂଚାଇବାକୁ ବାଧ ହୋଇ



ପାଣିକୁ ଡେଉଁଥିଲେ ଡଙ୍ଗା ରେ ଥିବା ମତ୍ସ୍ୟଜୀବୀ । ସମୁଦ୍ର ଉପକୂଳରୁ ୮କିଲୋମିଟର ପରିଧି ଭିତରେ ଘେରିକୁ ନେଇ ଦୁଇ ମତ୍ସ୍ୟଜୀବୀ ଗୋଷ୍ଠୀ ମଧରେ ସଂଘର୍ଷ ହୋଇଥିଲା ଏମିତି ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିବାକୁ ବି ପଛାଇନଥିଲେ ଉତ୍ତ୍ୟକ୍ତ ଲୋକେ । ଖବର ପାଇଁ ଘଟଣାସ୍ଥଳରେ ପହଂଚିଥିଲା ପୋଲିସ । ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ହେଲେଉତ୍ତେଜନାମୂଳକ ପରିସ୍ଥିତି ଭିତରେ ପୋଲିସ କଥାକୁ ମଧ ଶୁଣିବାକୁ ରାଜି ନଥିଲେ ଉଦ୍ୟକ୍ତ ଲୋକେ । ପୋଲିସକୁ ଠେଲାପେଲା କରିବା ସହ ଗାଳିଗୁଲଜ କରିଥିଲେ । ବାଧ ହୋଇ ଅଧିକ ସଂଖ୍ୟାରେ ଫୋର୍ସ ମଗାଇଥିଲେ ପୋଲିସ ଅଧିକାରୀ ପରିସ୍ଥିତିକୁ ନଜରରେ ରଖି ଭାସାଭାନିପାଲେମ୍ ଓ ଜଲାରିପେଟ୍ଟା ଅଂଚଳରେ ୧୪୪ ଧାରା ଜରି କରାଯାଇଛି । ଏବେ ବି ସେଠାରେ ଚାପାଉତେଜନା ଲାଗି ରହିଛି । ଆଇନ ଶୃଙ୍ଖଳା ଦୃଷ୍ଟିରୁ ସ୍ଥାନୀୟ ଗାଁରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

# ୱାଟକୋ ଯନ୍ତ୍ରୀ ସର୍ବସ୍ୱ ଲୁଟି ମାଲାମାଲ୍

**କଟକ(ସଂପର୍କବର୍ତ୍ତା):-** ଖାନନଗର ଅଞ୍ଚଳରେ ପିଇବା ପାଣିକୁ ନେଇ ସବୁବେଳେ ଅସୁବିଧା ଲାଗିରହିଛି । ଗୋଟେ ପଟେ ସ୍ୱଚ୍ଛ ପିଇବ ପାଣି ପାଇଁ ଲୋକେ ହଇରାଣ ହେଉଥିବାବେଳେ ଅନ୍ୟପଟେ ୩ ରୁ ୪ ମାସ ହେବ ୧୫ଟି ପାଣି ପାଇପ୍ ଫାଟି ହଜାର ହଜାର ଲିଟର ପାଣି ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଲୋକମାନେ ବାରମ୍ବାର ୱାଟକୋ ଏବଂ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ ।

ସିଏମ୍‌ସି ୪୫ ନମ୍ବର ୱାର୍ଡ଼ ଅନ୍ତର୍ଗତ ଖାନନଗର ନୂଆସାହିରେ ଡ୍ରେନ୍ କାମ ପାଇଁ ରାସ୍ତା ଖୋଳା ହୋଇଥିଲା । ସେତେବେଳେ କେତୋଟି ପାଣି ପାଇପ୍ ଫାଟି ଯାଇଥିଲା । ଡ୍ରେନ୍ କାମ ସରିବାର ୩ରୁ ୪ ମାସ ହୋଇଯାଇଥିଲେ ବି ଆଜି ପର୍ଯ୍ୟନ୍ତ ରାସ୍ତାକୁ ମରାମତି କରାଯାଉନି କି ଫାଟିଯାଇଥିବା ପାଇପ୍‌କୁ

## ନୂଆସାହି ବାସିନ୍ଦା ହନ୍ତସନ୍ତ

ମରାମତି କରାଯାଉନାହିଁ । ଯାହାଫଳରେ ଉକ୍ତ ଅଞ୍ଚଳରେ ରହୁଥିବା ୫୦୦ରୁ ଅଧିକ ଲୋକ ପିଇବା ପାଣିକୁ ନେଇ ଅସୁବିଧାରେ ପଡୁଛନ୍ତି । ପାଣି ପାଇପ୍ ଫାଟିଯାଇଥିବାରୁ ହଜାର ହଜାର ଲିଟର ପାଣି ବୋହି ଡ୍ରେନ୍‌ରେ ମିଶୁଛି ଏବଂ ଲୋକମାନେ ଆବଶ୍ୟକତା ମୁତାବକ ପିଇବା ପାଣି ପାଉନାହାନ୍ତି । ଫଟା ପାଇପ୍ ବାଟେ ଗୋଳିଆ ପାଣି ଆସୁଛି । ଏନେଇ ବହୁବାର ଲୋକମାନେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅଭିଯୋଗ ଶୁଣୁନାହାନ୍ତି । ଡ୍ରେନ୍ କାମ ପାଇଁ ଖୋଳା ହୋଇଥିବା ରାସ୍ତା ମରାମତି କରାଯାଉନଥିବାରୁ ଲୋକେ ଚଳପ୍ରଚଳ କରିବାରେ ଅସୁବିଧା ଭୋଗୁଛନ୍ତି । ଡ୍ରେନ୍ ଉପରେ ପଟା ପକାଇ ଚଳପ୍ରଚଳ କରୁଛନ୍ତି । ଖାନନଗର ନୂଆସାହିରେ ଥିବା ଏସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ପକ୍ଷରୁ ଦାବି ହେଉଛି ।

# ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

**ତିର୍ତ୍ତୋଲ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିସନପୁର ପଞ୍ଚାୟତ କୋଲଟା ଠାରେ ଥିବା ଗୋପବନ୍ଧୁ ସେବାସଙ୍ଘ ପକ୍ଷରୁ ଫୁଲବାଣି ର ରାଜବିର ଙ୍କ ଦିଲ୍ଲୀରେ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ୩ ହଜାର ଟଙ୍କା ବ୍ୟାଙ୍କ ଖାତା ଜରିଆରେ ପ୍ରଦାନ କରିଛନ୍ତି । ରାଜବିରଙ୍କ ଚିକିତ୍ସା ନିମନ୍ତେ ୧୬ କୋଟି ଟଙ୍କା ଦରକାର ପଡୁଥିବାବେଳେ ବିଭିନ୍ନ ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା ର ସୁଅ ଛୁଟୁଛି । ଏଥିରେ ବିସନପୁର ସରପଞ୍ଚ ବସନ୍ତ ମହାପାତ୍ର, ସମିତି ସଭ୍ୟ ଅମୁଲ୍ୟ ମହାପାତ୍ର, ସଂଘର ସଭାପତି ଧ୍ରୁବ ବେହେରା, ସମ୍ପାଦକ ଧନେଶ୍ୱର ବେହେରା, ସୁବାଷ ଦାସ, ବାବୁନି ବେହେରା, ପ୍ରକାଶ ଦାସ, ମାନସ ଦାସ, ଅଲେଖ ବେହେରା,




ମନୋରଞ୍ଜନ ବେହେରା, ନବକିଶୋର ଦାସ, ଦିଲୀପ ବେହେରା, ନବକିଶୋର ଦାସ, ରଞ୍ଜନ ବେହେରା, ଅରକ୍ଷିତ ବେହେରା, ପରୀକ୍ଷିତ ବେହେରା, ସୂର୍ଯ୍ୟ କାନ୍ତ ବେହେରା, ତୁଷାର କାନ୍ତ ବେହେରା ଙ୍କ ସମେତ ସମସ୍ତ ସଭ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ରଘୁନାଥପୁର:ସ୍ୱୟଂ ସହାୟିକା ଦଳର ଧାରଣା

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଦଳ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରି କରିବା ନିମନ୍ତେ ଓଡିଶାର ପ୍ରାୟ ଅଧିକାଂଶ ପଂଚାୟତରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରି ସେମାନଙ୍କୁ ପ୍ରଦାନ କରିଛନ୍ତି । ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତର ଜଗନ୍ନାଥପୁର ବଜାରରେ ଥିବା ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ଗୃହକୁ ଧରାଧରପୁର ଗ୍ରା.ପ.ର କୋଟକଣା ଗ୍ରାମର ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଦଳକୁ ପ୍ରଦାନ କରିଥିଲେ । ଏହି ଦୋକାନ ଘରଟିକୁ କୋଟକଣା ଗ୍ରାମର କସ୍ତୁରୀ ଚରଣ ଜେନାଙ୍କ ପୁଅ ତପନ କୁମାର ଜେନା ଜୋର ଜବରଦସ୍ତି ମାଡିବସି ସେଠାରେ ରୋଷେଇ ଗ୍ୟାସ ମରାମତି ସାମଗ୍ରୀ, ଚୂଲା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି । ଉକ୍ତ ଘରଟିକୁ ତୁରନ୍ତ ଛାଡିବାପାଇଁ ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଦଳର ସଭାପତି ରାଧାରାଣି ଜେନା, ସମ୍ପାଦିକା ସୁଷମା ସାହୁ ଓ ଅନ୍ୟ ୮ଜଣ ସଦସ୍ୟା ଦୋକାନ ଘରଟିକୁ ଛାଡିବାପାଇଁ ଜବରଦଖଲକାରି ତପନ ଜେନାଙ୍କୁ କହିଥିଲେ । ତପନ ଜେନା ସେମାନଙ୍କୁ କିଛି ଦିନ ସମୟ ମାଗିଥିଲେ । କିଛିଦିନ ବିତିଯିବା ପରେ ପୁର୍ନବାର ମହିଳାମାନେ ସେମାନଙ୍କର ଦୋକାନ ଘର ଛାଡିବାକୁ କହିବାରୁ ସେ ଛାଡିନଥିଲେ । ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଦଳ ରଘୁନାଥପୁର ଥାନାରେ ଅଭିଯୋଗ କରିଥିଲେ । ରଘୁନାଥପୁର ଥାନା ପୋଲିସ ତପନଙ୍କୁ ଡକାଇ ୭ଦିନ ଭିତରେ ଦୋକାନ ଘର ସେମାନଙ୍କୁ ଛାଡିଦେବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ତପନ ଉକ୍ତ ଘରଟିକୁ ସେମାନଙ୍କୁ ୭ଦିନ ପରେ ନଛାଡିବାରୁ ଆଜି ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଦଳର ସମସ୍ତ ସଦସ୍ୟାମାନେ ଉକ୍ତ ଦୋକାନରେ ଆଜି ପ୍ରତ୍ୟୁଷରୁ ଉକ୍ତ ଦୋକାନ ଘରେ ତାଲା ପକାଇ ଘର ସମ୍ମୁଖରେ ଧାରଣାରେ




ବସିଥିଲେ । ଜବରଦଖଲକାରି ତପନ ଉକ୍ତ ଧାରଣା ସ୍ଥଳକୁ ଆସି ଉକ୍ତ ଦୋକାନ ଘର ତାଙ୍କୁ ହସ୍ତାନ୍ତର ନକରିବାରୁ ମହିଳାମାନେ ଏକ ଲିଖିତ ଏତଲା ରଘୁନାଥପୁର ଥାନାରେ ଦେଇ ଆଜିର ୧୨ଘଣ୍ଟିଆ ଧାରଣା ପ୍ରତ୍ୟାହାର କରିନେଇଛନ୍ତି । ଏହି ଧାରଣାରେ ରାଧାରାଣି ଜେନା, ସୁଷମା ସାହୁ, କଳ୍ପନା ବେହେରା, ସବିତା ବେହେରା, ଗୀତାଞ୍ଜଳି ବେହେରା, ଫେନୁରାଣୀ ବିଶ୍ୱାଳ, ଶୁକଲତା ସାହୁ, ଶାନ୍ତିଲତା ରାଉତ, ମନୋରମା ସାହୁ, ହେନା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

# ରଘୁନାଥପୁରରେ ସେସୁ ଓ ଟାଟା ପାୱାର ମନମୁଖି କାରବାର

**ରଘୁନାଥପୁର(ସଂପର୍କବାର୍ତ୍ତା):-** ସେସୁ ବିଭାଗର ମନମୁଖି, ବେନିୟମ ଓ ହିତାଧିକାରୀମାନଙ୍କୁ ଶୋଷଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଟାଟା ପାୱାର ହାତକୁ ନେବା ପରେ ଉପଭୋକ୍ତାଙ୍କ ଉପରେ ଯୋର ଜୁଲମ ଆରମ୍ଭ କରିଦେଇଛି । ବର୍ଷ ବର୍ଷର ପୁରୁଣା ତୃଟିପୂର୍ଣ୍ଣ ବିଲ୍‌କୁ ସଂଶୋଧନ ନକରି ସମସ୍ତ ଟଙ୍କା ସଙ୍ଗେ ସଙ୍ଗେ ନଦଲେ ହିତାଧିକାରୀଙ୍କର ବିଦ୍ୟୁତ ଲାଇନ କାଟି ଦେବା ସହିତ ସେସୁ ଓ ଟାଟା ପାୱାର କର୍ମଚାରୀ ମାନେ ବିଦ୍ୟୁତ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି ବୋଲି ବହୁ ଅଭିଯୋଗ ହେଉଛି । ଏପରିକି, ହଜାର ହଜାର ଉପଭୋକ୍ତାଙ୍କର ମିଟର ଠିକ୍ ଚାଲୁଥିବା ବେଳେ ମିଟର ଖରାପ ଦର୍ଶାଇ ନୂତନ ମିଟର ତୁରନ୍ତ ଲଗାଅ ବୋଲି ଉପଭୋକ୍ତାମାନଙ୍କୁ ତାଗିଦ କରୁଛନ୍ତି । ପ୍ରଥମେ ବିଦ୍ୟୁତବିଭାଗ ମିଟର ଲଗାଇ ଲୋକମାନଙ୍କ ଠାରୁ ମିଟର ରିଡିଙ୍ଗ ଅନୁଯାୟୀ ବିଲ୍ ଆଦାୟ କଲେ । ତା ପରେ ସେସୁ ତାର ନୂତନ ମିଟିର ଲଗାଇ ବିଲ୍ ଆଦାୟ କଲେ । ଏହାପରେ ଏନଜେନ କମ୍ପାନୀ ହାତକୁ ନେବା ପରେ ଉକ୍ତ କମ୍ପାନୀ ତାର କମ୍ପାନୀ ମିଟର ଲଗାଇ ବିଲ୍ ଆଦାୟ କଲେ । ଏହାପରେ ବର୍ତ୍ତମାନ ଟାଟା ପାୱାର ଆସି ଠିକ ଚାଲୁଥିବା ମିଟର ଗୁଡିକୁ ହଟାଇ ନୂତନ ଟାଟା ପାୱାର ମିଟର ଲଗାଇ ବିଲ ଆଦାୟ କରୁଛନ୍ତି । ଟାଟା ପାୱାର ମିଟର ଗୁଡିକ ବିଦ୍ୟୁତ ଗ୍ରାହକମାନଙ୍କ ବିଦ୍ୟୁତ ବ୍ୟବହାର ଠାରୁ ଅଧିକ ବିଲ ଆସୁଅଛି ବୋଲି ଶହଶହ ଉପଭୋକ୍ତା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ହଜାର ହଜାର ଉପଭୋକ୍ତାଙ୍କର ଆଦୌ ମିଟର ନଲଗାଇ ସେମାନଙ୍କ



ଠାରୁ ଉତ୍କୋଚ ନେଇ କମ ମାସିକ ଆନୁମାନିକ ବିଲ୍ ବର୍ଷ ବର୍ଷ ଧରି ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ ଦେଇଥିବା ହଜାର ହଜାର ଉପଭୋକ୍ତାଙ୍କର ବିଲ୍‌ରେ ବ୍ୟାପକ ତୃଟି ରହିଥିଲେ ମଧ ତାହାର ସଂଶୋଧନ ନକରି ତୁରନ୍ତ ଏହି ଭୁଲ୍ ପୈଠ ନକଲେ ବିଦ୍ୟୁତ ସଂଯୋଗ କାଟି ଦେଉଛନ୍ତି । ମୋ ସରକାର ଯୋଜନାରେ ନିର୍ବାଚନ ସମୟରେ ଲୋକମାନଙ୍କୁ ମାଗଣାରେ ବିଦ୍ୟୁତ ସଂଯୋଗ ଦେଉଥିବା ବେଳେ ନିର୍ବାଚନ ପରେ ଲୋକମାନଙ୍କୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଅବଶ୍ୟକୀୟ ଟଙ୍କା ଦାଖଲ କରିବାକୁ ବିଭାଗୀୟ ଅଧିକାରୀମାନେ ନିର୍ଦ୍ଦେଶ ଦେଉଚନ୍ତି । ବହୁ ଗରିବ ଉପଭୋକ୍ତାମାନେ ୨ଟି ଏଲ୍.ଇଡି ବଲ୍ ଓ ଗୋଟିଏ ଫ୍ୟାନ ବ୍ୟବହାର କରୁଥିଲେ ମଧ ସେମାନଙ୍କର ଏରିଅର ହଜାର ହଜାର ଟଙ୍କା ଦର୍ଶାଇ ଟଙ୍କା ନଦେଲେ ବିଦ୍ୟୁତ ସଂଯୋଗ କାଟିଦେଉଚନ୍ତି । ଏହି ଭୁଲ୍ ବିଲ୍ ଗୁଡିକ ଆଦୌ ସଂଶୋଧନ କରୁନାହାନ୍ତି । ସେସୁ ଓ ଟାଟା ପାୱାର ଏହି ମନମୁଖି ଓ ବେନିୟମ କାରବାର ଚରମ ସୀମାରେ ପହଞ୍ଚିଛି । ତାର ଜ୍ୱଳନ୍ତ ଉଦାହରଣ ହେଉଛି ଜଗତସିଂହପୁର ସେସୁ ଓ ଟାଟା ପାୱାର ବିଭାଗ ନଂ-୨ ଅଧିନରେ ଥିବା ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ପଞ୍ଚାୟତର ରାଉତନୂଆଗାଁ ଠାରେ ଥିବା ବସୁଧା ଯୋଜନାରେ କରାଯାଇଥିବା ବୃହତ୍ ପାଇପ ଜଳ ଯୋଗାଣ କେନ୍ଦ୍ରର ବିଦ୍ୟୁତ ସଂଯୋଗ ୩ଦିନ ହେଲା କାଟି ଦେଇଛନ୍ତି । ଟାଟା ପାୱାର ବିଭାଗ ଖାମ ଖିଆଲି ନିତି ଯୋଗୁଁ ଏହି ବୃହତ ପାଇପ ଜଳ ଯୋଗାଣ କେନ୍ଦ୍ର ଉପରେ ନିର୍ଭର କରୁଥିବା ରାଉତନୂଆଗାଁ ଓ ବଣିକୁନ୍ଦ ଗ୍ରାମର ଶହ ଶହ ପରିବାରର ହଜାର ହଜାର ଜନସାଧାରଣ ପିଇବା ପାଣି ମୁନ୍ଦାଏ ପାଇଁ ୩ ଦିନ ହେଲା ଡହଳ ବିକଳ ହେଉଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିଲେ ମଧ୍ୟ ସେସୁ ଓ ଟାଟା ପାୱାର ଏଭଳି ମନମୂଖୀ କାର୍ଯ୍ୟକୁ ଏଅଞ୍ଚଳ ବାସୀ ତୀବ୍ର ନିନ୍ଦା କରିଛନ୍ତି । ରାଉତନୂଆଁଗାଁ ରେ ଥିବା ସର୍ବବୃହତ ପାଇପ ଜଳ ଯୋଗାଣ କେନ୍ଦ୍ରକୁ ବାରମ୍ବାର ବିଦ୍ୟୁତ ସଂଯୋଗ କାଟୁଥିବାରୁ ଗ୍ରାମବାସୀମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେସୁ ଓ ଟାଟା ପାୱାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁନ୍ତ ଏହି ବୃହତ୍ ପାଇପ ଜଳ ଯୋଗାଣ ପ୍ରକଳ୍ପକୁ ତୁରନ୍ତ ବିଦ୍ୟୁତ ସଂଯୋଗ ଦିଆନଗଲେ ୨ଟି ଗ୍ରାମର ଶହ ଶହ ଲୋକ ଜଗତସିଂହପୁର ସେସୁ ନଂ-୨ କନିଷ୍ଠ ଯନ୍ତ୍ରୀ ଓ ଟାଟା ପାୱାରଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନ କରିବେ ବୋଲି ଜଣାଇଛନ୍ତି ।

# ବିଲସାହି ଗ୍ରାମକୁ ରାସ୍ତା ନାହିଁ ତ ଭୋଟ ନାହିଁ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ବିଲସାହି ଗ୍ରାମକୁ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ରାସ୍ତା ନଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରଘୁନାଥପୁର ବ୍ଲକରେ ଅଧିକାଂଶ ଜନଶୂନ୍ୟ ଆବଶ୍ୟକ ନଥିବା ଲୋକମାନେ ଗମନାଗମନ କରୁନଥିବା ରାସ୍ତା ଗୁଡିକୁ ଢଳେଇ କରାଯାଇଅଛି । ଆହୁରି ଏହିପରି ଅନେକ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଆଉ କେତେକ ପ୍ରଭାବଶାଳୀ କୁଜିନେତାଙ୍କ ଜଣେ ଲୋକଙ୍କ ଘରକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଏବଂ ପଂଚାୟତର ବିଭିନ୍ନ ଯୋଜନାରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଅଛି । ଅନ୍ୟପକ୍ଷରେ ବ୍ଲକ ମୁଖ୍ୟାଳୟ ଓ ରଘୁନାଥପୁର ବଜାରଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ବିଲସାହିକୁ ରାସ୍ତାଟିଏ ୭୫ବର୍ଷ ମଧ୍ୟରେ ବିଭାଗୀୟ ଅଧିକାରୀ, ବ୍ଲକ ଅଧ୍ୟକ୍ଷ, ବିଡିଓ, ସରପଂଚ କେହି ଜଣେ ହେଲେ ଏହି ରାସ୍ତାଟିକୁ ନିର୍ମାଣ କଲେ ନାହିଁ । ପ୍ରକାଶ ଥାଉକି, ରଘୁନାଥପୁର ପଞ୍ଚାୟତର ବିଲସାହି ଗ୍ରାମଟି ଚିର ଅବହେଳିତ ଅବସ୍ଥାରେ ପଡିରହିଛି । ଏହି ଗ୍ରାମକୁ ରାସ୍ତା ନଥିବାରୁ ଲୋକମାନେ ବର୍ଷାଦିନେ ପାଣିରେ ପଶି ଚାଷଜମି ହିଡରେ ଯାତାୟତ କରିଥାନ୍ତି । ବର୍ଷାଦିନେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ । ଏପରିକି ସଂଧ୍ୟା ହେଲେ ଏହି ଗ୍ରାମକୁ ଯିବା ଅସମ୍ଭବ ହୋଇପଡେ । ଦିନରେ ମଧ୍ୟ ଖାଲି ପାଦରେ ଆଣ୍ଠୁଏ କାଦୁଅରେ ପଶି ଲୋକମାନେ




ବହୁ କଷ୍ଟରେ ଘରୁ ବଜାରକୁ ମାର୍କେଟିଙ୍ଗ ପାଇଁ ଆସନ୍ତି । କୌଣସି ବ୍ୟକ୍ତି ମୁମୂର୍ଷୁ ଅବସ୍ଥାରେ ରୋଗଶଯ୍ୟାରେ ପଡିଲେ ତାକୁ ମେଡିକାଲ ନେବାପାଇଁ ଆମ୍ବୁଲାନ୍ସ କିମ୍ବା କୌଣସି ଯାନବାହନ ଏହି ଗ୍ରାମକୁ ଯିବାପାଇଁ ରାସ୍ତା ନାହିଁ । ଏହି ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଅଗ୍ନିଶମ ବାହିନୀ ଗାଡି ଗ୍ରାମ ଭିତରକୁ ରାସ୍ତା ନଥିବାରୁ ଯାଇପାରେ ନାହିଁ । ଚାନ୍ଦପୁର ବଳରାମ ସାହୁ ଘରଠାରୁ ହରିଜନସାହି ଦେଇ ରଘୁନାଥପୁର ଥାନା ପର୍ଯ୍ୟନ୍ତ ଯାଇଥିବା ଏକ ମାଟିରାସ୍ତାଟି ଆଜକୁ ୪୦ ବର୍ଷ ହେଲା ମୁଠାଏ ମୋହରମ ପଡିନାହିଁ । ୪୦ ବର୍ଷ ପୂର୍ବେ ମାଟିପକାଯାଇ ଏହି ରାସ୍ତାଟି ନିର୍ମାଣ କରାଯାଇଥିଲା । ଏହି ରାସ୍ତାଟି ଉପରେ ବିଲସାହିର ଲୋକମାନେ ତାଙ୍କ ସାହିରୁ ଆସି ଏହିରାସ୍ତା ଦେଇ ରଘୁନାଥପୁର ବଜାର ଆଦି ସ୍ଥାନକୁ ଆସିଥାଆନ୍ତି । ଏହି ଗ୍ରାମକୁ ରାସ୍ତା ନିର୍ମାଣ ନିମନ୍ତେ ବିଲସାହିର ଜନସାଧାରଣ ଆଜକୁ ୭୫ ବର୍ଷ ହେଲା ତତ୍କାଳୀନ ପୂର୍ବତନ ବିଧାୟକ, ସାଂସଦ, ଜିଲ୍ଲାପାଳ, ବିଡିଓ, ବ୍ଲକ ଅଧକ୍ଷଙ୍କୁ ବାରମ୍ବାର ଦାବିପତ୍ର ଦେଇ ଭେଟିଥିଲେ ମଧ ଏହାର କୌଣସି ସୁଫଳ ପାଇପାରିନାହାନ୍ତି । ଏହି ରାସ୍ତାଟିକୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନାରେ ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀମାନେ ଆଗାମୀ ପଂଚାୟତ ନିର୍ବାଚନ ବର୍ଜନ କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

# ଜଗତସିଂହପୁର ଜିଲ୍ଲାରେ ମାଟ୍ରିକ ପିଲାଙ୍କ ସଂକ୍ଷିପ୍ତ ମୂଲ୍ୟାଙ୍କନ -୧ ଶେଷ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** କୋଭିଡି ମହାମାରୀ କୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପ୍ରଥମ ଥର ଲାଗି ଓଡ଼ିଶା ମାଧମିକ ବୋର୍ଡ ପକ୍ଷରୁ ମାଟ୍ରିକ ପିଲାଙ୍କ ସଂକ୍ଷୀପ୍ତ ମୂଲ୍ୟାଙ୍କନ -୧ ପରୀକ୍ଷା ଆରମ୍ଭ ହୋଇଛି ।ଜଗତସିଂହପୁର ଜିଲ୍ଲାରେ ୫ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଦୁଇଟି ସିଟିଂ ରେ ପରୀକ୍ଷା ହେବ ।ଜିଲ୍ଲାର ୧୩ ହଜାର ୮୨୦ ମାଟ୍ରିକ ଛାତ୍ର ଛାତ୍ରୀ ଓ ୭୨ ଜଣ ମଧମା ଛାତ୍ର ଛାତ୍ରୀ ଙ୍କୁ ମିଶାଇ ମୋଟ ୧୩ ହଜାର ୮୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ଙ୍କ ପାଇଁ ୮୭ ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ମଧମା ଛାତ୍ର ଛାତ୍ରୀଙ୍କ ଲାଗି ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି ।ଜିଲ୍ଲାରେ ମୋଟ ୮୮ ଟି ପରୀକ୍ଷା କେନ୍ଦ୍ର ରେ ପରୀକ୍ଷା କରାଯିବ ।ଜିଲ୍ଲାରେ ୮ ଟି ବ୍ଲକରେ ୮ ଟି ନୋଡାଲ ସେଣ୍ଟର୍ କରାଯାଇଛି ।ପରୀକ୍ଷା ପରିଚାଳନା ପାଇଁ ମୋଟ ୨୧ ଟି ଟିମ୍ ଗଠନ କରାଯାଇଛି । ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ କୋଭିଡି ନିୟମକୁ କଡାକଡି ଭାବରେ ପାଳନ କରାଯିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି ।କୋଭିଡି ନିୟମ ଅନୁଯାୟୀ ପରୀକ୍ଷା କେନ୍ଦ୍ର ଗୁଡିକୁ ସନିଟାଇଜ କରାଯାଇ ସାମାଜିକ ଦୂରତା ,ମାସ୍କ ଓ ସାନିଟାଇଜର କୁ ଗୁରୁତ୍ୱ ଦିଆଯାଇଛି ।ପରୀକ୍ଷାକୁ ସୁଚାରୁ ଭାବରେ ପରିଚାଳନା କରାଯିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA — ODIA WEEKLY

www.samparkabarta.in

ପୃଷ୍ଠା ୮


| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ଖୋର୍ଦ୍ଧାରେ ଖବରକାଗଜ ହକରମାନଙ୍କୁ ପରିଚୟପତ୍ର ବଣ୍ଟନ

**ଭୁବନେଶ୍ୱର(ରବିନ୍ଦ୍ର କୁମାର ନାୟକ, ହକର):-** ଖବରକାଗଜ ହକରମାନଙ୍କୁ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ଣରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗଣମାଧମ ଓ ଲୋକସଂପର୍କ ଉପଦେଷ୍ଟା ମାନସ ରଂଜନ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଖବରକାଗଜ ହକରମାନଙ୍କୁ କୋଭିଡ୍ ସହାୟତା ପ୍ରଦାନ ଓ ପରିଚୟପତ୍ର ପ୍ରଦାନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପଦକ୍ଷେପ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ମଂଗରାଜ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଗତ ଡିସେମ୍ବର ମାସ ୨୩ ତାରିଖରେ ଖବରକାଗଜ ହକରମାନଙ୍କୁ ସତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଥିଲେ। ରାଜ୍ୟର ପ୍ରାୟ ୭୩୦୦ ହକରମାନଙ୍କୁ ତାଲିକା ଭୁକ୍ତ କରି ସତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ ଖୋର୍ଦ୍ଧା ଉପଖଣ୍ଡର ୬ଟି ବ୍ଲକର ୧୬୭ ଜଣ ହକରଙ୍କୁ ପଂଜୀକୃତ କରାଯାଇଛି । ଖବରକାଗଜ ହକରମାନଙ୍କୁ ମଧ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ କରି ସହାୟତା ପ୍ରଦାନ କରାଯିବ । ସେମାନଙ୍କୁ ପରିଚୟ ପତ୍ର ଦେବା ଦ୍ୱାରା ସେମାନେ ବିଶେଷ ସୁବିଧା ପାଇବେ । ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ କହିଥିଲେ ଯେ, ଖବରକାଗଜ ହକରମାନେ ସେମାନଙ୍କର ସେବା ପାଇଁ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ମାନ୍ୟତା ଦିଆଯାଇଛି । ରାଜ୍ୟରେ ୭ ହଜାରରୁ ଉର୍ଦ୍ଧ୍ୱ ହକରମାନଙ୍କର ଡାଟା ବେସ ପ୍ରସ୍ତୁତ କରାଯାଇଛି । ସେମାନଙ୍କୁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପଂଜୀକୃତ ହକରମାନଙ୍କୁ ଆକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁ, ପ୍ରାକୃତିକ ମୃତ୍ୟୁ,




ଦୁର୍ଘଟଣା ଯୋଗୁଁ ସଂପୂର୍ଣ୍ଣ ଶାରିରୀକ ଅକ୍ଷମ, ଶରୀରର ଅଙ୍ଗ ଅକ୍ଷମ କ୍ଷେତ୍ରରେ ସେମାନଙ୍କୁ ବା ସେମାନଙ୍କର ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗାନ୍ତକାରୀ ନିଷ୍ପତି ଯୋଗୁଁ ଖବରକାଗଜ ହକରମାନେ ଉପକୃତ ହେବେ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପରିଚୟ ପତ୍ର ପାଇବା ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଂଚଳରେ କାର୍ଯ୍ୟକରୁଥିବା ହକରମାନଙ୍କର ବିଶେଷ ସୁବିଧା ହେବ । ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ କହିଲେ ଯେ, ଖବରକାଗଜ ହକରମାନଙ୍କୁ କୋଭିଡ୍ ସହାୟତା ଓ ପରିଚୟ ପତ୍ର ପ୍ରଦାନ କରାଯାଇ ସେମାନଙ୍କର ଶ୍ରମର ମର୍ଯ୍ୟାଦା ଦିଆଯାଇଛି। ସେମାନେ ଖରା, ବର୍ଷା, ଶୀତ ଓ ବର୍ଷର ସବୁ ସମୟରେ ପରିଶ୍ରମ କରି ଲୋକମାନଙ୍କ ନିକଟରେ ସଂବାଦପତ୍ର ପହଁଚାଉଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁଁ ଖବର କାଗଜ ହକରମାନେ ଉପକୃତ ହେଉଛନ୍ତି । ଖବରକାଗଜ ହକର ଜିତେନ୍ଦ୍ର ବେହେରା କହିଥିଲେ ଯେ, କୋଭିଡ୍ ସହାୟତା ଓ ପରିଚୟ ପତ୍ର ପାଇ ଆମେ ହକରଭାଇମାନେ ବିଶେଷ ଖୁସି ଅଛୁ । କୋଭିଡ୍ କଟକଣା ପରିପ୍ରେକ୍ଷୀରେ ଆଜି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପଖଣ୍ଡର ବିଭିନ୍ନ ବ୍ଲକର ୭୦ ଜଣ ହକରଙ୍କୁ ଆଜି ପରିଚୟ ପତ୍ର ବଣ୍ଟନ କରାଯାଇଥିବା ବେଳେ ଦିନେ ୨ ଦିନ ଭିତରେ ସମସ୍ତ ହିତାଧିକାରୀଙ୍କୁ ଏସବୁ ପରିଚୟ ପତ୍ର ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟରୁ ଗ୍ରହଣ କରିବେ । ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମାନସ ରଂଜନ ବିଶ୍ୱାଳ ସାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ମନୋଜ କୁମାର ପାତ୍ରୀ, ସୂଚନା ଓ ଲୋକସଂପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଭୁବନେଶ୍ୱର ପଠାଣି ରାଉତ ଓ ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

# କେନ୍ଦ୍ରାପଡା ବ୍ଲକ୍‌ରେ ଦୁଇ ବିଡିଓଙ୍କ ମଧ୍ୟରେ ଚୌକିକୁ ନେଇ ଟଣାଓଟରା

**କେନ୍ଦ୍ରପଡା(ସଂପର୍କବାର୍ତ୍ତା):-** କେନ୍ଦ୍ରାପଡା ବିଡିଓଙ୍କ ସିଟ୍ ଦଖଲକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି । ବଦଳି ହୋଇଥିବା ବିଡିଓ ନୂତନ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି । ସେ ଅପରାହ୍ନରେ ଖାଇବାକୁ ଯାଇଥିବା ବେଳେ ତାଙ୍କ ସିଟ୍‌ରେ କଟକରୁ କେନ୍ଦ୍ରପଡାକୁ ବଦଳି ହୋଇ ଆସିଥିବା ଜଣେ ନୂତନ ମହିଳା ଅଧିକାରୀ ବସିଯାଇଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ରାଜନୀତି ସରଗରମ ହୋଇପଡିଛି । ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ରାଜନୈତିକ ଗୋଷ୍ଠୀ ଛକାପଞ୍ଝାରେ ଅଛନ୍ତି । ଶାସକ ଦଳର ୨ଟି ଗୋଷ୍ଠୀ ବିଡିଓ ଅଶ୍ୱିନୀ ଦାସଙ୍କୁ ବଦଳି କରିଥିବା ବାହାବା ନେଉଥିବା ବେଳେ ଶାସକ ଦଳର ଅନ୍ୟ ଗୋଷ୍ଠି ସମେତ ବିରୋଧୀ କଂଗ୍ରେସ ଗୋଷ୍ଠୀ ମଧ୍ୟ ବିଡିଓ କିପରି ଏଠାରୁ ନଯିବେ ସେ ନେଇ ଯୋଜନା କରୁଛି । ଏପରିକି ଦୁଇଦିନ ତଳେ ଶାସକ ଦଳର ଗୋଟିଏ ଗୋଷ୍ଠି ସମେତ କଂଗ୍ରେସ ସମର୍ଥିତ ସରପଂଚ ଓ ସମିତିସଭ୍ୟମାନେ ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ବଦଳି ବାତିଲ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ




ନିବେଦନ କରିଥିଲେ। ହେଲେ ଗୁରୁବାର ମଧ୍ୟାହ୍ନରେ ବିଡିଓ ଅଶ୍ୱିନୀ କୁମାର ଦାସ ଖାଇବାକୁ ଯାଇଥିବା ବେଳେ ତାଙ୍କ ସିଟରେ ନୂତନ ବିଡିଓ ଭାବେ ଯୋଗଦେବାକୁ ଆସିଥିବା ବନ୍ଦନା ଖଟୁଆ ବସି ଯାଇଥିବାର ଦେଖିବାକୁ ମିଳିଛି । ବିଡିଓ ଶ୍ରୀ ଦାସ ଖାଇ ସାରି ତାଙ୍କ କାର୍ଯ୍ୟାଳୟକୁ ଆସିବା ବେଳେ ଯାଣିବାକୁ ପାଇଥିଲେ ଯେ କେନ୍ଦ୍ରାପଡକୁ ବଦଳି ହୋଇଥିବା ବନ୍ଦନା ଖୁଟଆ ତାଙ୍କ ସିଟ୍‌ରେ ବସି ଯାଇଛନ୍ତି । ତେଣୁ ସେ କ'ଣ କରିବେ କିଛି କରି ପାରିଲେ ନାହିଁ । ନିୟମ ଅନୁଯାୟୀ ନୂତନ ଭାବେ ଯେଉଁ ଅଧିକାରୀର ଯୋଗୀ ଦିଅନ୍ତି ତାଙ୍କୁ ସେ ସ୍ଥାନରେ ଥିବା ଅଧିକାରୀ ଦାୟିତ୍ୱ ହସ୍ତାନ୍ତର କରନ୍ତି । ନୂଆ ବିଡିଓଙ୍କୁ ଶାସକ ଦଳର ଗୋଟିଏ ଗୋଷ୍ଠୀ ସମର୍ଥନ କରୁଥିବା ବେଳେ ଶାସକ ଦଳର ଅନ୍ୟ ଗୋଷ୍ଠି ସମେତ ଅନ୍ୟ ରାଜନୈତିକ ଦଳର ଜନପ୍ରତିନିଧିମାନେ ଏହାକୁ ବିରୋଧ କରିଛନ୍ତି । ରାଜ୍ୟ ସରପଞ୍ଚ ମହାସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି ଯେ ବ୍ଲକରେ ଆଜି ଯାହା ଘଟିଲା ତାହା ଅତ୍ୟନ୍ତ ଅସୌଜନ୍ୟମୂଳକ ଘଟଣା । ଜଣେ ବିଡିଓ ଭାରମୁକ୍ତ ନହୋଇ ଖାଇବାକୁ ଯାଇଥିବା ବେଳେ ତାଙ୍କ ସିଟ୍‌ରେ ଅନ୍ୟ ଜଣେ ଅଧିକାରୀ ବସିଯିବା ଆଦୌ ଉଚିତ ନୁହେଁ । ତାହା ଅସ୍ୱାଭାବିକ କଥା । ତେଣୁ ଆମେ ଏଭଳି ଅସ୍ୱାଭାବିକ ଘଟଣାକୁ ବିରୋଧ କରୁଛୁ ବୋଲି ଶ୍ରୀ ଜେନା କହିଛନ୍ତି । ଏ ସଂକ୍ରାନ୍ତରେ ବିଡିଓ ଶ୍ରୀ ଦାସଙ୍କୁ ପଚାରିବାରୁ କହିଲେ ଯେ ମୁଁ ବିଡିଓ ଭାବେ ମୋ ଦାୟିତ୍ୱ ନୂତନ ବିଡିଓଙ୍କୁ ହସ୍ତାନ୍ତର କରିଥାନ୍ତି । ଏହାପରେ ସେ ଦାୟିତ୍ୱ ନେଇ ସିଟ୍ ରେ ବସିଥାନ୍ତେ । କିନ୍ତୁ ମୁଁ ଖାଇବାକୁ ଯାଇଥିବା ବେଳେ ମୋ ସିଟ୍ ଦଖଲ କରିବା ଏକ ଅସୌଜନ୍ୟ କଥା ତେଣୁ ମୁଁ କାର୍ଯ୍ୟାଳୟରୁ ଫେରି ଆସିଲି । ଏଭଳି ଘଟଣା ସରକାରୀ ଅଠିଧକାରୀଙ୍କ କ୍ଷେତ୍ରରେ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ଅପରପକ୍ଷରେ ନୂତନ ଭାବେ ଯୋଗ ଦେଇଥିବା କେନ୍ଦ୍ରପଡା ବିଡିଓ ବନ୍ଦନା ଖଟୁଆଙ୍କୁ ପଚାରିବାରୁ ସେ କହିଲେ ମୁଁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ତାଙ୍କୁ କହିଲି । ହେଲେ ସେ ଆସିଲେ ନାହିଁ ।

ଆସନ୍ତା କାଲି ସେ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି କହିଲେ । ତେଣୁ ମୁଁ ସିଟ୍‌ରେ ବସିଲି । ଏଥିରେ କୌଣସି ନିୟମ ଉଲଙ୍ଘନ ହୋଇନାହିଁ ବୋଲି ନୂଆ ବିଡିଓ ଶ୍ରମତୀ ଖଟୁଆ କହିଛନ୍ତି । ସାଧାରଣରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋରି ଧରିଛି ।

# ସର୍ବଭାରତୀୟ ସ୍ତରରେ ଓଡ଼ିଶା ଅଗ୍ନିଶମ ସେବା ପ୍ରଥମ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶା ଅଗ୍ନିଶମ ସେବା ସଂସ୍ଥାକୁ ୨୦୨୧ମସିହାର ସର୍ବଭାରତୀୟ ସ୍ତରରରେ ସର୍ବଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ଅଗ୍ନିଶମ ସେବା ସଂସ୍ଥା ଭାବରେ ବିବେଚନା କରାଯାଇଛି । ଦିଲ୍ଲୀରେ ନୋଇଡାରେ ଡିସେମ୍ବର ୨ରୁ ୫ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆନ୍ତର୍ଜାତିକ ଫାୟାର ଇଣ୍ଡିଆ-୨୦୨୧ମେଳାରେ ଏହି ପୁରସ୍କାର ଘୋଷାଣା କରାଯାଇଛି । ଓଡିଶା ପଛକୁ ତାମିଲନାଡୁ ଅଗ୍ନିଶମ ସେବା ଦ୍ୱିତୀୟ ଗୁଜରାଟ ଅଗ୍ନିଶମ ସେବାକୁ ତୃତୀୟ ସ୍ଥାନ ମିଳିଛି । ଓଡିଶା ଅଗ୍ନିଶମ ସେବା ସଂସ୍ଥାର ବିପର୍ଯ୍ୟୟ ମୁକାବିଲା ଦକ୍ଷତାକୁ ବିଚାରକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡିଶା ପଛକୁ ତାମିଲନାଡୁ ଅଗ୍ନିଶମ ସେବା ସଂସ୍ଥା



ଖାଲି ରାଜ୍ୟରେ ନୁହେ, ବରଂ ଅନ୍ୟ ରାଜ୍ୟରେ ମଧ ବିପର୍ଯ୍ୟୟ ମୁକାବିଲା କରି ରାଜ୍ୟ ପାଇଁ ସୁନାମ ଆଣିବାରେ ସଫଳ ହୋଇଛି । ୨୦୧୪ରେ ହୁଡ ହୁଡ୍ ସମୟରେ ଆନ୍ଧ୍ରପ୍ରଦେଶ, ୨୦୧୮ରେ ମେଘାଳୟରେ ମାଇନିଂ ରେସକ୍ୟୁ କେରଳ ବନ୍ୟା, ପଶ୍ଚିମବଙ୍ଗରେ ଅମ୍ପାନ ମହାବାତ୍ୟା ସମୟରେ ସଫଳତାରେ ସହ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲା ଏହାସହ ରାଜ୍ୟରେ ତିତିଲି, ବୁଲବୁଲ ଓ ଫନି କରି ବାତ୍ୟା ସମୟରେ ବିପର୍ଯ୍ୟୟର ସଫଳ ମୁକାବିଲା କରିଥିଲେ। ଭାରତରେ ଓଡିଶା ଏକମାତ୍ର ରାଜ୍ୟ ଯେଉଁଠାରେ ଲୋକସଂଖ୍ୟା ଅନୁସାରେ ଅଗ୍ନିଶମ ଗାଡି ଯୋଗାଇ ଦିଆଯାଇଛି ଏବଂ ସାରା ଭାରତରେ ସବୁଠୁ ଅଧିକ ୩୪୨ଟି ଅଗ୍ନିଶ୍ରମ କେନ୍ଦ୍ର ରହିଛି। ସେହିପରି ରାଜ୍ୟରରେ ୫ଟି ଓଝଙ ଉରଜଞଓରଓରଉ ରଓଜର ଝଞଇ-ଞଓଙଘ ଓ ଗୋଟଏ ପଶିକ୍ଷଣ କେନ୍ଦ୍ର ଥିବା ବେଳେ, ଏହ ସମସ୍ତ କେନ୍ଦ୍ରକୁ multi-disaster response centre ଭାବରେ ରୂପାନ୍ତରିତ କରାଯାଇଛି। ଦେଶର ସର୍ବଶ୍ରେଷ୍ଠ ଅଗ୍ନିଶମ ସେବା ସଂସ୍ଥା ଭାବରେ ପୁରସ୍କୃତ ହୋଇଥିବାରୁ ଓଡିଶା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀଙ୍କ ମଧ୍ୟରେ ଖୁସିରେ ଲହରି ଖେଳି ଯାଇଛି ।

# ଖୁବଶୀଘ୍ର ବିଶ୍ୱରୁ ଦୂର ହୋଇଯିବ ଓମିକ୍ରନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓମିକ୍ରନର ସାଂଘାତିକ ସଂକ୍ରମଣ ଭିତରେ ଗୋଟିଏ ଆଶ୍ୱସ୍ତିକର କଥା ସାମ୍ନାକୁ ଆସିଛି । ବୈଜ୍ଞାନିକଙ୍କ ଦାବି ଓମିକ୍ରନ ଯେମିତି ତୀବ୍ର ଭାବରେ ବୃଦ୍ଧି ହୋଇବି, ସେହି ଅନୁପାତରେ କମିଯିବ । ଆମେରିକାର ରୋଗ ପ୍ରତିରୋଧକ ବିଶେରଜ୍ଞ ମୋନିକା ଗାନ୍ଧୀ ଏହା ସ୍ପଷ୍ଟ କରିଛନ୍ତି । କରୋନକୁ ନେଇ ଆଶ୍ୱସ୍ତିକର ଖବର ।

ଖୁବ ଶୀଘ୍ର ବିଶ୍ୱରୁ ଦୂର ହୋଇଯିବ ଓମିକ୍ରନ ! କରୋନାର ନୂଆ ପ୍ରଜାତି ଓମିକ୍ରନକୁ ନେଇ ସାରା ବିଶ୍ୱରେ ଦେଖା ଦେଇଛି ଆତଙ୍କ । ଦକ୍ଷିଣଆଫ୍ରିକାରୁ ଆରମ୍ଭ ହୋଇଥିବା ଏହି ମାରାତ୍ମକ ଭୂତାଣୁ ବର୍ତମାନ ବିଶ୍ୱର ୧୪୦ରୁ ଅଧିକ ଦେଶରେ ଖେଳିଗଲାଣି । ଡେଲଟା ତୁଳନାରେ ଏହି ନୂଆ ଭାରିଆଂଟର ଗୋଟିଏ ଦିଗ ହେଉଛି, ଏହା ଡେଲଟା ତୁଳନାରେ ଅଧିକ ସଂକ୍ରମଣ କ୍ଷମତା ରଖିଛି । ତେବେ ପୁରା ଓମିକ୍ରନ ସଂକ୍ରମଣକୁ ନେଇ ଅନୁଧାନ କରୁଥିବା ବିଶେଷଜ୍ଞ ଏବଂ ସଂସ୍ଥା ଯେଉଁ ରିପୋର୍ଟ ଦେଇଛି, ତାହା କିନ୍ତୁ ଆଶ୍ୱସ୍ତିକର । ଓମିକ୍ରନ ସଂକ୍ରମିତଙ୍କ ଠାରେ ଦେଖା ଦେଉନି ଜଟିଳ ସ୍ଥିତି ଅଧିକାଂଶ ଆକ୍ରାନ୍ତ ହସ୍ପିଟାଲରେ ଭର୍ତି ହେଉନାହାନ୍ତି

ଓମିକ୍ରନକୁ ନେଇ ଅନୁଧାନ କରୁଥିବା ସାନ ଫ୍ରାନ୍ସିସ୍କୋର କାଲିଫର୍ଣ୍ଣିଆ ୟୁନିଭର୍ସିଟିର ଇମ୍ୟୁନୋଲଜିଷ୍ଟ ମୋନିକା ଗାନ୍ଧୀ କହିଛନ୍ତି, ଆମ ସହିତ ସବୁବେଳେ ପାଇଁ ଏହି ଭୂତାଣୁ ରହିବ କିନ୍ତୁ ଆମର

- ଏହା ଫୁସଫୁସକୁ ସେତେଟା ସଂକ୍ରମିତ କରୁନାହିଁ
- କରୋନା ସଂକ୍ରମଣ ନାକରୁ ଆରମ୍ଭ ଗଳାରେ ଶେଷ
- କମ୍ କ୍ଷମତାର ସଂକ୍ରମଣ ପାଇଁ ଏହା ଘାତକ ହେଉନାହିଁ
- ଏହା କେବଳ ଉପର ଶ୍ୱାସକ୍ରୟା ଅଂଶକୁ କରୁଛି ପ୍ରଭାବିତ

ଆଶା ଏହି ଭୂତାଣୁ ଏତେ ପ୍ରତିରୋଧକ କ୍ଷମତା ସୃଷ୍ଟି କରିବ, ତାହା ମହାମାରୀକୁ ଦୂର କରିଦେବ ।


୨୦୨୧ ନଭେମ୍ବର ୨୪ ତାରିଖରେ ଦକ୍ଷିଣ ଆଫ୍ରକାରୁ ଚିହ୍ନଟ ହୋଇଥିବା କରୋନାର ଏହି ନୂଆ ପ୍ରଜାତିର ଭୂତାଣୁ । ଓମିକ୍ରନ ଆଫ୍ରିକାରୁ ଚିହ୍ନଟ ହୋଇଥିଲା କରୋନାର ଏହି ନୂଆ ପ୍ରଜାତିର ଭୂତାଣୁ । ଓମିକ୍ରନ ଆଫ୍ରିକାରେ ପ୍ରବେଶ କରିବା ପରେ ସେଠାରେ କରୋନାର ଚତୁର୍ଥ ଲହର ଆସିଥିଲା ଭର୍ତ୍ତି ହୋଇଥିବା ଆକ୍ରାନ୍ତଙ୍କ ଠାରେ ରହିଥିଲା ଗୁରୁତ୍ୱର ରୋଗ । ତୃତୀୟ ଲହର ତୁଳନାରେ ଚତୁର୍ଥ ଲହରରେ ଦକ୍ଷିଣଆଫ୍ରିକାରେ ହସ୍ପିଟାଲ ଭର୍ତ୍ତି ହାର କିନ୍ତୁ ୭୩ ପ୍ରତିଶତ କମି ଯାଇଥିବା ତଥ୍ୟ କହୁଛି । ଓମିକ୍ରନ ଦ୍ରୁତ ସଂକ୍ରମଣ ବଢାଇ ଦେଇଛି ଚିନ୍ତା । ଆରମ୍ଭରୁ ଏହି ମାରାତ୍ମକ ଭୂତାଣୁ ୩୦ରୁ ଅଧିକ ଥର ରୂପ ବଦଳାଇ ସାରିଥିବାରୁ ଏହାକୁ ନେଇ ଅଧିକ ଚିନ୍ତା ପ୍ରକଟ ହୋଇଛି ପୁରା ବିଶ୍ୱରେ । ସ୍ପାଇକ ପ୍ରୋଟିନକୁ ଭେଦ କରୁଥିବା ଏହି ନୂଆ ଭାରିଆଣ୍ଟ ଯେତିକି ବେଗରେ ସଂକ୍ରମିତ ହେଉଛି, ସେହି ହାରରେ ମଧ ତଳକୁ ଖସିବ ବୋଲି କେପଟାଉନର ବିଶେଷଜ୍ଞ ମତ ରଖିଛନ୍ତି ।

କାହିଁକି ଓମିକ୍ରନ ଠାରୁ ବିପଦ କମ୍ ? ପଶ୍ଚିମ ଦେଶ ଗୁଡିକରେ ମିଳିଥିବା ତଥ୍ୟ ଅନୁସାରେ ଦେଖିବାକୁ ମିଳିଛି

ଗତ ସପ୍ତାହରେ ଆସିଥିବା ୫ଟି ଅନୁଧାନ ତଥ୍ୟ କହୁଛି ଓମିକ୍ରନ ଭୂତାଣୁ ମଣିଷ ଶରୀରରେ ବର୍ତମାନ ଫୁସଫୁସକୁ ସଂକ୍ରମିତ କରିପାରୁନାହିଁ । ସଂକ୍ରମଣ ଅତ୍ୟଧିକ ମାତ୍ରାରେ ପହଁଚିଲେ ଏହାର କିଛିଟା ଦେଖିବାକୁ ମିଳୁଛି । ଆମେରିକା ଏବଂ ଜାପାନର ବୈଜ୍ଞାନିକ ମୂଷାଙ୍କ ଦେହରେ ଏହାକୁ ନେଇ ପରୀକ୍ଷା ମଧ କରି ସାରିଛନ୍ତି । ହଂକଂରେ କିଛି ଆକ୍ରାନ୍ତଙ୍କ ଠାରୁ ଫୁସଫୁସରୁ ସଂଗ୍ରହ କରି ପରୀକ୍ଷା ପାଇଁ ପଠା ଯାଇଥିଲା ସେଥିରୁ ସଂକ୍ରମଣ ହାର ଖୁବ୍ କମ୍ ଜଣାପଡିଥିଲା

ଓମିକ୍ରନ ସଂକ୍ରମଣ ଯେତେ ଦ୍ରୁତ କ୍ଷମତା ରଖୁଛି, ଏହାର ହାର ବଢିବା ପରି ଏହାର ମଧ କମ୍ ହୋଇଯିବ ବୋଲି ଆକଳନ କରିଛନ୍ତି କାଲିଫର୍ଣ୍ଣିଆ ୟୁନିଭର୍ସିଟି ବିଶେରଷଜ୍ଞ ମୋନିକା ଗାନ୍ଧୀ । ୨୦୨୨ ଶେଷ ଆଡକୁ ଓମିକ୍ରନ ପ୍ରଭାବ କମ୍ ହୋଇଘାଇଥିବା ବୋଲି ସେ ପୂର୍ବାନୁମାନ କରିଛନ୍ତି । ତେବେ ଏହାକୁ ନେଇ ଅଧିକ ଅନୁଧାନର ଆବଶ୍ୟକତା ଥିବା ସେ ସ୍ପଷ୍ଟ କରିଛନ୍ତି । ଦକ୍ଷିଣଆଫ୍ରକାରେ ପ୍ରଥମେ ଦେଖା ଦେଇଥିବା ଓମିକ୍ରନ ସଂକ୍ରମଣ , ବର୍ତମାନ ତଳ ମୁହାଁ ହୋଇଗଲାଣି । ମାତ୍ର ଦୁଇ ମାସର ବ୍ୟବଧାନରେ ଏହା ଦେଖିବାକୁ ମିଳିଛି ।

# ଏସ୍. ସୁଶ୍ରୀ ନୂଆ ଟ୍ରାଫିକ୍ ଡିସିପି



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭୁବନେଶ୍ୱର କମିଶନରେଟ ପୋଲିସରେ ଟ୍ୱିଁନ ସିଟି ପାଇଁ ନୂଆ ଟ୍ରଫିକ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ଏସ୍ . ସୁଶ୍ରୀ । ନୂଆ ଆଇପିଏସ୍ ଟୁଇନସିଟିର ଟ୍ରଫିକକୁ ସଜାଡିବା ପାଇଁନ୍ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ସ୍ପିଡ ବାଇକ, ଆବାଜ ସାଇଲେନସର, ରଙ୍ଗ ଡ୍ରାଇଭିଂ ସହିତ ବିନା ହେଲମେଟ୍ ଓ ସିଟ୍ ବେଲ୍ଟ ପିନ୍ଧୁନଥିବା ଚାଳକଙ୍କ ଉପରେ ହେବ ଆକ୍ସନ । ରାଜଧାନୀର ପଲାସୁଣୀ ପଟିଆ ଓ ଅନ୍ୟ ସ୍ଥାନରେ ହେଉଥିବା ଟ୍ରାଫିକ୍ ସମସ୍ୟା ଉପରେ ନଜର ଦିଆଯିବ ବୋଲି କହିଛନ୍ତି ନୂଆ ଟ୍ରାଫିକ୍ ଡିସିପି । ଏହା ସହ ପ୍ରଥମେ ଏଠାକାର ସମସ୍ୟାଗୁଡିକ ବୁଝିବି ଏବଂ ସେହି ଅନୁସାରେ ସମାଧାନର ବାଟ ଖୋଜିବି ବୋଲି କହିଛନ୍ତି ନୂଆ ଟ୍ରାଫିକ ଡିସିପି ।

# ଶାଢୀ ଚୋରି କରି ସହକାରୀ ରାଜସ୍ୱ ନିରୀକ୍ଷକ ଗିରଫ



**ସମ୍ବଲପୁର(ସଂପର୍କବାର୍ତ୍ତା):-** କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲାରେ ଜଣେ ପୁଲିସ୍ ଏଏସ୍ଆଇ ଛେଳି ଚୋରି କରି ଚର୍ଚ୍ଚାକୁ ଆସିଥିବା ବେଳେ ଆଜି ଶାଢି ଚୋରି କରି ଫସିଛନ୍ତି ଆଉ ଜଣେ ସରକାରୀ ଚାକିରିଆ । ଘଟଣାଟି ଘଟିଛି ସମ୍ବଲପୁରରେ । ଶାଢି ଚୋରି କରି ଗରିଫ ହୋଇଥିବା ଏହି ସରକାରୀ ଚାକିରିଆ ଜଣେ ମହିଳା ତାଙ୍କ ନାଁ ସନ୍ଧ୍ୟା ଆନନ୍ଦ ଦୋରା ସେ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍ଆଇ) ଅଛନ୍ତି । ଏବେ ସେ ସମ୍ବଲପୁର ଜିଲ୍ଲା ଯୁଯୁମରା ତହସିଲ୍ କାର୍ଯ୍ୟାଳୟରେ ଅଛନ୍ତି । ସନ୍ଧ୍ୟା ଆନନ୍ଦ ସମ୍ବଲପରୁ ସହରର ଭିଏସ୍ଏସ୍ ମାର୍ଗ ସ୍ଥିତ ଏକ ଶୋ-ରୁମରୁ ଶାଢି ଚୋରି କରିଥିଲେ । ପଢନ୍ତୁ ଓଡିଶା ରିପୋର୍ଟର ଖବର ଏବେ ଟେଲିଗ୍ରାମ୍‌ରେ । ସମସ୍ତ ବଡ ଖବର ପାଇବା ପାଇଁ ଏଠାରେ କରନ୍ତୁ ।

# ଥାନା ଅଧିକାରୀଙ୍କୁ ଛୁରାମାଡ଼

**ଭବାନୀପାଟଣା(ସଂପର୍କବାର୍ତ୍ତା):-** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ମୁଖିଗୁଡା ଓ ଏଚ୍‌ପିସି କର୍ମଚାରୀ କୂଳମଣୀ ରଥ ଶନିବାର ରାତିରେ କର୍ମଚାରୀ କାଳୁଚରଣ ଭୂୟାଁ ଓ ତାଙ୍କ ପୁଅ ଦିପ୍ତୀ କୃଷ୍ଣଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପୋଲିସ୍ ଗିରଫ କରିବା ପାଇଁ ଯାଇଥିବା ବେଳେ କୂଳମଣୀଙ୍କ ଛୁରାମାଡରେ ଜୟପାଟଣା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ଆହାତ ହୋଇଛନ୍ତି । ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ।

# କୋଭିଡ୍ ଲକ୍ଷଣ କ'ଣ ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତରେ ପୁଣି ଥରେ କରୋନାର ସଂକ୍ରମଣ ଦ୍ରୁତ ଗତିରେ ବଢିବାରେ ଲାଗିଛି । ଗତ ୨୪ ଘଣ୍ଟାରେ ୧,୧.୧୦ ନୂଆ ସଂକ୍ରମଣ ମାମଲା ଓମିକ୍ରନର ସଂକ୍ରମଣ ଆହୁରି ଭୟଭୀତ କରିଛି । ଏବେ ଓମିକ୍ରନ୍‌ର ସଂକ୍ରମଣ ଦେଶରେ ବୃଦ୍ଧି ପାଇ ୩୦୦୭ରେ ପହଞ୍ଚିଛି । ଓମିକ୍ରନ୍‌ର ଲକ୍ଷଣ ସଂପର୍କରେ ହେଲ୍‌ଥ ଏକ୍ସପର୍ଟଙ୍କ ଦ୍ୱାରା ସୂଚନା ଦିଆଯାଉଛି । ଏମ୍ସ କହିଥିବା ଓମିକ୍ରନ୍‌ର ୫ ଲକ୍ଷଣ ହେଉଛି- ୧. ଶ୍ୱାସ ନେବାରେ କଠିନ ଅନୁଭବ କରିବା । ୨. ଅକ୍ସିଜେନ୍ ଲେଭଲ୍‌ରେ ହ୍ରାସ ପାଇବା, ୩-ଛାତିରେ ଦରଜ ଓ ଚାପ ଅନୁଭବ କରିବା, ୫-ଯଦି ଲକ୍ଷଣ ୩-୪ ଦିନରୁ ଅଧିକ ରୁହେ ଓ ଅଧିକ ଖରାପ ହୁଏ ।

# କୋଭିଡ୍ ରେ କ'ଣ ଖାଇଲେ ସୁସ୍ଥ ରହିବେ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗତ ଦୁଇ ବର୍ଷ ହେବ କୋଭିଡ୍‌ର ପ୍ରକୋପରେ ହନ୍ତସନ୍ତ ହେଉଛନ୍ତି ଲୋକେ । ଏହାରି ଭିତରେ ଶରୀରକୁ ନିରୋଗ ରଖିବା ହେଉଛି ଏକ ବଡ ଆହ୍ୱାନ । ଆଉ ଏବର ପରିସ୍ଥିତି ଯାହା କୋଭିଡ୍‌ରେ ଆକ୍ରାନ୍ତ ହୋଇ ଅନେକ ଭୟଭିତ । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିବା କଥା ସବୁବେଳେ ସବୁ ପରିସ୍ଥିତିରେ ବି ନିଜକୁ ନିଜେ ସୁରକ୍ଷା ଦେଇପାରିଲେ ନିଜ ଲାଇଫଷ୍ଟାଇଲକୁ ଯଦି ଆପଣ ଠିକ୍ ରଖୁଛନ୍ତି, ବିଶେଷ କରି ନିଜ ଖାଦ୍ୟପେୟ । ଏହାରି ଭିତରେ ଏ କଥା ମଧ କୁହାଯାଇଛି କି କୋଭିଡ୍‌କୁ ଶୀଘ୍ର ଠିକ୍ ହେବା ପାଇଁ କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା ଦରକାର ଓ କୋଭିଡ୍ ପରେ ବି ଏହାକୁ ସେବନ କରିବା କାହିଁକି ଜରୁରୀ । ଡକ୍ଟରଙ୍କ କହିବା କଥା ଡାଏଟ୍‌ରେ କଖାରୁ ମଞ୍ଜି, କାଜୁ, ମାଛ ଭଳି ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ । ଏଥିରେ ଥିବା ମିନେରାଲ୍ ଜିଙ୍କ୍ ଭଲ ହେବା ପାଇଁ ଅଧିକ ଲାଭଦାୟକ ଜଣାଯାଏ । ଏଥିରେ ମାଇକ୍ରୋନ୍ୟୁଟ୍ରିଏଣ୍ଟ ଆଣ୍ଟିଅକ୍ସିଡେଣ୍ଟ, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟି ଇନ୍‌ଫ୍ଲେମେଣ୍ଟୋରି ଗୁଣ ରହିଛି । ଯାହା ଜୀବାଣୁକୁ ଅଧିକ ଶକ୍ତିଶାଳୀ ହେବାରୁ ରୋକିଥାଏ । ଶରୀରରେ ରୋଗ ସହ ଲଢିବାକୁ ଥିବା ଇମ୍ୟୁନିଟି ସିଷ୍ଟମ୍‌କୁ ଅଧିକ ବୃଦ୍ଧି କରିବା ପାଇଁ ଭିଟାମିନ୍-ସି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାକୁ ଆକ୍ସୋରବିକ ଏସିଡ୍ ମଧ କୁହାଯାଏ । ଜଳରେ ଦ୍ରବିଭୂତ ଭିଟାମିନ୍-ସି ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର ଅଟେ । ଯାହା ଆମ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଭିଟାମିନ୍-ସି ପାଇଁ ଆପଣ ଖଟା ଫଳ, ଗାଢ ସବୁଜ ପନିପରିବା, କିୱି, ବ୍ରୋକଲି, ଷ୍ଟବେରି ଏବଂ ଅମୃତଭଣ୍ଡା ପରି ଖାଦ୍ୟପଦାର୍ଥ ସେବନ କରନ୍ତୁ ।

ଏ କଥା ବି ମଧ କୁହାଯାଇଛି କି କରୋନା ମୁକାବିଲା ପାଇଁ ଭିଟାମିନ୍-ଡି ମଧ ବହୁତ ଉପକାରୀ । ଷ୍ଟଡିରୁ ଜଣାପଡିଛି କି ଭିଟାମିନ୍-ଡି କୋଭିଡ୍‌ରୁ ମୁକ୍ତ ହେବାର ମହତ୍ତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଛି । ତେଣୁ ଡାଏଟ୍‌ରେ ପ୍ରତିଦିନ ଅଣ୍ଡା, ଛତୁ, କ୍ଷୀର ଓ ଦହି ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ । ପ୍ରୋଟିନ୍, ମାଂସପ୍ରେମୀ ହାଡକୁ ଶକ୍ତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ । ଶରୀରର କୋଷୀକାକୁ ମଧ ଠିକ୍ କରିଥାଏ । ଏମିତିକି ଇମ୍ୟୁନିଟି ସିଷ୍ଟମକୁ ବୁଷ୍ଟ କରିଥାଏ । ତେଣୁ ଖାଦ୍ୟରେ ଡାଲି, ବାଦାମ, ଡେଲି ପ୍ରଡକ୍ଟ ଚିକେନ୍, ମାଛ ଏସବୁ ସାମିଲ୍ କରନ୍ତୁ । ଦେଖିବେ ରୋଗ ଆପଣଙ୍କୁ ଦୂରେଇ ରହିବ । ନାଚ୍ୟୁରାଲ୍ ଆଣ୍ଟିଭାଇରାଲ୍ ଫୁଡ୍ ଯାହା ଥଣ୍ଡାରେ ଶର୍ଦ୍ଦିରୁ ରକ୍ଷା ପାଇବା ପାଇଁ ଭରପୁର ମାତ୍ରାରେ ନିଆଯାଏ । ଯେମିତିକି ତୁଳସୀ, ଅଦା, ଗୋଲମରିଚ, ଲବଙ୍ଗ ଏବଂ ରସୁଣ ଭଳି ପଦାର୍ଥ ଲାଭପ୍ରଦ ହୋଇଥାଏ । କୋଭିଡ୍-୧୯ରେ ପୀଡିତ ଥିଲେ ଏସବୁ ନେଇ ବି ଆପଣ କାଢା କରି ପିଇ ପାରିବେ । ରୋଗ ସମୟରେ ଶରୀରେ ଷ୍ଟ୍ରେନ୍ଥ ବଢାଇବାକୁ ଓ ଏନର୍ଜି ପାଇଁ ବଡି ହାଇଡ୍ରେଟେଡ୍ ରହିବା ଆବଶ୍ୟକ । ହେଲ୍‌ଥୀ ଡ୍ରିଙ୍କ୍ସ କେବଳ ନା ଆପଣଙ୍କୁ ମିନେରାଲ୍ସ ଓ ଭିଟାମିନ୍ ଦେବ ତାହା ସହ ଆପଣଙ୍କ ଶରୀରରୁ ବିଶାକ୍ତ ପଦାର୍ଥ ମଧ ବାହାର କରିବ । ଏଥିପାଇଁ ଆପଣ ପଇଡ଼ ପାଣି, ଅଁଳା ରସ, କମଳା ରସ, ତା ସହ ଭେଜିଟେବୁଲ୍ ଜୁସ୍ ମଧ ପିଇପାରିବେ । ଏହି ସମୟରେ ଶରୀରରେ ପାଣିର ଅଭାବ ହେବାକୁ ଦିଅନ୍ତୁ ନାହିଁ ।

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera